بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

ବଦର

Weekly BADAR Qadian Odia

କାଦିଆନ


ଅଲ୍ଲାଃତାଲାଙ୍କ ବାଣୀ

ସାଧୁ ଲୋକଙ୍କ ସାହଚର୍ଯ୍ୟତ୍ୱ ଗ୍ରହଣ କରିବାର ଆଦେଶ ।

وَاصۡبِرۡ نَفۡسَکَ مَعَ الَّذِیۡنَ یَدۡعُوۡنَ رَبَّہُمۡ بِالۡغَدٰوۃِ وَالۡعَشِیِّ یُرِیۡدُوۡنَ وَجۡہَہٗ وَلَا تَعۡدُ عَیۡنٰکَ عَنۡہُمۡ تُرِیۡدُ زِیۡنَۃَ الۡحَیٰوۃِ الدُّنۡیَا

ଅନୁବାଦ: "ଏବଂ ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ସକାଳେ ଓ ସନ୍ଧ୍ୟାରେ ତାହାଙ୍କୁ ଡାକନ୍ତି, ତୁମ୍ଭେ ସେମାନଙ୍କ ସଙ୍ଗରେ ରୁହ ଓ ପାର୍ଥିବ ଜୀବନରେ ସୁଖ ଲାଭ କରିବା ସକାଶେ ସେମାନଙ୍କସ ଠାରୁ ନିଜର ଦୃଷ୍ଟି ଫେରାଇ ନିଅ ନାହିଁ ।" **(ଅଲ୍ କହଫ୍-29)**

ସମ୍ପାଦକ: କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ **ଗ୍ରନ୍ଥଖଣ୍ଡ: 11 | ସଂଖ୍ୟା:43-44** 10-17 ଜମାଦିଉଲ୍ ଅୱଲ୍ 1448 ହି.କ, 22-29 ଇଖା 1405 ହି.ଶ, 22-29 Oct 2026



ଆଁହ୍ ସ.ଅଙ୍କ ବାଣୀ

ପବିତ୍ର କୁରଆନର ଶିକ୍ଷା ଅର୍ଥାତ୍ ଅଧ୍ୟୟନ ଓ ଅଧ୍ୟାପନା ସଭା।

عَنۡ أَبِي هُرَيۡرَةَ رَضِيَ اللهُ عَنۡهُ قَالَ: قَالَ رَسُولُ اللهِ ﷺ: مَا اجۡتَمَعَ قَوۡمٌ فِي بَيۡتٍ مِنۡ بُيُوتِ اللهِ، يَتۡلُونَ كِتَابَ اللهِ، وَيَتَدَارَسُونَهُ بَيۡنَهُمۡ، إِلَّا نَزَلَتۡ عَلَيۡهِمُ السَّكِينَةُ، وَغَشِيَتۡهُمُ الرَّحۡمَةُ، وَحَفَّتۡهُمُ الۡمَلَائِكَةُ، وَذَكَرَهُمُ اللهُ فِيمَنۡ عِنۡدَهُ.

ଅନୁବାଦ: "ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଛନ୍ତି: "ଯେଉଁ ଲୋକମାନେ ଅଲ୍ଲାଃଙ୍କ ଘରମାନଙ୍କ (ମସଜିଦ୍) ମଧ୍ୟରୁ କୌଣସି ଘରେ ଏକତ୍ରିତ ହୁଅନ୍ତି, ଅଲ୍ଲାଃଙ୍କ ଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍) ପାଠ କରନ୍ତି ଏବଂ ପରସ୍ପରକୁ ଏହାର ଶିକ୍ଷା ଦିଅନ୍ତି ଓ ନିଅନ୍ତି ତେବେ ସେମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହୋଇଥାଏ । ଦୟା ସେମାନଙ୍କୁ ଘୋଡ଼ାଇ ନେଇଉଥାଏ । ଦେବଦୂତମାନେ ସେମାନଙ୍କୁ ଘେରି ରହନ୍ତି ଏବଂ ଅଲ୍ଲାଃତାଲାଙ୍କ ପାଖରେ ଉପସ୍ଥିତ ଥିବା ଲୋକମାନଙ୍କ (ଦେବଦୂତମାନଙ୍କ) ସମ୍ମୁଖରେ ଅଲ୍ଲାଃତାଲା ସେହି ଲୋକମାନଙ୍କର ଚର୍ଚ୍ଚା କରନ୍ତି ।"

(ସହିହ ମୁସ୍‌ଲିମ, କିତାବୁଜ୍ ଜିକର୍ ୱଦ୍ ଦୁଆ, ଅତ୍ ତୌବତା ୱଲ୍ ଇସ୍ତିଗ୍‌ଫାରି, ବାବ୍-ଫଜ୍‌ଲୁଲ୍ ଇଜ୍‌ତିମାଇ ଅଲା ତିଲାୱତିଲ୍ କୁର୍‌ଆନି ୱ ଅଲଜ୍ ଜିକ୍ରି, ହଦିସ୍ ନଂ-2699)



ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

ଧାର୍ମିକ ସଭାଗୁଡ଼ିକରେ ଧର୍ମବିଶ୍ୱାସର ସୁରକ୍ଷା ଏବଂ ସତ୍ୟ କହିବାର ଆବଶ୍ୟକତା ।

ପୁଣ୍ୟଶ୍ଲୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: "ମୋର ତ' ଏହି ଧର୍ମମତ ରହିଛି ଏବଂ ଜଣେ ପ୍ରକୃତ ବିଶ୍ୱାସକାରୀର ମଧ୍ୟ ଏହି ମାର୍ଗ ହେବା ଉଚିତ୍ ଯେ, ଯଦି ସେ କଥା କହେ ତେବେ ପୂର୍ଣ୍ଣ ସତ୍ୟ କହୁ, ନଚେତ୍ ନୀରବ ରହୁ । ଯେତେବେଳେ ତୁମେମାନେ ଦେଖିବ ଯେ କୌଣସି ସଭାରେ ଅଲ୍ଲାଃ ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ହସ ଓ ଉପହାସ କରାଯାଉଛି ତେବେ ସେପିରପ୍ରେକ୍ଷୀରେ ତୁମେମାନେ ସେଠାରୁ ଉଠି ଚାଲିଆସ । କାରଣ ତୁମେମାନେ ଯେପରି ସେମାନଙ୍କ ମଧ୍ୟରେ ଗଣ୍ୟ (ଗଣା) ନ ହୁଅ, ନଚେତ୍ ସମ୍ପୂର୍ଣ୍ଣ ଭାବେ ଖୋଲାଖୋଲି ଉତ୍ତର ଦିଅ । ଦୁଇଟି ହିଁ ମାର୍ଗ ଅଛି (1) ଉତ୍ତର ଦିଅ (2) ନୀରବ ରହିବା । ତୃତୀୟ ମାର୍ଗ ହେଉଛି କପଟତା । ଅର୍ଥାତ୍ ସଭାରେ ବସି ରହିବା ଏବଂ ସେମାନଙ୍କ ହଁ ରେ ହଁ ମିଳାଇବା କିମ୍ବା ଚପା ସ୍ୱରରେ ଓ ଗୋପନରେ ନିଜ ବିଶ୍ୱାସର ପରିପ୍ରକାଶ କରିବା ।"

(ମଲ୍‌ଫୁଜାତ୍, ଗ୍ରନ୍ଥଗ୍ରନ୍ଥଖଣ୍ଡ-5, ପୃ-449, ବଦର୍ 14 ମାର୍ଚ୍ଚ 1908 ମସିହା)

☆☆☆



ତଫସିର୍ କବିର୍‌ରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)

ଧାର୍ମିକ ସଭାର ମହତ୍ତ୍ୱ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: " ମୁଁ ବଡ଼ ଦୁଃଖର ସହିତ ଏକଥା ପ୍ରକାଶ କରୁଛି ଯେ, କେତେକ ବନ୍ଧୁମାନେ ଅଛନ୍ତି ଏବଂ ଯଦିଓ ସେମାନଙ୍କ ସଂଖ୍ୟା ସ୍ୱଳ୍ପ ଅଟେ । କିନ୍ତୁ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ମଧ୍ୟ ସେମାନେ ସଭାରୁ ଉଠି ଚାଲିଯାଆନ୍ତି ଏବଂ ବାହାରେ ବୁଲାବୁଲି କରନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରତ୍ୟେକ ଗୋଷ୍ଠୀରେ କିଛି ଦେଖାଣିଆ ସଦସ୍ୟ ମଧ୍ୟ ଥାଆନ୍ତି ଯେଉଁମାନେ ସଭାରେ ନିଜର ଉପସ୍ଥିତି ଜାହିର୍ କରିବା (ଦେଖାଇବା) ପରେ ସ୍ଥାନ ଛାଡ଼ି ଚାଲିଯାଆନ୍ତି । ପବିତ୍ର କୁରଆନ୍ ଶରୀଫ୍‌ରେ ମଧ୍ୟ ଆସିଛି ଯେ ଏପରି ଦେଖାଣିଆ ଲୋକ ରସୁଲ୍ କରୀମ୍ ସ.ଅଙ୍କ ସମୟରେ ମଧ୍ୟ ଥିଲେ । ଯେତେବେଳେ ସଭା ଅନୁଷ୍ଠିତ ହେଉଥିଲା ସେତେବେଳେ ସେମାନେ ମଧ୍ୟ ଆସି ଯାଉଥିଲେ । କଥାବାର୍ତ୍ତା ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ଉପରେ ନଜର ପଡୁଥିଲା । ସହାବାମାନେ ସେମାନଙ୍କୁ ଦେଖୁଥିଲେ। କିନ୍ତୁ ଯେତେବେଳେ କାମ ଆରମ୍ଭ ହୋଇଯାଉଥିଲା ସେତେବେଳେ ସେମାନେ କଣେଇ କଣେଇ ଚୁପଚାପ୍ ଖସିଯିବାକୁ ଲାଗୁଥିଲେ । ଅଲ୍ଲାଃତାଲା ଏପରି ଲୋକମାନଙ୍କ ସଂପର୍କରେ କୁହନ୍ତି: "قَدۡ يَعۡلَمُ اللّٰهُ الَّذِيۡنَ يَتَسَلَّلُوۡنَ مِنۡكُمۡ لِوَاذًا" ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେଉଁମାନେ କଣେଇ କଣେଇ ଚୁପଚାପ୍ ସଭାରୁ ଖସି ପଳାନ୍ତି ଅଲ୍ଲାଃତାଲା ସେମାନଙ୍କୁ ଭଲ ଭାବେ ଜାଣନ୍ତି । ଏପରି ଦେଖାଣିଆ ସଦସ୍ୟ ଏଠାରେ ମଧ୍ୟ ଥିବେ । କିନ୍ତୁ ଅନେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଏହି କଥାର ଗୁରୁତ୍ୱକୁ ବୁଝନ୍ତି ନାହିଁ ଏବଂ ସେମାନେ ଜାଣନ୍ତି ନାହିଁ ଯେ, ସେମାନଙ୍କର ଏହି କାର୍ଯ୍ୟ କେତେ ଖରାପ ଓ ଜଘଣ୍ୟ ଅଟେ । ହ. ମୁସଲେହ୍ ମଉଦ୍ ର.ଅ କହିଲେ, "ହଦିସ୍‌ଗୁଡ଼ିକରେ ଉଲ୍ଲିଖିତ ହୋଇଛି ଯେ, ଏକଦା ରସୁଲ୍ କରୀମ୍ ସ.ଅ ଭାଷଣ ଦେଉଥିଲେ ଏବଂ ଆପଣ ସ.ଅ କହିଲେ ଯେ, ଅଲ୍ଲାଃତାଲା ମୋତେ ଜଣାଇଛନ୍ତି ଯେ, ଏହି ସଭାକୁ ଜଣେ ବ୍ୟକ୍ତି ଆସିଲା । ସେ ଦେଖିଲା ଯେ, ସଭା ପୂର୍ଣ୍ଣ ହୋଇଯାଇଛି ଏବଂ ତା' ପାଖକୁ ସ୍ୱର କଷ୍ଟରେ ପହଞ୍ଚୁଥିଲା। କିନ୍ତୁ ସେ ଏହା ଭାବି ବସିଗଲା ଯେ, ଏଠାରେ 'ଅଲ୍ଲାଃଙ୍କ ଚର୍ଚ୍ଚା (ଜିକ୍ରେ ଇଲାହୀ) ହେଉଛି । ତେଣୁ ଏଠାରୁ ଉଠି ଯିବା ଉଚିତ୍ ନୁହେଁ । ଅତଏବ୍ ସେ ସଂକୋଚ ତଥା ଲାଜ କରି ବସିଗଲା । ଅଲ୍ଲାଃତାଲା କହିଲେ, "ମୁଁ ମଧ୍ୟ ତା'ର ପାପଗୁଡ଼ିକ ବିଷୟରେ ସଂକୋଚ (ଲଜ୍ଜା ଅନୁଭବ) କରିବି ଏବଂ ସେଗୁଡ଼ିକ ପାଇଁ ତାକୁ ଧରିବି ନାହିଁ (କ୍ଷମା କରିଦେବି)।" ପୁନଶ୍ଚ ଆଉ ଜଣେ ବ୍ୟକ୍ତି ଆସିଲା । ସେ ମଧ୍ୟ ଦେଖିଲା ଯେ ସଭାରେ ବସିବା ପାଇଁ ଜାଗା ନାହିଁ, କିନ୍ତୁ ସେ ଏଣେତେଣେ ଖୋଜି ଏପରି ଏକ ସ୍ଥାନରେ ବସିଗଲା ଯେଉଁଠାରୁ ସ୍ୱର ଶୁଣାଯାଇପାରିବ । ଅଲ୍ଲାଃତାଲା କହିଲେ, "ଯେପରି ଏହି ବ୍ୟକ୍ତି ଚେଷ୍ଟା କରି ଆଗକୁ ବଢ଼ିଲା, ମୁଁ ମଧ୍ୟ ତାକୁ ମୋର ନିକଟବର୍ତ୍ତୀ ସ୍ଥାନ ପ୍ରଦାନ କରିବି ।" ପୁନଶ୍ଚ ଏକ ତୃତୀୟ ବ୍ୟକ୍ତି ବିଷୟରେ ଅଲ୍ଲାଃତାଆଲା ସୂଚନା ଦେଲେ । ସେହି ବ୍ୟକ୍ତି ଆସିଲା, କିନ୍ତୁ ସ୍ୱର ପହଞ୍ଚୁନାହିଁ ବୋଲି ସେ ଫେରିଗଲା । ଅଲ୍ଲାଃତାଲା କହିଲେ, "ଯେପରି ଏହି ବ୍ୟକ୍ତି ଈଶ୍ୱର ଚର୍ଚ୍ଚା ସଭାରୁ ଫେରି ଚାଲିଗଲା ଠିକ୍ ସେହିପରି ମୁଁ ମଧ୍ୟ ତା'ଠାରୁ ମୁହଁ ମୋଡ଼ିନେବି ଏବଂ ତା' ପାଇଁ କୃପାର ଦ୍ୱାର ଖୋଲିବି ନାହିଁ ।"

(ଫଜାଏଲୁଲ୍ କୁର୍‌ଆନ୍, ପୃ-264-265) ☆☆☆

ଅହମଦିୟା ଖବର

ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

ସମ୍ପାଦକୀୟ

2026 ମସିହା ବ୍ରିଟେନର ଜଲସା ସାଲାନା ଅବସରରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ ଉଦ୍‌ଯାପନୀ ଉଦବୋଧନର ସାରାଂଶ !

ତଶହୁଦ, ତଉଜ୍ ଏବଂ ସୁରାଃ ଫାତିହାର ତିଲାୱତ୍ ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମ୍ଭମାନଙ୍କ ଉପରେ ଅପାର କୃପା କରି ଆମ୍ଭମାନଙ୍କୁ ଏଭଳି ଏକ ଯୁଗରେ ଜନ୍ମ ଦେଇଛନ୍ତି ଯେତେବେଳେ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ମସିହ୍ ମଉଦ୍ ଓ ମେହଦୀ ମାହୁଦ୍ ଅ.ସଙ୍କୁ ଇସ୍‌ଲାମ୍ ଧର୍ମର ଶିକ୍ଷାକୁ ବିଶ୍ୱରେ ପ୍ରସାରିତ କରିବା ପାଇଁ ପଠାଇଥିଲେ । ଏହି ଆନୀତ ମସିହ୍ ଓ ମେହ୍‌ଦୀ ଅ.ସ ନିଜ ପ୍ରଚେଷ୍ଟାରେ ଏପରି ଏକ ଜମାଅତ୍ ସଂପ୍ରଦାୟ ପ୍ରସ୍ତୁତ କରିବାର ଥିଲା ଯେଉଁ ସମ୍ପ୍ରଦାୟର ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣ ଏକେଶ୍ୱରବାଦୀ ହେବ ଏବଂ ଶିର୍କ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ପରିସମାପ୍ତି ପାଇଁ କେବଳ ନିଜ ବ୍ୟକ୍ତିଗତ ଜୀବନରେ ଚେଷ୍ଟା କରିବ ନାହିଁ ବରଂ ବିଶ୍ୱକୁ ମଧ୍ୟ ଏକେଶ୍ୱରଙ୍କ ଧ୍ୱଜା ତଳକୁ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରଖିବ ।

ଅତଏବ୍ ହ. ମସିହ୍ ମଉଦ୍ ଅ.ସ ଏହି ଉଦ୍ଦେଶ୍ୟରେ ଏକ ପବିତ୍ର ଜମାଅତ୍ ପ୍ରତିଷ୍ଠା କଲେ ଏବଂ କେତେକ ସର୍ତ୍ତ ଆଧାରରେ (ଯାହାର ସଂଖ୍ୟା ଦଶଟି) ନିଜର ଅନୁଗାମୀମାନଙ୍କ ଠାରୁ ବୈଅତ୍ (ଦୀକ୍ଷ) ଗ୍ରହଣ କଲେ । ଏହି ବୈଅତ୍‌ର ଶବ୍ଦଗୁଡ଼ିକୁ ଆମେ ଜମାଅତ୍‌ରେ ପ୍ରବେଶ କରିବା ସମୟରେ ଦୋହରାଇ ଥାଉ । ଆପଣ ଅ.ସ ଯେଉଁ ବୈଅତ୍ ଗ୍ରହଣ କରିଥିଲେ ତାହା ଏହି କଥାଗୁଡ଼ିକ ଉପରେ ଆଧାରିତ ଥିଲା ଯେ, ଯେପର୍ଯ୍ୟନ୍ତ ମୁଁ କବରରେ ପ୍ରବେଶ ନ କରିଛି ସେପର୍ଯ୍ୟନ୍ତ ଶିର୍କ ପାଖକୁ ଆଦୌ ଯିବି ନାହିଁ । ମିଥ୍ୟା, ବ୍ୟଭିଚାର, କୁଦୃଷ୍ଟି, ପାପାଚାର, ଅନ୍ୟାୟ, ବିଶ୍ୱାସଘାତକତା, ଉପଦ୍ରବ ଏବଂ ବିଦ୍ରୋହରୁ ବର୍ତ୍ତିବି । କାମନା ଜନିତ ଉତ୍ତେଜନା ସମୟରେ ସେଗୁଡ଼ିକ ଦ୍ୱାରା ପରାଜିତ ହେବି ନାହିଁ । ଆଧ୍ୟାତ୍ମିକତାରେ ଉନ୍ନତି ପାଇଁ କେବଳ ପାଞ୍ଚବେଳା ନମାଜର ନିୟାମୁନବର୍ତ୍ତୀ ହେବି ନାହିଁ ବରଂ ତହଜ୍ଜୁଦ୍ ନମାଜ୍ ମଧ୍ୟ ସମ୍ପାଦନ (ପାଠ)କରିବାକୁ ଚେଷ୍ଟା କରିବି । ନବୀ କରୀମ ସ.ଅଙ୍କ ଉପରେ ଦରୁଦ୍ ମଧ୍ୟ ପଠାଇବି । ପ୍ରତିଦିନ ନିଜ ପାପଗୁଡ଼ିକ ପାଇଁ କ୍ଷମା ଭିକ୍ଷା କରିବି । ଅଲ୍ଲାଃତାଲାଙ୍କ କୃପାଗୁଡ଼ିକୁ ମନେ ରଖିବି ଏବଂ ସଦୈବ ତାହାଙ୍କର ପ୍ରଶଂସା କରୁଥିବି । ଅଲ୍ଲାଃତାଲାଙ୍କ ସୃଷ୍ଟିକୁ ସାଧାରଣତଃ ଏବଂ ମୁସଲମାନମାନଙ୍କୁ ବିଶେଷତଃ ମାନସିକ ଉତ୍ତେଜନାବଶତଃ ତଥା ଆକ୍ରୋଶମୂଳକ କୌଣସି ପ୍ରକାରର କଷ୍ଟ ଦେବି ନାହିଁ । କୁସଂସ୍କାର, କୁପ୍ରଥା ଏବଂ କାମନା, ବାସନାରୁ ଦୂରେଇ ରହିବି । ଅହଂକାରରୁ ବର୍ତ୍ତିବି, ବିନୀତତା, ବିନମ୍ରତା, ସଦାଚାର (ଉତ୍ତମ ଆଚରଣ), କୋମଳତା ଏବଂ ଦାରିଦ୍ର୍ୟତା ଅବଲମ୍ବନ କରିବି ଏବଂ ଧର୍ମ ପ୍ରତି ସମ୍ମାନ ଜଣାଇବି । ଇସଲାମ୍‌ର୍ ଧର୍ମର ସହାନୁଭୂତିକୁ ନିଜ ଜୀବନ, ଧନ, ସମାନ ଏବଂ ସନ୍ତାନ ସନ୍ତତିମାନଙ୍କ ଠାରୁ ଅଧିକ ପ୍ରିୟ ବୋଲି ମନେ କରିବି । ହ. ମସିହ୍ ମଉଦ୍ ଅ.ସ ଯେଉଁ ନିଷ୍ପତ୍ତି ନେବେ ତାହାକୁ ସହୃଦୟର ସହିତ ସ୍ୱୀକାର କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଠାରେ ଖିଲାଫତର ମଧ୍ୟ ପୂର୍ଣ୍ଣ ଆନୁଗତ୍ୟତା ରହିଛି। କାରଣ ଖିଲାଫତ୍ ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ କାର୍ଯ୍ୟଗୁଡ଼ିକୁ ଆଗେଇ ନେବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ବିଷୟବସ୍ତୁ ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି ଏବଂ ଏହା ପୁସ୍ତକାକାରରେ ପ୍ରକାଶିତ ମଧ୍ୟ ହୋଇ ସାରିଛି । କିନ୍ତୁ ଏହି ବିଷୟବସ୍ତୁର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆଜି ମୁଁ ପୁଣି ଏ ପ୍ରସଙ୍ଗରେ କିଛି ବର୍ଣ୍ଣନା କରିବି ।

ବୈଅତ୍‌ର ପ୍ରଥମ ସର୍ତ୍ତରେ ଶିର୍କ ଠାରୁ ଦୂରେଇ ରହିବାର ଉଲ୍ଲେଖ ରହିଛି । ଏ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମନୁଷ୍ୟ ଜନ୍ମର ମୂଳ ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ଏହା ହିଁ ଯେ, ସେ କେବଳ ଈଶ୍ୱରଙ୍କ ପାଇଁ ହୋଇଯାଉ... ପାପ ଯଦିଓ ବହୁତ ରହିଛି ଏବଂ ସେଗୁଡ଼ିକର ଅନେକ ଶାଖା ଏବଂ ବିଭାଗମାନ ରହିଛି । କିନ୍ତୁ ସବୁଠୁ ବଡ଼ ପାପ ହେଉଛି ଶିର୍କ । ଯେମିତି ଯେମିତି ହତଭାଗ୍ୟ ମନୁଷ୍ୟ ଏଥିରେ (ଶିର୍କରେ) ଲିପ୍ତ ହୁଏ ସେମିତି ସେମିତି ସେ ନିଜର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇଥାଏ । ଏପରିକି ଖସି ଖସି ଏକ ନିମ୍ନ ସ୍ଥାନରେ ଯାଇ ଖସିପଡ଼େ ଯାହା ବିପର୍ଯ୍ୟୟ, ସମସ୍ୟା ଏବଂ ପ୍ରତ୍ୟେକ ପ୍ରକାରର ଦୁଃଖ ଓ ଯନ୍ତ୍ରଣାର ଗୃହ ଅଟେ । ଅନ୍ୟ ଅର୍ଥରେ ଏହାକୁ ଜହନ୍ନୁମ (ଅର୍ଥାତ୍ ନର୍କ) ମଧ୍ୟ କୁହାଯାଏ ।

ଆଁହଜରତ୍ ସ.ଅ ମଧ୍ୟ ଯେତେବେଳେ ବୈଅତ୍ ନେଉଥିଲେ ସେତେବେଳେ ଶିର୍କରୁ ସମ୍ପୂର୍ଣ୍ଣ ରୂପେ ବର୍ତ୍ତିବା ଉପରେ ବୈଅତ୍ ନେଉଥିଲେ । ତେଣୁ ଆମକୁ ସର୍ବଦା ଏହି ପ୍ରଚେଷ୍ଟା କରିବା ଉଚିତ୍ ଯେ, ଆମେମାନେ କେବେ ବି ଏପରି କୌଣସି କାର୍ଯ୍ୟ କରିବା ନାହିଁ ଯାହା ଆମକୁ ଆମର ବୈଅତ ବୈଅତ୍‌ର ପ୍ରତିଜ୍ଞା ଠାରୁ ବିଚ୍ୟୁତ କରାଇବାର କାରଣ ସାଜିବ ।

ହୁଜୁର୍ ଅନ ବୈଅତ୍‌ର ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ପ୍ରତ୍ୟେକ ପ୍ରକାରର ଶିର୍କରୁ ଦୂରତା ଅବଲମ୍ବନ କରାଯାଉ । ନା ସୂର୍ଯ୍ୟ, ନା ଚନ୍ଦ୍ର, ନା ଆକାଶର ଗ୍ରହ ନକ୍ଷତ୍ର, ନା ପବନ, ନା ଅଗ୍ନି, ନା ଜଳ, ନା ପୃଥିବୀର ଅନ୍ୟ କୌଣସି ବସ୍ତୁକୁ ଇଷ୍ଟଦେବ (ମାବୁଦ ଅର୍ଥାତ୍ ଉପାସକ) ବିବେଚିତ କରାଯାଉ । ସେହିପରି ନା ଦୁନିଆର ସାଧନଗୁଡ଼ିକୁ ଏପରି ସମାନ (ଗୁରୁତ୍ୱ) ଦିଆଯାଉ ଏବଂ ସେଗୁଡ଼ିକ ଉପରେ ଏପରି ଭରସା କରାଯାଉ ଯେ, ସତେ ଯେପରି ସେମାନେ ଈଶ୍ୱରଙ୍କ ସମକକ୍ଷ ଓ ଅଂଶୀଦାର ଅଟନ୍ତି । ସେହିପରି ନା ନିଜର ସାମର୍ଥ୍ୟ ଓ ପ୍ରଚେଷ୍ଟାକୁ କିଛି ମନେ କରାଯାଉ । କାରଣ ଏହା ମଧ୍ୟ ଶିର୍କର ପ୍ରକାରଭେଦ ମଧ୍ୟରୁ ଏକ ପ୍ରକାର ଅଟେ । ଶିର୍କର ପ୍ରତ୍ୟାଖ୍ୟାନ ସଂପର୍କରେ ସୁରାଃ ଇଖ୍‌ଲାସ୍ ସମ୍ପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଏହା ଏକ କ୍ଷୁଦ୍ର ସୂରାଃ ଅଟେ । ଏହା ଅତ୍ୟନ୍ତ ସୂକ୍ଷ୍ମ ଭାବରେ ପ୍ରତ୍ୟେକ ପ୍ରକାରର ଶିର୍କ ଠାରୁ ମନୁଷ୍ୟକୁ ଦୂରେଇ ଦେଇଛି ଏବଂ ଅଲ୍ଲାଃତାଲାଙ୍କ ଗୌରବକୁ ପବିତ୍ର ଓ ଅନନ୍ୟ କରିଦେଇଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆଁହଜରତ୍ ସ.ଅଙ୍କ ସନ୍ତାନ ହ. ଇବ୍ରାହିମଙ୍କର ବିୟୋଗ ହେଲା ସେତେବେଳେ ସୂର୍ଯ୍ୟ ଗ୍ରହଣ ଲାଗିଲା। ଲୋକେ କହିଲେ ଯେ ହ. ଇବ୍ରାହିମଙ୍କ ମୃତ୍ୟୁ ଯୋଗୁଁ ଏହି ଗ୍ରହଣ ଲାଗିଛି। କିନ୍ତୁ ରସୁଲୁଲ୍ଲାଃ ସ.ଅ କହିଲେ, ନିଶ୍ଚିତ ଭାବରେ ସୂର୍ଯ୍ୟ ଏବଂ ଚନ୍ଦ୍ର ଅଲ୍ଲାଃତାଲାଙ୍କ ନିଦର୍ଶନ ମଧ୍ୟରୁ ଅନ୍ୟତମ ନିଦର୍ଶନ ଅଟନ୍ତି । କିନ୍ତୁ ଏମାନେ ଦୁହେଁ କୌଣସି ବ୍ୟକ୍ତିଙ୍କ ଜୀବନ ବା ମୃତ୍ୟୁ କାରଣରୁ ମଳିନ ହୁଅନ୍ତି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ସ୍ଥାନରେ ଆପଣ ଅ.ସ କହିଲେ, ଶିର୍କ ତିନି ପ୍ରକାରର ଅଟେ । 1- ସାଧାରଣ ଭାବରେ ମୂର୍ତ୍ତିପୂଜା କରିବା । 2- ସାଧନଗୁଡ଼ିକ ଉପରେ ଅତ୍ୟଧିକ ଭରସା କରିବା । 3- ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସମ୍ମୁଖରେ ନିଜ ଅସ୍ତିତ୍ୱକୁ ମଧ୍ୟ କୌଣସି ବସ୍ତୁ ବୋଲି ମନେ କରିବା । ପାର୍ଥିବ ତଥା ବସ୍ତୁବାଦୀ ଉନ୍ନତିର ଏହି ଯୁଗରେ 'ଶିର୍କ ଫିଲ୍ ଅସ୍‌ବାବ୍' (ସାଧନଗୁଡ଼ିକ ଉପରେ ଅଧିକ ନିର୍ଭରଶୀଳତା) ବେଶ୍ ବୃଦ୍ଧି ପାଇଛି । ଆପଣ ଅ.ସ କହିଲେ, 'ଲା ଇଲାହା ଇଲ୍ଲଲ୍ଲାଃ' ଏହା ଏକେଶ୍ୱରବାଦର କଲମା (ଆଦର୍ଶ ବାଣୀ) ଅଟେ । ଏହାର ଅର୍ଥ ହେଉଛି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଏବଂ ପ୍ରକୃତ ଆନୁଗତ୍ୟ ଯୋଗ୍ୟ ନୁହେଁ । ଆଁହଜରତ୍ ସ.ଅ ସେହି ନିର୍ଦ୍ଦେଶଗୁଡ଼ିକୁ ଈଶ୍ୱରଙ୍କଠାରୁ ପ୍ରାପ୍ତ କରି ସୃଷ୍ଟି ନିକଟରେ ପହଞ୍ଚାଉଥିବା ବ୍ୟକ୍ତି ଅଟନ୍ତି। ଯାହାକିଛି ସେପଟୁ ଅର୍ଥାତ୍ ଅଲ୍ଲାଃତାଲାଙ୍କ ତରଫରୁ ଆସେ ତାହା ଏହି ମାର୍ଗ ଦେଇ ଆସିଥାଏ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆମ୍ଭମାନଙ୍କୁ ସର୍ବଦା ଏହି ଉଦ୍ୟମ କରିବା ଉଚିତ୍ ଯେ ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ, ପ୍ରତ୍ୟେକ ଶବ୍ଦ ଉଚ୍ଚାରଣ କରିବା ସମୟରେ ଆମ୍ଭମାନଙ୍କର ସର୍ବଦା ଏହି ଧ୍ୟାନ ରହିବା ଦରକାର ଯେ, ଏହି ଶବ୍ଦ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଠାରୁ ଦୂରେଇ ଦେଉଥିବା ଏବଂ ସଇତାନର ନିକଟବର୍ତ୍ତୀ କରୁଥିବା ନହେଉ । ଅଲ୍ଲାଃତାଲାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏହି ପ୍ରତିଶୃତି ରହିଛି ଯେ, ସେ ଆପଣ ଅ.ସଙ୍କୁ ବିଜୟ ପ୍ରଦାନ କରିବେ ଏବଂ ନିଶ୍ଚୟ ପ୍ରଦାନ କରିବେ । କିନ୍ତୁ ଆମମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ଯଦି ଆମମାନଙ୍କୁ ଏହି ବିଜୟଗୁଡ଼ିକର ଅଂଶୀଦାର ହେବାର ଅଛି ତେବେ ଆମେମାନେ ନିର୍ମଳ ଓ ନିଷ୍ପାପର ହୋଇ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଘୋଷଣାକାରୀ ବ୍ୟକ୍ତି ହେବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ହେ ଅହମଦି ଜାତି ! ଈଶ୍ୱର ଆମର କୌଣସି ସମ୍ପର୍କୀୟ ନୁହଁନ୍ତି । ଶିର୍କ ଠାରୁ ଦୂରେଇ ରୁହନ୍ତୁ ଏବଂ ଉପାସନା କରନ୍ତୁ । କାରଣ ଈଶ୍ୱର ଆପଣମାନଙ୍କର ରକ୍ଷକ ହୋଇଯିବେ । ଦେଖନ୍ତୁ! ଈଶ୍ୱର ନୁହ୍ ଅ.ସଙ୍କ ପୁତ୍ରର ମଧ୍ୟ ଭୃକ୍ଷେପ କରି ନଥିଲେ । ବରଂ ଆପଣମାନେ ଏପରି କାର୍ଯ୍ୟ କରନ୍ତୁ ଯେ, ଆପଣମାନେ ଅହମଦି ହେବା ପାଇଁ ଯୋଗ୍ୟ ବୋଲି ବିବେଚିତ ହୋଇପାରିବେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଲୁକ୍‌ମାନ ଅ.ସ ମଧ୍ୟ ନିଜ ପୁତ୍ରକୁ ଗୁପ୍ତ ଶିର୍କ (ଶିର୍କେ ଖଫୀ) ଠାରୁ ବର୍ତ୍ତିବା ନିମନ୍ତେ ଉପଦେଶ ଦେଇଥିଲେ। ହୁଜୁର୍ ଅନୱର୍ ଅ.ବ ମୁସଲମାନମାନଙ୍କ ବ୍ୟବହାରିକ ଅବସ୍ଥା ସମ୍ପର୍କରେ ଉଲ୍ଲେଖ କରି କହିଲେ, ଏମାନେ 'ଲା ଇଲାହା ଇଲ୍ଲାଲ୍ଲାଃ' କଲମା ତ' ପାଠ କରୁଛନ୍ତି । କିନ୍ତୁ ଶିର୍କର ବିଭିନ୍ନ ଅବସ୍ଥାରେ ଗ୍ରସିତ (ଗ୍ରସ୍ତ) ହୋଇ ରହିଛନ୍ତି । ଶିର୍କର ଏକ ପ୍ରକାର ହେଉଛି ମିଥ୍ୟାର ପ୍ରୟୋଗ । ଆଜି ଲୋକେ ଏହା ମନେ କରୁଛନ୍ତି ଯେ ମିଥ୍ୟା ବିନା ଗୁଜରାଣ ହୋଇପାରିବ ନାହିଁ । ହୁଜୁର୍ ଅନୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ 'ମକଦ୍ଦମା ଡାକ୍‌ଖାନା' (ଡାକଘର ମକଦ୍ଦମା)ର ପ୍ରାମାଣ୍ୟ ଦେଇ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ, ''ଲୋକେ ଏହା ମନେ କରନ୍ତି ଯେ, ସତ୍ୟ କହି ବର୍ତ୍ତିବା ସମ୍ଭବ ନୁହେଁ । କିନ୍ତୁ ମୁଁ ସତ୍ୟ କହିଲି ଏବଂ ମୋତେ ଈଶ୍ୱର ରକ୍ଷା କଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ଅନେକ ଗୁଡ଼ିଏ ମାମଲା ସାମ୍ନାକୁ ଆସିଥାଏ ଯେଉଁଠାରେ ମିଥ୍ୟା କୁହାଯାଇଥାଏ । ଆମମାନଙ୍କୁ ଏଥିରୁ ବର୍ତ୍ତିବାକୁ ପଡ଼ିବ। ଯଦି ବିଚାର କରାଯାଏ, ତେବେ ମିଥ୍ୟା ସ୍ୱଭାବ ବିରୁଦ୍ଧୀୟ ଅଟେ । କିନ୍ତୁ ଆଜିକାଲି ବିଶ୍ୱର ରାଜନୈତିକ ପରିସ୍ଥିତି ଏହା ସୂଚାଉଛି ଯେ, କିପରି ଭାବରେ ମିଥ୍ୟା କୁହାଯାଉଛି? ବଡ଼ ବଡ଼ ରାଷ୍ଟ୍ରମାନେ ଏକାଠି ହୋଇ ଅନ୍ୟ ଛୋଟ ଦେଶ ବିରୁଦ୍ଧରେ ମିଥ୍ୟା ଉପରେ ଭିତ୍ତି ସ୍ଥାପନ କରି ଆକ୍ରମଣ କରୁଛନ୍ତି । ତେଣୁ ଆଜି ଯଦି ଆମମାନଙ୍କୁ ଆମର ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନ କରିବାର ଅଛି ଏବଂ ବିଶ୍ୱରେ ବିପ୍ଳବ ଆଣିବାର ଅଛି ତେବେ ଅହମଦିମାନଙ୍କର ଦାୟିତ୍ୱ ହେଉଛି ଯେ, ସେମାନେ ମିଥ୍ୟା ବିରୁଦ୍ଧରେ ଜିହାଦ୍ (ସଂଗ୍ରାମ) କରନ୍ତୁ । ପୁନଶ୍ଚ ଆଉ ଏକ ଅପରାଧ ହେଉଛି କୁଦୃଷ୍ଟି । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ''ଯଦି ତୁମେମାନେ ମୋର ବୈଅତ୍ ଗ୍ରହଣ କରିଛ ତେବେ କାହାକୁ ଭୁଲ୍ ଦୃଷ୍ଟିରେ ଦେଖ ନାହିଁ । କାହା ପ୍ରତି କୁଦୃଷ୍ଟି କର ନାହିଁ। ପବିତ୍ର କୁରଆନ୍ କରୀମ୍ ଖ୍ରୀଷ୍ଟିୟାନ୍‌ମାନଙ୍କ ଶିକ୍ଷା ପରି ଏହା କହେ ନାହିଁ ଯେ, କୁଦୃଷ୍ଟି ଦ୍ୱାରା ନାରୀକୁ ଦେଖ; ବରଂ ପବିତ୍ର କୁରଆନ୍ କରୀମ୍ ତ' ଏହା କହେ ଯେ, ନା କାମନାଜନିତ ଦୃଷ୍ଟିରେ ନାରୀକୁ ଦେଖ ଏବଂ ନା ହିଁ କାମବାସନା ଭାବ ବିନା ମଧ୍ୟ ପରନାରୀର ମୁଖମଣ୍ଡଳ ଉପରେ ଦୃଷ୍ଟି ପକାଅ ଓ ନା ସେମାନଙ୍କର ଏଭଳି

ଅବଶିଷ୍ଟାଂଶ... ପୃ-7 ରେ



(ଖୁତ୍‌ବା ଜୁମା)

ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ) ସଂପର୍କରେ ସିରତୁନ୍ ନବୀ[ସ.ଅ]ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଖୁତ୍‌ବା ଜୁମା 18 Sep 2026 ମସିହା ଅନୁଯାୟୀ ୧୮ ତୁବୁକ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ۔ اَلرَّحۡمٰنِ الرَّحِیۡمِ ۔ مٰلِکِ یَوۡمِ الدِّیۡنِ ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ۔ اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ۔ اٰمِیۡن ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ତୱକ୍କୁଲ୍ ଅଲଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ସମ୍ପର୍କରେ ଗତ ଶୁକ୍ରବାର ଦିନ ମୁଁ ମକ୍କାରୁ ଆପଣ ସ.ଅଙ୍କର ପ୍ରବାସ ସମ୍ପର୍କରେ କେତେକ ଘଟଣାବଳୀ ବର୍ଣ୍ଣନା କରିଥିଲି। ସେହି କ୍ରମରେ ଆଜି ଏହାର୍ ଅବଶିଷ୍ଟାଂଶ ବର୍ଣ୍ଣନା କରିବି ।

ସେହି ଯାତ୍ରାରେ କିଛି ଅତିରିକ୍ତ ଘଟଣାବଳୀର ବିସ୍ତୃତି ମଧ୍ୟ ରହିଛି । ଇତିହାସରେ ଏହାର ଚର୍ଚ୍ଚା ମିଳେ । ଯହିଁରୁ ଆପଣ ସ.ଅଙ୍କ ତୱକ୍କୁଲର (ଭରସା ଓ ଈଶ୍ୱର ବିଶ୍ୱାସ) ଅନ୍ୟ ଏକ ମହାନ ମର୍ଯ୍ୟାଦା ପ୍ରକାଶ ପାଇଥାଏ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏହି ପ୍ରବାସ ସମୟରେ ସୁରାକା ବିନ୍ ମାଲିକ୍ ପୁରସ୍କାର ଲୋଭରେ ନବୀ କରୀମ୍ ସ.ଅଙ୍କ ପଛରେ ପିଛା କରିବାର ଇଚ୍ଛା କଲା । ଉକ୍ତ ଘଟଣାକୁ ସୁରାକା ବିନ୍ ମାଲିକ୍ ନିଜେ ବର୍ଣ୍ଣନା କରିଛନ୍ତି । ସେ ପରେ ମୁସଲମାନ ହୋଇ ଯାଇଥିଲେ ଏବଂ ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ସେ ନିଜେ ଏହି ଘଟଣା ବର୍ଣ୍ଣନା କରିଛନ୍ତି ଯେ, "ଆମ ପାଖକୁ କୁରୈଶ୍‌ର ଅବିଶ୍ୱାସାକାରୀମାନଙ୍କର ଦୂତମାନେ ଆସିଥିଲେ । ସେହି ଲୋକମାନେ ରସୁଲୁଲ୍ଲାଃ ସ.ଅ ଏବଂ ହ. ଅବୁ ବକ୍କର୍ ର.ଅ ଉଭୟଙ୍କ ପାଇଁ ସେହି ବ୍ୟକ୍ତିମାନଙ୍କ ନିମନ୍ତେ ଦିୟତ୍ (ରକ୍ତମୂଲ୍ୟ) ନିର୍ଦ୍ଧାରିତ କରିଥିଲେ ଯେଉଁମାନେ ଏହି ଦୁଇଜଣଙ୍କୁ ହତ୍ୟା କରିବେ କିମ୍ବା ବନ୍ଦୀ କରିବେ ।" ସୁରାକା କୁହନ୍ତି ଯେ, "ମୁଁ ମୋର ବଂଶ 'ବନୁ ମୁଦ୍‌ଲିଜ୍'ର ଏକ ସଭାରେ ବସିଥିଲି । ସେତେବେଳେ ଜଣେ ବ୍ୟକ୍ତି ସେମାନଙ୍କ ସାମ୍ନାକୁ ଆସିଲା ଏବଂ ଆମ ପାଖରେ ଛିଡ଼ା ହୋଇ କହିଲା: "ହେ ସୁରାକା ! ମୁଁ ସମୁଦ୍ର କୂଳ ଆଡ଼େ କିଛି ଛାଇ ଦେଖିଛି" କିମ୍ବା ଏହା କହିଲା ଯେ, ହେ ସୁରାକା ! "ତିନି ଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଏକ ଯାତ୍ରୀସମୂହ ଯାଉଥିବାର ଦେଖିଛି । ମୋର ମନେହୁଏ ଯେ, ଏମାନେ ମୁହମ୍ମଦ୍ ସ.ଅ ଏବଂ ତାଙ୍କର ସାଥୀ ନିଶ୍ଚୟ ହୋଇଥିବେ ।" ସୁରାକା ବିନ୍ ମାଲିକ୍ କୁହନ୍ତି ଯେ, "ମୁଁ ଜାଣିଗଲି ଯେ, ସତରେ ଏହା ମୁହମ୍ମଦ୍ ସ.ଅଙ୍କ ଯାତ୍ରୀ ସମୂହ ହିଁ ହୋଇଥିବ । କିନ୍ତୁ ମୁଁ ଚାହୁଁ ନଥିଲି ଯେ, ମୋ ସହିତ ଅନ୍ୟ କେହି ଏହି ପୁରସ୍କାରରେ ଭାଗୀଦାର ହେଉ। ତେଣୁ ମୁଁ ତୁରନ୍ତ ପରିସ୍ଥିତିକୁ ସମ୍ଭାଳି ନେଲି ଏବଂ କହିଥିବା ଲୋକଟିକୁ ଆଖି ମାରି ଚୁପ୍ ରହିବାକୁ ଇଶାରା କଲି । ନିଜେ କହିଲି: "ନା ନା ! ସେ ମୁହମ୍ମଦ ସ.ଅଙ୍କ ଯାତ୍ରୀ ସମୂହ ହୋଇନପାରେ । ବରଂ ତୁମେ ଯାହା କଥା କହୁଛ ସେମାନେ ତ' ଏବେ ହେଇ ଆମ ସାମ୍ନାରେ ଗଲେ । ସେମାନେ ଅମୁକ ବଂଶର ଲୋକ ଅଟନ୍ତି ଯେଉଁମାନେ ନିଜର ହଜି ଯାଇଥିବା ଓଟକୁ ଖୋଜିବାକୁ ଯାଉଥିଲେ ।" ସୁରାକା କୁହନ୍ତି ଯେ, "ମୁଁ କିଛି ସମୟ ସେହି ସଭାରେ ବସି ରହିଲି । କାରଣ କାହାରିକୁ ସନ୍ଦେହ ଯେପରି ନ ହେଉ । ତା'ପରେ ମୋର ଜଣେ ଦାସୀକୁ କହିଲି ଯେ, ସେ ମୋର ଦ୍ରୁତଗାମୀ ଘୋଡ଼ାକୁ ନେଇ ଘର ପଛପଟେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡ଼ା କରାଉ ଏବଂ ମୋର ଅପେକ୍ଷା କରୁ । କିଛି ସମୟ ପରେ ମୁଁ ନିଜେ ସେଠାରେ ପହଞ୍ଚିଗଲି । ମୁଁ ତୀର ମାଧ୍ୟମରେ ଭାଗ୍ୟ ପରୀକ୍ଷା (ଫାଲ୍) କଲି । କିନ୍ତୁ ତାହା ଏହି ଯାତ୍ରା ବିରୋଧରେ ବାହାରିଲା । ତଥାପି ମୁଁ ଏଥିପ୍ରତି ଭ୍ରୁକ୍ଷେପ କଲି ନାହିଁ । ଘୋଡ଼ାକୁ ଗୋଇଠି ସାହାଯ୍ୟରେ ଚାଲିବାକୁ ନିର୍ଦ୍ଦେଶ ଦେଲି ଏବଂ ଦ୍ରୁତ ଗତିରେ ସେହି ଯାତ୍ରୀ ସମୂହର ପଛରେ ଗୋଡ଼ାଇଲି ଯାହାକୁ ମୁଁ ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ଯାତ୍ରୀ ସମୂହ ବୋଲି ଭାବୁଥିଲି ।"

ସୁରାକା କୁହନ୍ତି ଯେ, ମୁଁ କ୍ରମାଗତ ଭାବେ ବାଟ ଚାଲି ଶୀଘ୍ର ସେହି ଯାତ୍ରୀ ସମୂହ ପାଖରେ ପହଞ୍ଚିଗଲି । ଅଳ୍ପ କିଛି ଦୂରତାରେ ଥିବାବେଳେ ମୋର ଘୋଡ଼ା ଅସ୍ୱାଭାବିକ ଭାବେ ଝୁଣ୍ଟିପଡ଼ିଲା । ଯାହାଫଳରେ ମୁଁ ତା' ଉପରୁ ଗଳି ପଡ଼ିଲି । ତା'ପରେ ମୁଁ ଛିଡ଼ା ହେଲି ଏବଂ ପୁଣି ଭାଗ୍ୟ ପରୀକ୍ଷା କଲି ଅର୍ଥାତ୍ ଫାଲ୍ ପକାଇଲିଲି । ପୁଣିଥରେ ତାହା ମୋର ଇଚ୍ଛା ବିରୁଦ୍ଧରେ ବାହାରିଲା । କିନ୍ତୁ ମୁଁ ଚାହୁଁଥିଲି ଯେ, ମୁହମ୍ମଦ୍ ସ.ଅଙ୍କୁ ଫେରାଇ ନେଇଯିବି ଏବଂ ଏକ ଶତ (100) ଓଟର ପୁରସ୍କାର ପ୍ରାପ୍ତ କରିବି । ତା'ପରେ ମୁଁ ଉଠି ଘୋଡ଼ା ଉପରେ ଆରୋହଣ ହେଲି । ବର୍ତ୍ତମାନ ମୁଁ ଏତେ ପାଖକୁ ଆସିଯାଇଥିଲି ଯେ, କେବଳ ସେମାନଙ୍କୁ ଚିହ୍ନି ପାରୁଥିଲି ତାହା ନୁହେଁ (ଏ ମୁହମ୍ମଦ୍ ସ.ଅ ଅଟନ୍ତି ଏବଂ ଏ ଅବୁବକ୍କର୍ ର.ଅ ଅଟନ୍ତି) ବରଂ ମୋତେ ମୁହମ୍ମଦ୍ ସ.ଅଙ୍କର କୁରଆନ୍ କରୀମ୍ ପାଠ କରିବାର ଶବ୍ଦ ମଧ୍ୟ ଶୁଭୁଥିଲା । ଆପଣ ସ.ଅ ଏପଟ ସେପଟ ଦେଖୁ ନଥିଲେ । କିନ୍ତୁ ହ. ଅବୁ ବକ୍କର୍ ର.ଅ ବାରମ୍ବାର ପଛକୁ ବୁଲି ଦେଖୁଥିଲେ । ହ. ଅବୁ ବକ୍କର୍ ର.ଅ ଆଁହଜରତ୍ ସ.ଅଙ୍କ ସୁରକ୍ଷା ପାଇଁ ଚାରିଆଡ଼େ ଦେଖୁଥିଲେ । ସେ କୁହନ୍ତି, ସେତିକିବେଳେ ମୋର ଘୋଡ଼ା ପୁଣି ଝୁଣ୍ଟି ପଡ଼ିଲା ଏବଂ ତା'ର ଗୋଡ଼ ବାଲିରେ ଧସିଗଲା, ଆଉ ମୁଁ ତା' ଉପରୁ ପଡ଼ିଗଲି । ପୁନଶ୍ଚ ମୁଁ ଘୋଡ଼ାକୁ ଧମକାଇ ଛିଡ଼ା ହେଲି । କିନ୍ତୁ ସେ ତା' ଗୋଡ଼ ମାଟିରୁ ବାହାର କରିପାରୁନଥିଲା । ଶେଷରେ ଯେତେବେଳେ ସେ ସିଧା ହୋଇ ଛିଡ଼ା ହେଲା ସେତେବେଳେ ତା'ର ଦୁଇ ଗୋଡ଼ରୁ ଧୂଳି ଉଡ଼ି ଆକାଶରେ ଧୂଆଁ ପରି ବ୍ୟାପିଗଲା । ମୁଁ ପୁଣିଥରେ ତୀର ଦ୍ୱାରା ଫାଲ୍ (ଭାଗ୍ୟ ପରୀକ୍ଷା) କଲି । ତେବେ ପୁଣି ସେହି ଉତ୍ତର (ଫଳାଫଳ) ବାହାରିଲା ଯାହାକୁ ମୁଁ ନାପସନ୍ଦ କରୁଥିଲି । ମୁଁ ସେହି ଠାରୁ ହିଁ ଅଭୟ ଅର୍ଥାତ୍ ସୁରକ୍ଷା ପାଇଁ ଡାକ ମାରିଲି ଏବଂ କହିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପକ୍ଷରୁ ଆପଣମାନଙ୍କର କୌଣସି କ୍ଷତି ହେବ ନାହିଁ । ଏହା ଶୁଣି ରସୁଲୁଲ୍ଲାଃ ସ.ଅ ହ. ଅବୁ ବକ୍କର୍ ର.ଅଙ୍କୁ କହିଲେ ହେ ଅବୁ ବକ୍କର୍ ! ତାକୁ (ସୁରାକାକୁ) ପଚାର ଯେ, ସେ କ'ଣ ଚାହୁଁଛି ? ସେ କହିଲା: "ମୁଁ ସୁରାକା, ମୁଁ ଆପଣମାନଙ୍କ ସହ କଥା ହେବାକୁ ଚାହୁଁଛି।" ଏହା ଶୁଣି ସେମାନେ ଅର୍ଥାତ୍ ଆଁହଜରତ୍ ସ.ଅ ଓ ହ. ଅବୁ ବକ୍କର ର.ଅ ଅଟକିଗଲେ । ସୁରାକା କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ ସ.ଅ ଓ ଅବୁ ବକ୍କର ! ମକ୍କାବାସୀମାନେ ଆପଣ ଦୁହିଁଙ୍କୁ ଜୀବନ୍ତ କିମ୍ବା ମୃତ ଧରିବା ପାଇଁ ଏକ ଶତ (100) ଓଟ ପୁରସ୍କାର ରଖିଛନ୍ତି ଏବଂ ମୁଁ ସେହି ଲୋଭରେ ଆପଣଙ୍କ ପଛରେ ଧାଇଁ ଆସିଥିଲି। କିନ୍ତୁ ମୋ ସହିତ ଯାହା ଘଟିଲା ତାହା ଯୋଗୁଁ ମୁଁ ଏହି ବିଶ୍ୱାସରେ ଉପନୀତ ହେଲି (ପହଞ୍ଚିଛି) ଯେ, ମୋର ଆପଣଙ୍କ ପଛରେ ଆସିବା ଠିକ୍ ନୁହେଁ । ସେ ନବୀ କରୀମ୍ ସ.ଅଙ୍କ ସେବାରେ ଯାତ୍ରାର ଖାଦ୍ୟପେୟ ଇତ୍ୟାଦି ଯାଚିଲା ଯେ, ହେ ମୁହମ୍ମଦ ସ.ଅ ! ଯଦି କିଛି ସାମଗ୍ରୀ ଦରକାର ତେବେ ଆପଣ ସ.ଅ ନେଇଯାଆନ୍ତୁ, କିନ୍ତୁ ଆପଣ ସ.ଅ ତାହା ଗ୍ରହଣ କଲେ ନାହିଁ । ବାସ୍ ଏତିକି କହିଲେ ଯେ, "ହେ ସୁରାକା ! ତୁମେ ଆମ ବିଷୟରେ କାହାରିକୁ କହିବ ନାହିଁ ।"ସେ ଏହି ପ୍ରତିଶ୍ରୁତି ଦେଲା ଏବଂ ତତ୍‌ସହିତ ସେ ଏହା ମଧ୍ୟ ଅନୁରୋଧ କଲା ଯେ ହେ ମୁହମ୍ମଦ ସ.ଅ ! "ମୋର ବିଶ୍ୱାସ ରହିଛି ଯେ, ଆପଣ ସ.ଅ ଦିନେ ନା ଦିନେ ରାଜତ୍ୱ ନିଶ୍ଚିତ ହାସଲ କରିବେ । ମୋତେ କୌଣସି ଲିଖିତ ପ୍ରତିଶ୍ରୁତିମୂଳକ ସୁରକ୍ଷା ପତ୍ର ଲେଖି ଦିଅନ୍ତୁ । କାରଣ ଯେତେବେଳେ ମୁଁ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେବି ସେତେବେଳେ ମୋ ପ୍ରତି ସମ୍ମାନ ଓ ସତ୍କାରପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରାଯିବ ।" ହୁଜୁର୍ ଅନୱର୍ ଅ.ବ କହିଲେ, କେତେକ ବର୍ଣ୍ଣନା ଅନୁସାରେ ସେ ସୁରକ୍ଷା ପତ୍ର (ଅମାନ୍ ନାମା) ପାଇଁ ନିବେଦନ କରିଥିଲା । ଫଳତଃ ନବୀ କରୀମ୍ ସ.ଅଙ୍କ ନିର୍ଦ୍ଦେଶ କ୍ରମେ ସେହି ଲେଖାଟି ହ. ଅବୁ ବକ୍କର୍ ର.ଅ ଏବଂ ଅନ୍ୟ ଏକ ବର୍ଣ୍ଣନା ଅନୁସାରେ ଆମିର ବିନ୍ ଫୁହେରା ଲେଖିଦେଲେ । ଅତଏବ୍ ସେ ସେହି ଲେଖା ନେଇ ଫେରିଗଲା । **(ସହିହୁଲ୍ ବୁଖାରୀ, କିତାବ- ମନାକିବିଲ୍ ଅନ୍‌ସାରି, ବାବ୍- ହିଜ୍ରତୁନ୍ ନବୀ ସ.ଅ, ହଦିସ୍ ନଂ-3906, ସୁବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-3, ପୃ- 248, କିସ୍ସତୁ ସୁରାକା ବିନ୍ ମାଲିକ୍ ର.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା, ମୁହମ୍ମଦ୍ ରସୁଲୁଲ୍ଲାଃ[ସ.ଅ] ୱଲ୍ଲଜିନା ମାଆହୁ...., ଗ୍ରନ୍ଥଖଣ୍ଡ-3, ପୃ- 64-65, ମକତବା-ମିସର)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଆପଣଙ୍କ ସ.ଅଙ୍କ ତୱକ୍କୁଲ୍‌ର ମହାନତାମୂଳକ ମର୍ଯ୍ୟାଦା । ଆପଣ ସ.ଅଙ୍କ ମନରେ କୌଣସି ଭୟ ନଥିଲା ଏବଂ ଅଲ୍ଲାଃତାଲାଙ୍କ ବାଣୀ (ପବିତ୍ର କୁରଆନ୍ କରୀମ୍) ପାଠ କରି ଆପଣ ସ.ଅ ଯାଉଥିଲେ। ଆପଣ ସ.ଅଙ୍କୁ ଏହି କଥା ଉପରେ ଏତେ ଦୃଢ଼ ବିଶ୍ୱାସ ଥିଲା ଯେ, ଆପଣ ସ.ଅଙ୍କର କିଛି ବି କ୍ଷତି ହୋଇପାରିବ ନାହିଁ; ଯେତେବେଳେ ସେ ଅର୍ଥାତ୍ ସୁରାକା ଏହି କଥା କହିଲା ଯେ, ହେ ମୁହମ୍ମଦ ସ.ଅ ! ଆପଣ ମୋତେ ସୁରକ୍ଷା ପତ୍ର ଲେଖିଦିଅନ୍ତୁ, ସେତେବେଳେ ଆପଣ ସ.ଅ ତାକୁ ସୁରକ୍ଷା ପତ୍ର ମଧ୍ୟ ଲେଖି ଦେଇଦେଲେ । ତା' ମନରେ ତ' ଧାରଣା ଆସିଥିଲା ଯେ, ଶେଷରେ ଆପଣ ସ.ଅଙ୍କର ହିଁ ବିଜୟ ହେବ । କିନ୍ତୁ ଆପଣ ସ.ଅଙ୍କୁ ତା' ଠାରୁ ଅଧିକ ବିଶ୍ୱାସ ଥିଲା ଯେ, ନିଶ୍ଚିତ ଭାବେ ମୋର ହିଁ ବିଜୟ ହେବ (ମୁଁ ହିଁ ଜୟଯୁକ୍ତ ହେବି) ସେଇଥିପାଇଁ ଆପଣ ସ.ଅ ତାକୁ ଅର୍ଥାତ୍ ସୁରାକାକୁ ସୁରକ୍ଷା ପତ୍ର ଲେଖିକି ଦେଇଦେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନା ଅନୁସାରେ ସେ (ସୁରାକା) ଫେରିବା ସମୟରେ ନବୀ କରୀମ୍ ସ.ଅ ତାକୁ ସମ୍ବୋଧନ କରି କହିଲେ: "ହେ ସୁରାକା ! ତୋର କ'ଣ ଅବସ୍ଥା ହେବ ଯେତେବେଳେ କିସ୍ରା (ପାରସ୍ୟର ସମ୍ରାଟ) ର କଙ୍କଣ (ଖଡୁ ବା କଙ୍କଣ) ତୋ ହାତରେ ଥିବ ?" ସୁରାକା ଆଶ୍ଚର୍ଯ୍ୟ ହୋଇ ପଛକୁ ଚାହିଁଲା ଏବଂ କହିଲା, "ହେ ମୁହମ୍ମଦ୍[ସ.ଅ] ! କିସ୍ରା ବିନ୍ ହୁର୍ମୁଜ୍‌ର ?" ଆପଣ ସ.ଅ କହିଲେ, "ହଁ ! ସେହି କିସ୍ରା ବିନ୍ ହୁର୍ମୁଜ୍‌ର ।" ତେଣୁ ଯେତେବେଳେ ହ. ଉମର୍ ର.ଅଙ୍କ ଖିଲାଫତ୍ ସମୟରେ କିସ୍ରାର କଙ୍କଣ, ତା'ର ମୁକୁଟ ଏବଂ କଟିବନ୍ଧ ଅଣାଗଲା । ହ. ଉମର୍ ର.ଅ ସୁରାକାଙ୍କୁ ଡକାଇଲେ ଏବଂ କହିଲେ, "ହେ ସୁରାକା ! ତୁମେ ନିଜ ହାତ ଉପରକୁ କର" ଏବଂ ତାଙ୍କୁ ସେହି କଙ୍କଣ ଆପଣ ର.ଅ ପିନ୍ଧାଇଦେଲେ। ତା'ପରେ ଆପଣ ର.ଅ କହିଲେ, "ହେ ସୁରାକା ! କୁହ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ କିସ୍ରା ବିନ୍ ହୁର୍ମୁଜ୍ ଠାରୁ ଏହି ଦୁଇଟି କଙ୍କଣ ଛଡ଼ାଇ ଆଣି ତୋତେ ପ୍ରଦାନ କଲେ ।" **(ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ୱଲ୍ଲଜିନା ମାଆହୁ ଲିଅବ୍‌ଦିଲ୍ ହମିଦ୍, ଜୁଉଦତୁସ୍ ସହାର୍, ଗ୍ରନ୍ଥଖଣ୍ଡ-3, ପୃ-65, ଅଲ୍ ହିଜ୍ରତୁ, ମକ୍‌ତବା-ମସିର)**

ଏହି ଯାତ୍ରାର ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ନିଜ ଶବ୍ଦରେ ବର୍ଣ୍ଣନା କରିଛନ୍ତି ଯେ: "ହିଜରତ୍ (ପ୍ରବାସ)ର ଘଟଣା ମଧ୍ୟ ଏକ ଆଶ୍ଚର୍ଯ୍ୟଜନକ ଭୟଙ୍କର ଘଟଣା ଅଟେ । ସମଗ୍ର ଆରବ ବିରୋଧୀ ଏବଂ ରକ୍ତପିପାସୁ ଥିଲା । କିନ୍ତୁ ରସୁଲ୍ କରୀମ୍ ସ.ଅ କେବଳ ଜଣେ ସାଥୀଙ୍କୁ ନେଇ ମଦିନା ଆଡ଼କୁ ଚାଲିଲେ । ବାଟରେ ସେହିସବୁ ସମ୍ପ୍ରଦାୟ ବାସ କରୁଥିଲେ । ଯେଉଁମାନେ ଧର୍ମଗତ ବିରୋଧ ହେତୁ ଆପଣ ସ.ଅଙ୍କୁ ହତ୍ୟା କରିବା ପାଇଁ

ଚିନ୍ତିତି ରହୁଥିଲେ ଏବଂ କେବଳ କୁରୈଶ୍‌ମାନଙ୍କ ଭୟ ଯୋଗୁଁ ନୀରବ ରହିଥିଲେ। କିନ୍ତୁ ବର୍ତ୍ତମାନ ସେହି ସମୟଟି ଆସିଯାଇଥିଲା ଯେତେବେଳେ କୁରୈଶ୍‌ମାନେ ନିଜେ ଆପଣ ସ.ଅଙ୍କୁ ହତ୍ୟା କରିବା ପାଇଁ ପଛରେ ପଡ଼ିଥିଲେ । ସମସ୍ତ ଆରବ ସଂପ୍ରଦାୟଙ୍କୁ ଏହି ଆଶ୍ୱାସନା ରହିଥିଲା ଯେ, ଯଦି ଆମେ ଏହି ବ୍ୟକ୍ତି (ମୁହମ୍ମଦ ସ.ଅ)ଙ୍କୁ ହତ୍ୟା କରିଦେବୁ ତେବେ କୁରୈଶ୍ ଅସନ୍ତୋଷ ହେବାର କୌଣସି କାରଣ ରହିବ ନାହିଁ । କେବଳ ଏତିକି ନୁହେଁ ଯେ କୁରୈଶ୍‌ଙ୍କ ବିରୋଧର ଭୟ ନଥିଲା ବରଂ କୁରୈଶ୍ ରସୁଲ୍ କରୀମ୍ ସ.ଅଙ୍କୁ ମକ୍କାରେ ଅନୁପସ୍ଥିତ ଦେଖି ତାଙ୍କ ହତ୍ୟା ପାଇଁ ପୁରସ୍କାର ଘୋଷଣା କରି ଦେଇଥିଲେ। ମଦିନାର ବାଟରେ ଯେତେ ବି ସମ୍ପ୍ରଦାୟମାନେ ରହୁଥିଲେ ସେମାନଙ୍କୁ ଖବର ମଧ୍ୟ ଦେଇ ଦିଆଯାଇଥିଲା ଯେ, ଯେଉଁ ବ୍ୟକ୍ତି ରସୁଲ୍ କରୀମ୍ ସ.ଅ ଏବଂ ହ. ଅବୁ ବକ୍କର୍ ର.ଅଙ୍କୁ ଜୀବନ୍ତ କିମ୍ବା ମୃତ ଆଣିବ ତାକୁ ଏକ ଶହ ଓଟ ପୁରସ୍କାର ମିଳିବ। ଆରବ୍ୟ ସମ୍ପ୍ରଦାୟ ଯେଉଁମାନଙ୍କ ଜୀବନ କେବଳ ଲୁଟ୍ ତରାଜରେ ବିତୁଥିଲା ଏବଂ ଯେଉଁମାନେ ଈର୍ଷାର ନିଆଁରେ ପୂର୍ବରୁ ହିଁ ଜଳି କୋଇଲା (ପାଉଁସ) ହୋଇ ସାରିଥିଲେ, ସେମାନେ ଏହି ସୁଯୋଗକୁ କେମିତି ବା ହାତଛଡ଼ା କରିଥାଆନ୍ତେ ! ସବୁଆଡ଼େ ଆପଣ ସ.ଅଙ୍କର ଖୋଜାଖୋଜି ଆରମ୍ଭ ହେଲା । ଯେପରିକି ଆପଣ ସ.ଅ ପକାଉଥିବା ପ୍ରତ୍ୟେକ ପାଦରେ ଭୟ ଥିଲା ଯେ, କୌଣସି ରକ୍ତପିପାସୁ ଶତ୍ରୁ ସହିତ ସାକ୍ଷାତ୍ ହୋଇଯିବ ! ଏପରି ସମୟରେ ପ୍ରାୟତଃ ଦେଖାଯାଏ ଯେ, ସବୁଠାରୁ ସାହସୀ ମଣିଷ ମଧ୍ୟ ସାହସ ହରାଇ ବସେ ଏବଂ ଶେଷ ପ୍ରଚେଷ୍ଟାରୁ ମଧ୍ୟ ବଞ୍ଚିତ ହୋଇଯାଏ । ଆଉ ଯଦି ଅତ୍ୟନ୍ତ ସାହସୀ ଏବଂ ଅସାଧାରଣ ଶକ୍ତିଶାଳୀ ହୃଦୟର ବ୍ୟକ୍ତି ମଧ୍ୟ ହୋଇଥାଉ ନା କାହିଁକି ତଥାପି ତା' ଉପରେ ଭୟ ଏପରି ଗ୍ରାସ ଏବଂ ଅଭିଭୂତ ହୋଇଯାଏ ଯେ, ତା'ର ପ୍ରତ୍ୟେକ କାର୍ଯ୍ୟରୁ ତାହା ପ୍ରକାଶ ପାଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ର.ଅ ଉଲ୍ଲେଖ କରିଛନ୍ତି ଯେ: "ମୁଁ ଇତିହାସରେ ବଡ଼ ବଡ଼ ବୀର ସାହସୀମାନଙ୍କର ଘଟଣା ପଢ଼ିଛି । କିନ୍ତୁ ଏପରି ସମୟରେ ସେମାନଙ୍କର ଯେଉଁ ଅବସ୍ଥା ହୋଇଥାଏ ତାହାର ତୁଳନା ରସୁଲ୍ କରୀମ୍ ସ.ଅଙ୍କ ଘଟଣା ସହ କରିବା ମଧ୍ୟ ଉଚିତ୍ ନୁହେଁ । ଇତିହାସବିତ୍‌ମାନେ ଜାଣନ୍ତି ଯେ ପଳାୟନ କରୁଥିବା ନେପୋଲିୟନ୍‌ର କ'ଣ ଅବସ୍ଥା ଥିଲା ଏବଂ ତା' ଚେହେରାରେ ନିରାଶାର କିପରି ସ୍ପଷ୍ଟ ଚିହ୍ନ ଦୃଶ୍ୟମାନ ହେଉଥିଲା (ଦେଖାଯାଉଥିଲା) ! ସେମାନେ ଏହା ମଧ୍ୟ ଜାଣନ୍ତି ଯେ (ଭାରତ ଓ ପାକିସ୍ତାନର) ହୁମାୟୁଁ ସମ୍ରାଟ୍ କିପରି ବାରମ୍ବାର ନିଜକୁ ଶତ୍ରୁ ହାତରେ ସମର୍ପଣ କରିଦେବାକୁ ପ୍ରସ୍ତୁତ ହୋଇ ଯାଉଥିଲେ । ଯଦି ତାଙ୍କ ସହିତ କିଛି ଅତ୍ୟନ୍ତ ବିଶ୍ୱସ୍ତ ସେନାପତି ନଥାଆନ୍ତେ ତେବେ ସେ ହୁଏତ ସେପରି କରି ଦେଇଥାଆନ୍ତେ । ଏହିପରି ଅନ୍ୟ ଅନେକ ବଡ଼ ବଡ଼ ସାହସୀ ସେନାପତି ମଧ୍ୟ ଅତିକ୍ରାନ୍ତ ହୋଇଛନ୍ତି ଯାହାଙ୍କ ଉପରେ ସଙ୍କଟର ସମୟ ଆସିଛି ଏବଂ ଯେତେବେଳେ ଶତ୍ରୁ ସେମାନଙ୍କ ଚାରିପାଖରେ ଖୋଜିବାକୁ ବ୍ୟାପିଯାଇଛି ସେତେବେଳେ ସେମାନେ ଘାବରେଇ ଯାଇଛନ୍ତି । କିନ୍ତୁ ରସୁଲ୍ କରୀମ୍ ସ.ଅ ସେହି ସାଂସାରିକ ଲୋକମାନଙ୍କ ମଧ୍ୟରୁ ନଥିଲେ। ଆପଣ ସ.ଅଙ୍କର ନଜର (ଦୃଷ୍ଟି) ସଂସାର ଆଡ଼କୁ ନଥିଲା ବରଂ ଆପଣ ସ.ଅଙ୍କର ଆଖି (ଚକ୍ଷୁ) ଅଲ୍ଲାଃତାଲାଙ୍କ ଆଡ଼କୁ ଉଠିଥିଲା । ସାଂସାରିକ ସାଧନ ଆପଣଙ୍କର ଦୃଷ୍ଟିଗୋଚର ନଥିଲା ଏବଂ ଆପଣ ଏହା ଭାବୁ ନଥିଲେ ଯେ, ଏପରି ସମୟରେ ମୁଁ ଏକାକୀ କେବଳ ଜଣେ ସାଥୀଙ୍କ ସହ କ'ଣ କରିପାରିବି କିମ୍ବା ଏପରି ବିପଦଜନକ ରାସ୍ତାରେ ଯଦି ଶତ୍ରୁ ଆସିଯାଏ ତେବେ ତା'ର ମୁକାବିଲା ପାଇଁ ମୋ ପାଖରେ କେଉଁ ସାମଗ୍ରୀ ଅଛି ? ବରଂ ଆପଣ ସ.ଅ ଦେଖୁଥିଲେ ଯେ, ମୋ ସହିତ ସେହି ଈଶ୍ୱର ଅଛନ୍ତି ଯିଏ ସର୍ବଦା ନିଜର ପୁଣ୍ୟବାନ୍ ଓ ସଦାଚାରୀ ଭକ୍ତମାନଙ୍କର ରକ୍ଷକ ହୋଇ ଆସିଛନ୍ତି । ଯାହାଙ୍କର ପ୍ରହାରର ମୁକାବିଲା କୌଣସି ଶତ୍ରୁ କରିପାରିବ ନାହିଁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ଈଶ୍ୱର ଅଲ୍ଲାଃ ହ. ନୁହ୍ ଅ.ସ, ହ. ଇବ୍ରାହୀମ୍ ଅ.ସ, ହ. ମୁସା ଅ.ସ, ହ. ଯୁନୁସ୍ ଅ.ସ, ହ. ଅୟ୍ୟୁବ୍ ଅ.ସ, ହ. ଦାଉଦ୍ ଅ.ସ, ହ. ସୁଲୈମାନ୍ ଅ.ସ ଏବଂ ହ. ମସିହ୍ ଅ.ସଙ୍କର ଈଶ୍ୱର ଥିଲେ । ସେ ହିଁ ମୋର ଈଶ୍ୱର ଅଟନ୍ତି, ତାଙ୍କର ଶକ୍ତି କେବେ ହ୍ରାସ ପାଏ ନାହିଁ ଏବଂ ସେ ମୁହୂର୍ତ୍ତକ ପାଇଁ ମଧ୍ୟ ଅସାବଧାନ ଓ ଅବଚେତନ ନୁହଁନ୍ତି । ସୁରାକା ବିନ୍ ଜୁହଶମ୍ ଲୋଭ ଏବଂ ଶତ୍ରୁତାରେ ଅନ୍ଧ ହୋଇ ଆସିଥିଲା ଏବଂ ଦୂରରୁ ଦେଖି ଆପଣ ସ.ଅଙ୍କ ଆଡ଼କୁ ଘୋଡ଼ା ଦୌଡ଼ାଇଲା । ତା' ହୃଦୟରେ ଆଶା ନଦୀ ଭଳି ଢେଉ ମାରୁଥାଏ । ସେ କେବଳ ନିଜ ଧର୍ମକୁ ଅପମାନିତ କରିଥିବା ବ୍ୟକ୍ତିଙ୍କ ରକ୍ତରେ ହାତ ରଙ୍ଗେଇ ସେ ନିଜ ଦଗ୍ଧ (ପୋଡ଼ା) ହୃଦୟକୁ ଶାନ୍ତି ଦେବାକୁ ଚାହୁଁ ନଥିଲା ବରଂ ଦୁଇ ଶହ (200) ଓଟର ପୁରସ୍କାର ଅର୍ଥାତ୍ ଶହେ (100) ଓଟ ଆଁହଜରତ୍ ସ.ଅଙ୍କ ପାଇଁ ନିର୍ଦ୍ଧାରିତ ଥିଲା ଏବଂ ଶହେ (100) ଓଟ ହ. ଅବୁ ବକ୍କର୍ ର.ଅଙ୍କ ପାଇଁ ଉଦ୍ଦିଷ୍ଟ । କାରଣ ଦୁଇ ଶହ ଓଟର ପୁରସ୍କାର ମଧ୍ୟ ମୋତେ ମିଳିବ । ଏହି କଥା ଆଡ଼କୁ ଆପଣ ର.ଅ ଇଙ୍ଗିତ କରିଛନ୍ତି ଯେ, ଦୁଇ ଶହ ଓଟ । ପୂର୍ବ ବର୍ଣ୍ଣନାରେ ଶହେ ଓଟର ଉଲ୍ଲେଖ ଅଛି । କିନ୍ତୁ ଦୁଇ ଶହ ଓଟ ଶହେ ଶହେ କରି ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ 'ଯାହା ତାକୁ ନିଜ ଜାତି ମଧ୍ୟରେ ଏକ ବହୁତ ବଡ଼ ସମ୍ମାନଜନକ ପଦବୀ ଦେବା ପାଇଁ ଯଥେଷ୍ଟ ଥିଲା ତା'ର ସାହସକୁ ଆହୁରି ଉଚ୍ଚ କରିଦେଲା । ଯେପରି ଶିକାରୀ ନିଜ ଶିକାରକୁ ଦେଖି ଡେଇଁପଡ଼େ ଠିକ୍ ସେହିପରି ସେ ରସୁଲ୍ କରୀମ୍ ସ.ଅଙ୍କୁ ଦେଖି ଆପଣ ସ.ଅଙ୍କ ଆଡ଼କୁ ଧାଇଁ ଆସିଲା ଏବଂ ହାତରେ ଧନୁ ଶର ନେଇ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବାକୁ ଚାହେଁ। ସେ ଏକାକୀ ନୁହେଁ ବରଂ ଏକ ଗର୍ଜନ କରି ସେ ନିଜ ଚାରି ପାଖରେ ହଜାର ହଜାର ଲୋକଙ୍କୁ ଏକାଠି କରିପାରେ ।' ଯଦି ସେ ଡାକିଥାଆନ୍ତା ତେବେ ଆଖିଆଖି ସମ୍ପ୍ରଦାୟର କିଛି ଲୋକ ବୋଧେ ପାଖରେ ଥିବାରୁ ଆସି ଯାଇଥାଆନ୍ତେ । କାରଣ ରସୁଲ୍ କରୀମ୍ ସ.ଅ ସେତେବେଳେ ତା'ରି ଅଞ୍ଚଳ ଦେଇ ଗତି କରୁଥିଲେ । କିନ୍ତୁ ଆପଣ ସ.ଅ ସେତେବେଳେ କ'ଣ କରନ୍ତି ? ଆପଣ କ'ଣ ପଳାୟନ କରନ୍ତି ? ଆପଣ କ'ଣ ଭୟଭୀତ ହୋଇ ନିଜକୁ ତା' ହାତରେ ସମର୍ପଣ କରିଦିଅନ୍ତି ? ଆପଣଙ୍କ ପାଦ କ'ଣ ଖସିଯାଏ ? ଆପଣଙ୍କ ହିତାହିତ ଜ୍ଞାନ କ'ଣ କାମ କରିବା ବନ୍ଦ କରିଦିଏ ? ଆପଣ କ'ଣ ତାକୁ ହତ୍ୟା କରି ପଳାଇବାର ଉପାୟ ଚିନ୍ତା କରନ୍ତି ? ଏବେ ସେ ଏତେ ପାଖରେ ଅଛି, ଏକାକୀ ଅଛି, ତେବେ ଆପଣ ସ.ଅ ମଧ୍ୟ ତୀର ମାରି ତାକୁ ହତ୍ୟା କରି ପାରିଥାଆନ୍ତେ । 'ନା ! ସେହି ଈଶ୍ୱରଙ୍କ ଉପରେ ଭରସା କରୁଥିବା ମହାବତାର ଏହିସବୁ ମଧ୍ୟରୁ ଗୋଟିଏ ହେଲେ ବି କାମ କରନ୍ତି ନାହିଁ ଏବଂ ସୁରାକା ପ୍ରତି ତିଳେମାତ୍ର ଭ୍ରୁକ୍ଷେପ କରନ୍ତି ନାହିଁ ଯେପରି ଗୋଟିଏ ବଳଦର ଚିନ୍ତା (ଭ୍ରୁକ୍ଷେପ) କରାଯାଏ । ହ. ଅବୁ ବକ୍କର୍ ର.ଅ ନିଜର ଏହି ସାହସ ଓ ବୀରତା ସତ୍ତ୍ୱେ, ନିଜର ବିଶ୍ୱାସ ଓ ପ୍ରତ୍ୟୟ ସତ୍ତ୍ୱେ, ନିଜର ତୱକ୍କୁଲ୍ (ଭରସା) ସତ୍ତ୍ୱେ, ବାରମ୍ବାର ପଛକୁ ବୁଲି ଦେଖୁଥାଆନ୍ତି ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ କହୁଥାଆନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସୁରାକା ବର୍ତ୍ତମାନ ଆମର କେତେ ପାଖକୁ ଆସିଗଲାଣି। କିନ୍ତୁ ରସୁଲ୍ କରୀମ୍ ସ.ଅ ତା' ପ୍ରତି ପ୍ରତି ବି ଭ୍ରୁକ୍ଷେପ କରନ୍ତି ନାହିଁ । ବ୍ୟାକୁଳ ହେବା କିମ୍ବା ଦୌଡ଼ିବା ତ' ପରର କଥା, ଭୟ ଓ ଆଶଙ୍କା ପ୍ରକାଶ କରିବା ତ' ଦୂରର କଥା, ଆପଣ ଥରେ ହେଲେ ବି ମୁହଁ ବୁଲାଇ ତା' ଆଡ଼କୁ ଚାହିଁ ନାହାନ୍ତି ! ଏକଥା ସୁରାକାକୁ ଆଶ୍ଚର୍ଯ୍ୟର ଜାଲରେ ପକାଇଦେଲା ଏବଂ ତା'ର ଆଖି ଖୋଲିଗଲା ଯେ, ମୁଁ କେଉଁ ମଣିଷର ପଛରେ ପଡ଼ିଛି ! ସେ ସାରା ଜୀବନ ନିଜ ସ୍ମୃତିରୁ ଏହି ଦୃଶ୍ୟକୁ ପୋଛି ପାରିନଥିଲା । ବରଂ ଏହି ଅସାଧାରଣ ଘଟଣା ତା' ହୃଦୟରେ ଏପରି ପ୍ରଭାବ ପକାଇଲା ଯେ, ସେ ସର୍ବଦା ଏହାକୁ ବର୍ଣ୍ଣନା କରୁଥିଲା ଏବଂ କହୁଥିଲା ଯେ... 'ମୁଁ ଘୋଡ଼ା ଦୌଡ଼ାଇ ଦୌଡ଼ାଇ ରସୁଲ୍ କରୀମ୍ ସ.ଅଙ୍କର ଏତେ ନିକଟବର୍ତ୍ତୀ ହୋଇଗଲି ଯେ, ମୁଁ ଆପଣଙ୍କର କୁରଆନ୍ ପାଠ କରିବାର ସ୍ୱର ଶୁଣି ପାରୁଥିଲି । ମୁଁ ଦେଖିଲି ଯେ, ରସୁଲ୍ କରୀମ୍ ସ.ଅ ଡାହାଣ କିମ୍ବା ବାମ ଆଡ଼କୁ ଆଦୌ ଦେଖୁନଥିଲେ । ହଁ, ହ. ଅବୁ ବକ୍କର୍ ର.ଅ ବାରମ୍ବାର ବୁଲି ଦେଖୁଥିଲେ ।'

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଶତ୍ରୁ ଘୋଡ଼ା ଦୌଡ଼ାଇ ଏତେ ପାଖକୁ ଆସିଯାଇଛି ଯେ, ଆପଣ ସ.ଅଙ୍କ ସ୍ୱର ତା' ପାଖରେ ପହଞ୍ଚିପାରୁଛି ଏବଂ ଆପଣ ସ.ଅ ତୀରର ଲକ୍ଷ୍ୟ ମଧ୍ୟକୁ ଆସିଯାଇଛନ୍ତି । କିନ୍ତୁ ଆପଣ ସ.ଅ ଆକୁଳତା ଅନୁଭବ କରିବା ତ' ଦୂରର କଥା ଆପଣ ସ.ଅ ପବିତ୍ର କୁରଆନ୍ କରୀମ୍ ପାଠ କରି ଚାଲିଛନ୍ତି ! ଏପଟେ ହ. ଅବୁ ବକ୍କର୍ ର.ଅ ବାରମ୍ବାର ଦେଖୁଛନ୍ତି ଏବଂ କହୁଛନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଶତ୍ରୁ କେତେ ପାଖରେ ପହଞ୍ଚିଗଲାଣି ? କ'ଣ ଅଲ୍ଲାଃଙ୍କ ଉପରେ ଏପରି ଅଗାଧ ବିଶ୍ୱାସ ଓ ଭରସାର ଅନ୍ୟ କୌଣସି ଦୃଷ୍ଟାନ୍ତ ମିଳିପାରିବ କି ? କ'ଣ କୌଣସି ମନୁଷ୍ୟ ଏପରି ଅଛି ଯିଏ ଏହି ଭୟଙ୍କର ସମୟରେ ଏପରି ଖାମ ଖିଆଲିମୂଳକ ଭାବାବେଗର ପରିପ୍ରକାଶ କରିଥିବ ? ଯଦି ଆପଣ ସ.ଅଙ୍କର ସାଂସାରିକ ଉପାୟ (ସାଧନ) ବ୍ୟବହାର କରିବାର ଚିନ୍ତା ମଧ୍ୟ ଥାଆନ୍ତା ତେବେ ଅନ୍ତତଃ ଏତିକି ନିଶ୍ଚୟ ହୋଇଥାଆନ୍ତା ଯେ, ଆପଣ ସ.ଅ ସେତେବେଳେ ସୁରାକା ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥାଆନ୍ତେ କିମ୍ବା ସେଠାରୁ ଦ୍ରୁତ ଗତିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତେ । କିନ୍ତୁ ଆପଣ ସ.ଅ ଏହି ଦୁଇଟି କଥା ମଧ୍ୟରୁ ଗୋଟିଏ କଥାକୁ ବି ଗ୍ରହଣ କଲେ ନାହିଁ । ଅର୍ଥାତ୍ ନା ତ' ଆପଣ ନିଜ ପାଦର ଗତିକୁ ଦ୍ରୁତ କଲେ ଓ ନା ହିଁ ଆପଣ ସ.ଅ ସୁରାକାକୁ ହତ୍ୟା କରିବା କଥା ଚିନ୍ତା କଲେ । ବରଂ ଆପଣ ସ.ଅ ଅତ୍ୟନ୍ତ ଶାନ୍ତ ଓ ଧୈର୍ଯ୍ୟର ସହିତ କୌଣସି ଭୟ ପ୍ରକାଶ ନକରି ନିଜର ପୂର୍ବ ଗତିରେ ପବିତ୍ର କୁରଆନ୍ କରୀମ୍ ପାଠ କରି ଚାଲିଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପରି କେଉଁ ଜିନିଷ ଥିଲା ଯାହା ସେତେବେଳେ ଆପଣ ସ.ଅଙ୍କ ହୃଦୟକୁ ଏପରି ଦୃଢୀଭୂତ କରିଥିଲା ? କେଉଁ ଶକ୍ତି ଥିଲା ଯାହା ଆପଣ ସ.ଅଙ୍କ ମନୋବଳକୁ ଏତେ ଉଚ୍ଚ କରିଦେଲା ? କେଉଁ ଆତ୍ମା ଥିଲା ଯାହା ଆପଣ ସ.ଅଙ୍କ ଭିତରେ ଏହିପରି ଅସାଧାରଣ ଜୀବନ (ପ୍ରାଣ) ସୃଷ୍ଟି କଲା ? ଏହା ଈଶ୍ୱରଙ୍କ ଉପରେ ତୱକ୍କୁଲ୍ (ପୂର୍ଣ୍ଣ ଭରସା)ର ହିଁ ଚମତ୍କାର ଥିଲା । ତାହାଙ୍କ ଉପରେ ବିଶ୍ୱାସର ପରିଣାମ ଥିଲା । ଆପଣ ସ.ଅ ଜାଣିଥିଲେ ଯେ, ବାହ୍ୟ ସାଧନ ମୋର କିଛି କ୍ଷତି କରିପାରିବ ନାହିଁ। ସଂସାରର ଶକ୍ତିଗୁଡ଼ିକ ମୋତେ ଧ୍ୱଂସ କରିପାରିବ ନାହିଁ । କାରଣ ଆକାଶରେ ଜଣେ ଈଶ୍ୱର ଅଛନ୍ତି ଯିଏ ମୋତେ ଦେଖୁଛନ୍ତି, ଯିଏ ଏହି ସମସ୍ତ ସାଧନର ସୃଷ୍ଟିକର୍ତ୍ତା ଅଟନ୍ତି । ତେଣୁ ସାଧନର ସୃଷ୍ଟିକର୍ତ୍ତାଙ୍କ ବିରୁଦ୍ଧରେ କୌଣସି ସାଧନ କିଛି କରିପାରିବ ନାହିଁ । ଆପଣ ସ.ଅଙ୍କର ଏହି ତୱକ୍କୁଲ୍ (ବିଶ୍ୱାସ ଓ ଅଗାଧ ଭରସା) ବ୍ୟର୍ଥ ଗଲା ନାହିଁ ବରଂ। ଈଶ୍ୱର ତାହା ସାକାର କଲେ ଏବଂ ସୁରାକା ଯିଏ ଦୁଇ ଶହ ଓଟର ଲୋଭ ନେଇ ଆସିଥିଲା ସେ ଆପଣ ସ.ଅଙ୍କୁ କ୍ଷମା ମାଗି ଫେରିଗଲା । ଈଶ୍ୱର ତା' ହୃଦୟରେ ଏପରି ଭୟ ପ୍ରଭାବ ପକାଇଲେ ଯେ, ସେ ଚୁପଚାପ୍ ଫେରିଯିବାରେ ହିଁ ନିଜର କଲ୍ୟାଣ ମନେକଲା । କେବଳ ସେତିକି ନୁହେଁ ବରଂ ସେ ଅନ୍ୟ ଗୋଡ଼ାଉଥିବା ଲୋକମାନଙ୍କୁ ମଧ୍ୟ ଫେରାଇଦେଲା । ଏହା ସେହି ତୱକ୍କୁଲ୍ ଅଟେ ଯାହା ଜଣେ ମିଥ୍ୟାବାଦୀ ମଣିଷ ଭିତରେ କଦାପି ରହିପାରିବ ନାହିଁ । ଏହା ସେହି ତୱକ୍କୁଲ୍ ଅଟେ ଯାହା ଗୋଟିଏ ପ୍ରତାରଣାପୂର୍ଣ୍ଣ ହୃଦୟରେ କଦାପି ରହିପାରିବ ନାହିଁ । ଏହା ସେହି ଈଶ୍ୱର ବିଶ୍ୱାସ ଅଟେ ଯାହାର ଦୃଷ୍ଟାନ୍ତ ସଂସାରରେ ମିଳେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସା ଅ.ସଙ୍କ ଠାରୁ ମଧ୍ୟ ଗୋଟିଏ ସମୟରେ ଏହିପରି ତୱକ୍କୁଲ୍‌ର ଉଦାହରଣ ଦେଖିବାକୁ ମିଳେ । କିନ୍ତୁ ସେହି ଉଦାହରଣ ଏହା ଠାରୁ ମଧ୍ୟ ବହୁତ ନିମ୍ନ ଓ ନିକୃଷ୍ଟ ସ୍ତରର ଅଟେ । କାରଣ ହ. ମୁସା ଅ.ସଙ୍କ ସାଥୀମାନେ ଫିରଔନ୍‌ର ଲୋକଙ୍କୁ ଦେଖି କହିଥିଲେ: 'اِنَّا لَمُدْرَكُوْنَ' ଅର୍ଥାତ୍ ହେ ମୁସା ଆମେମାନେ

ନିଶ୍ଚୟ ଧରାପଡ଼ିଯିବୁ । ପ୍ରତ୍ୟୁତ୍ତରରେ ହ. ମୁସା ଅ.ସ କହିଥିଲେ: إِنَّ مَعِيَ رَبِّي سَيَهْدِينِ **(ଅଶ୍ ଶୋଓରା: 63)**। କିନ୍ତୁ ରସୁଲ୍ କରୀମ୍ ସ.ଅଙ୍କ ତୱକ୍କୁଲ୍ ଏତେ ପୂର୍ଣ୍ଣାଙ୍ଗ ଥିଲା ଯେ, ତାହା ଆପଣ ସ.ଅଙ୍କ ସାଥୀମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥିଲା ଏବଂ ହ. ଅବୁ ବକ୍କର୍ ର.ଅ ମୁସା ଅ.ସଙ୍କ ସାଥୀମାନଙ୍କ ଭଳି ଭୟଭୀତ ହୋଇ କହି ନଥିଲେ ଯେ 'ଆମେ ନିଶ୍ଚୟ ଧରାପଡ଼ିଯିବା' ବରଂ ଗୁମ୍ଫାରେ ବସି ମଧ୍ୟ ଦେଖି ମଧ୍ୟ ଏହା କହିଥିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ସେମାନେ ଅର୍ଥାତ୍ ଶତ୍ରୁମାନେ ନିଜ ଦୃଷ୍ଟି ତଳକୁ କରିବେ ତେବେ ସେମାନେ ଆମକୁ ଦେଖିନେବେ । ଏହି ଈଶ୍ୱରୀୟ ବିଶ୍ୱାସ ସେହି ଆଲୋକର ପ୍ରତିଫଳନ ଥିଲା ଯାହା ନବୁୱତ୍ତର (ଅବତାରତ୍ତର) ଆଲୋକ ସେତେବେଳେ ଆପଣ ସ.ଅଙ୍କ ହୃଦୟରେ ପକାଉଥିଲା।

(ସୀରତୁନ୍ ନବୀ ସ.ଅ, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-1, ପୃ- 491-496)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଥିଲା ଆପଣ ସ.ଅଙ୍କ ତୱକ୍କୁଲ୍‌ର ଉଚ୍ଚ ମର୍ଯ୍ୟାଦା । ସାଧନର ବ୍ୟବସ୍ଥା ଓ ବ୍ୟବହାର ଏବଂ ତା'ପରେ ଅଲ୍ଲାଃତାଲାଙ୍କ ଉପରେ ତୱକ୍କୁଲ୍ କରିବା ଏହା ଅତ୍ୟନ୍ତ ଆବଶ୍ୟକ । ଆଁହଜରତ୍ ସ.ଅଙ୍କ ତୱକ୍କୁଲ୍‌ର ଉଲ୍ଲେଖ କରି ଏହି ନୂତନ ବିନ୍ଦୁକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଯେଉଁ ବ୍ୟକ୍ତିର ଅଲ୍ଲାଃତାଲାଙ୍କ ସତ୍ତା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ତା' ସହିତ ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଈଶ୍ୱର ମୋତେ ଏକ ବିଶେଷ ଉଦ୍ଦେଶ୍ୟ ପାଇଁ ସୃଷ୍ଟି କରିଛନ୍ତି, ତେବେ ସେ କାର୍ଯ୍ୟ କରିବା କିପରି ଛାଡ଼ିପାରିବ ? ସେ ତ' ସବୁଠାରୁ ଅଧିକ କାର୍ଯ୍ୟ କରୁଥିବା ବ୍ୟକ୍ତି ହୋଇଥାଏ । ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ କାର୍ଯ୍ୟଗୁଡ଼ିକ ଆପଣ ସ.ଅଙ୍କ ବିଶ୍ୱାସ ଯୋଗୁଁ ଥିଲା । କାରଣ ଯେଉଁ ବ୍ୟକ୍ତି ବୁଝିଥାଏ ଯେ, ଜଣେ ଈଶ୍ୱର ଅଛନ୍ତି ଏବଂ ସେ ମୋତେ ଏକ ବିଶେଷ ଉଦ୍ଦେଶ୍ୟ ପାଇଁ ସୃଷ୍ଟି କରିଛନ୍ତି ତେବେ ସେ ସେହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ପ୍ରଚେଷ୍ଟା ମଧ୍ୟ କରେ । ସୁତରାଂ ଦେଖନ୍ତୁ ! ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଯେଉଁଠି ବିଶ୍ୱାସ ପ୍ରକାଶ କରନ୍ତି, ଯେଉଁଠି 'ସୋର୍' ଗୁମ୍ଫାରେ ବସି ହ. ଅବୁ ବକ୍କର୍ ର.ଅଙ୍କୁ କହନ୍ତି: ' ହେ ଅବୁ ବକ୍କର୍ ! ବ୍ୟାକୁଳ ହୁଅ ନାହିଁ । ଅଲ୍ଲାଃ ଆମ ସହିତ ଅଛନ୍ତି ଏବଂ ସେ ହିଁ ଆମର ରକ୍ଷକ ଅଟନ୍ତି । ସେଠାରେ ଆପଣ ସ.ଅ ଧର୍ମର ଅନ୍ୟାନ୍ୟ କାର୍ଯ୍ୟରେ ଦିନ ରାତି ଏପରି ବ୍ୟସ୍ତ ରହନ୍ତି ଯେ, ଏପରି ମନେହୁଏ ଯେ, ସମଗ୍ର ସୃଷ୍ଟିର କାର୍ଯ୍ୟ ଆପଣ ସ.ଅଙ୍କ ଉପରେ ହିଁ ନ୍ୟସ୍ତ କରାଯାଇଛି । ତେଣୁ ଗୋଟିଏ ପଟେ ଯଦି ଆପଣ ସ.ଅଙ୍କୁ ଏହି ବିଶ୍ୱାସ ଥିଲା ଯେ, ଅଲ୍ଲାଃତାଲା ଅଛନ୍ତି ଏବଂ ସେ ନିଜ ଭକ୍ତମାନଙ୍କୁ ସାହାଯ୍ୟ କରନ୍ତି । ଅନ୍ୟପଟେ ଆପଣ ସ.ଅ ଅଲ୍ଲାଃଙ୍କର ପରୀକ୍ଷା ନେଉଥିବାର ଦେଖାଯାଆନ୍ତି ନାହିଁ । ଏପରି କରନ୍ତି ନାହିଁ ଯେ, ଯେତେବେଳେ ଅଲ୍ଲାଃ କହିଦେଲେ ଯେ, 'ମୁଁ ତୋତେ ବିଜୟ ପ୍ରଦାନ କରିବି' ସେତେବେଳେ ହାତ ବାନ୍ଧି ବସିଯିବେ ଏବଂ କହିବେ ଯେ 'ଏବେ ବିଜୟ ପାଇଁ କୌଣସି ଚେଷ୍ଟାର କ'ଣ ପ୍ରୟୋଜନ ଦରକାର ? ଅଲ୍ଲାଃତାଲା ତ' ନିଜ ପ୍ରତିଶ୍ରୁତି ଅନୁସାରେ ନିଜେ ବିଜୟ ଦେବେ ।' ଆପଣ ସ.ଅ ଏପରି କରନ୍ତି ନାହିଁ ବରଂ ବିଜୟ ପାଇଁ ଚେଷ୍ଟା ମଧ୍ୟ କରନ୍ତି । ସେଥିପାଇଁ ଆପଣ ସ.ଅ ଲୋକମାନଙ୍କୁ ସୈନ୍ୟ କୌଶଳ ଶିଖାନ୍ତି, ସେନାକୁ ତାଲିମ୍ ଦିଅନ୍ତି, ଶତ୍ରୁର ମୁକାବିଲା ପାଇଁ ସୈନ୍ୟମାନଙ୍କୁ ଏକାଠି କରନ୍ତି, ବାହନର ବ୍ୟବସ୍ଥା କରନ୍ତି, ଅସ୍ତ୍ରଶସ୍ତ୍ର ସଂଗ୍ରହ କରନ୍ତି, ସୈନିକମାନଙ୍କର ଖାଦ୍ୟ ଓ ରହିବାର ବ୍ୟବସ୍ଥା ମଧ୍ୟ କରନ୍ତି । ପୁନଶ୍ଚ ଏହି ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପରେ ଶତ୍ରୁ ସହିତ ଲଢ଼ିବାକୁ ଯାଆନ୍ତି । ଯେତେବେଳେ ଏପରି ସମୟ ଆସେ ଏବଂ ଯେତେବେଳେ ଶତ୍ରୁ ଅଧିକ ଥାଆନ୍ତି ଏବଂ ସହାବାମାନେ କମ୍ ଥାଆନ୍ତି ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ନିଶ୍ଚିତତା, ଦୃଢ଼ତା ଓ ବିଶ୍ୱାସର ସହିତ କୁହନ୍ତି ଯେ, ହେ ସାହାବାମାନେ ! 'ଯଦିଓ ଆମେ କମ୍ (ସ୍ୱଳ୍প) ଅଛୁ କିନ୍ତୁ ଆମେମାନେ ହିଁ ଜିତିବୁ ।' ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଯେତେଦୂର ସମ୍ଭବ ମାନବୀୟ ଉପାୟ ଆପଣ ସ.ଅ କରିପାରୁଥିଲେ ସେତେଦୂର ଆପଣ ସ.ଅ ସମସ୍ତ ଉପାୟ ବ୍ୟବହାର କରୁଥିଲେ ଏବଂ ତା'ପରେ ଅଲ୍ଲାଃତାଲାଙ୍କ ଉପରେ ଭରସା କରୁଥିଲେ । ତେଣୁ ଆପଣ ସ.ଅଙ୍କର ବିଶ୍ୱାସ ଅଜ୍ଞାନତା କିମ୍ବା ଆଳସ୍ୟମୂଳକ ବିଶ୍ୱାସ ନଥିଲା ବରଂ ଆପଣ ସ.ଅଙ୍କର ବିଶ୍ୱାସ ପ୍ରତ୍ୟକ୍ଷ ଅନୁଭୂତିର (ଈଶ୍ୱର) ବିଶ୍ୱାସ ଥିଲା । ପ୍ରତ୍ୟକ୍ଷ ଅନୁଭୂତିର (ଈଶ୍ୱର) ବିଶ୍ୱାସ ସେହି ବ୍ୟକ୍ତିର ହିଁ ହୋଇଥାଏ ଯିଏ ଏକା ସାଙ୍ଗରେ ତୱକ୍କୁଲ୍ (ଭରସା) କରେ ଏବଂ କର୍ମ ମଧ୍ୟ ସମ୍ପାଦନ କରେ । ଯେପରିକି କର୍ମ ଓ ତୱକ୍କୁଲ୍ ଉଭୟକୁ ଏକାଠି ରଖିଥାଏ ।"

(ଉସ୍ୱାଏ ହସ୍‌ନା, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-17, ପୃ- 97-98)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି: "ସେହି ସଙ୍କଟର ଯୁଗ ଯାହା ଆମ ମହାବତାର ହ. ମୁହମ୍ମଦ ସ.ଅଙ୍କ ସହିତ ତେର ବର୍ଷ ପର୍ଯ୍ୟନ୍ତ ପାବନ ଭୂମି ମକ୍କା ଠାରେ ରହିଲା । ସେହି ଯୁଗର ଜୀବନୀ ପଢ଼ିଲେ ଅତ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡ଼େ ଯେ, ଆଁହଜରତ୍ ସ.ଅ ସେହି ସଦ୍‌ଗୁଣଗୁଡ଼ିକ ଯାହା ବିପଦ ସମୟରେ ଜଣେ ସମ୍ପୂର୍ଣ୍ଣ ସତ୍ୟବାଦୀ ଦେଖାଇବା ଉଚିତ୍ ଅର୍ଥାତ୍ ଈଶ୍ୱରଙ୍କ ଉପରେ ଭରସା ଓ ବିଶ୍ୱାସ ରଖିବା, ଧୈର୍ଯ୍ୟହରା ନହେବା, ନିଜ କାର୍ଯ୍ୟରେ ଅବହେଳା ନକରିବା ଏବଂ କାହାରି ଭୟରେ ଭୟଭୀତ ନହେବା ଏପରି ଭାବେ ଦେଖାଇଲେ ଯେ, ଅବିଶ୍ୱାସାକାରୀମାନେ ଏପରି ଦୃଢ଼ତା ଦେଖି ବିଶ୍ୱାସ ଆଣିଲେ । ସେହି ଅବିଶ୍ୱାସକାରୀମାନେ ଏହି ସାକ୍ଷ୍ୟ ପ୍ରଦାନ କଲେ ଯେ, 'ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ଉପରେ କୌଣସି ବ୍ୟକ୍ତିର ସମ୍ପୂର୍ଣ୍ଣ ଭରସା ନହୁଏ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ଏପରି ଦୃଢ଼ତା ଭାବରେ ଦୁଃଖକୁ ସହି ପାରିବ ନାହିଁ'।"**(ଇସ୍‌ଲାମୀ ଉସୁଲ୍ କି ଫିଲୋସଫି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-10, ପୃ- 447)**ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାସହିତ ଆବଶ୍ୟକୀୟ ଉପାୟର ବ୍ୟବହାର ମଧ୍ୟ କରୁଥିଲେ । ଯେପରିକି ମୁଁ ଏହି ପ୍ରସଙ୍ଗରେ କହିଲି ଯେ, ତତସଂକ୍ରାନ୍ତୀୟ ଘଟଣାବଳୀଗୁଡ଼ିକ ବର୍ଣ୍ଣିତ ହୋଇଛି । ଏକ ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ଅଛି । ହ. ଉବୈ ବିନ୍ କାଆବ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଅଟେ । ସେ ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ମଦିନା ଆସିଲେ ଏବଂ ଅନ୍ସାରମାନେ ସେମାନଙ୍କୁ ନିଜ ପାଖରେ ଆଶ୍ରୟ ଦେଲେ, ସେତେବେଳେ ସମଗ୍ର ଆରବବାସୀ ସେମାନଙ୍କ ବିରୁଦ୍ଧରେ ଏକାଠି ହୋଇଗଲେ । ମୁସଲମାନମାନଙ୍କର ଅବସ୍ଥା ଏପରି ଥିଲା ଯେ, ସେମାନେ ଅସ୍ତ୍ରଶସ୍ତ୍ର ବିନା ରାତି ବିତାଉ ନଥିଲେ ଏବଂ ଅସ୍ତ୍ରଶସ୍ତ୍ର ବିନା ସକାଳ ବି କରୁନଥିଲେ ।

(ଅଲ୍ ମୁସ୍ତାଦ୍ରିକ୍ ଅଲସ୍ ସହିହୈନ୍, ଗ୍ରନ୍ଥଖଣ୍ଡ-2, ପୃ-435, କିତାବୁତ୍ ତଫ୍‌ସିର୍)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଶୋଇବା ଓ ଜାଗ୍ରତ ରହିବା ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ଅସ୍ତ୍ରଶସ୍ତ୍ର ନିଜ ପାଖରେ ରଖୁଥିଲେ । ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ମଧ୍ୟ ଥିଲା ଏବଂ ଏହା ମଧ୍ୟ ଥିଲା ଯେ, ଯେକୌଣସି ସମୟରେ ବି ଆକ୍ରମଣ ହୋଇପାରେ ସେଥିପାଇଁ ସଜାଗ ମଧ୍ୟ ରହିବାର ଥିଲା ଓ ନିଜ ସୁରକ୍ଷାର ବ୍ୟବସ୍ଥା ମଧ୍ୟ କରିବାର ଥିଲା । ଏହାର ବିବରଣୀ ହ. ଆଏଶା ର.ଅଙ୍କ ଠାରୁ ଏକ ବର୍ଣ୍ଣନାରେ ମଧ୍ୟ ମିଳେ ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନା ଆସିଲେ, ଗୋଟିଏ ରାତି ଆପଣ ସ.ଅ ଜାଗ୍ରତ ରହିଲେ । ତା'ପରେ ଆପଣ ସ.ଅ କହିଲେ, " ଏପରି ହୁଆନ୍ତା କି ! ଯଦି ମୋର ସହାବାମାନଙ୍କ ମଧ୍ୟରୁ କୌଣସି ସଜ୍ଜନ ବ୍ୟକ୍ତି ଆଜି ରାତିରେ ମୋର ପ୍ରହରା ଦିଅନ୍ତା!" ହ. ଆଏଶା ର.ଅ କୁହନ୍ତି ଯେ, ମୁଁ ଏହି ଅବସ୍ଥାରେ ଥିଲି କି ହଠାତ୍ ଅସ୍ତ୍ରଶସ୍ତ୍ରର ଶବ୍ଦ ଶୁଭିଲା । ରସୁଲୁଲ୍ଲାଃ ସ.ଅ ପଚାରିଲେ: "କିଏ ?" ଉତ୍ତର ଆସିଲା: "ମୁଁ ସାଆଦ୍ ବିନ୍ ଅବି ୱକ୍କାସ୍ ।" ରସୁଲୁଲ୍ଲାଃ ସ.ଅ ପଚାରିଲେ, "ତୁମକୁ ଏଠାକୁ ଆସିବାକୁ କେଉଁ କଥା ପ୍ରେରିତ (ପ୍ରସ୍ତୁତ) କଲା ?" ସେ କହିଲେ ଯେ "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ହୃଦୟରେ ଆପଣ ସ.ଅଙ୍କ ସୁରକ୍ଷା ପ୍ରତି ଚିନ୍ତା ଆସିଲା, ସେଇଥିପାଇଁ ଆପଣ ସ.ଅଙ୍କ ପ୍ରହରା ଦେବାକୁ ଉପସ୍ଥିତ ହେଲି ।" ଏହା ଶୁଣି ରସୁଲୁଲ୍ଲାଃ ସ.ଅ ତାଙ୍କ ପାଇଁ ପ୍ରାର୍ଥନା (ଦୁଆ) କଲେ ଏବଂ ତା'ପରେ ଆପଣ ସ.ଅ ଆରାମରେ ଶୋଇଗଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ହ. ଆଏଶା ର.ଅ ଏହି ଘଟଣାକୁ ବର୍ଣ୍ଣନା କରି କୁହନ୍ତି ଯେ, "ମୁଁ ଅସ୍ତ୍ରଶସ୍ତ୍ରର ଶବ୍ଦ ଶୁଣିଲି। ରସୁଲୁଲ୍ଲାଃ ସ.ଅ ପୁନଶ୍ଚ ପଚାରିଲେ, 'କିଏ ?' ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! 'ଆମେ ସାଆଦ୍ ଏବଂ ହୁଜୈଫା ଅଟୁ ।' ଏଥିରେ ବର୍ଣ୍ଣିତ ଅଛି ଯେ, ସେଠାରେ ଦୁଇଜଣ ବ୍ୟକ୍ତି ଥିଲେ । ସେମାନେ ଆପଣ ସ.ଅଙ୍କ ପ୍ରହରା ଦେବାକୁ ଆସିଥିଲେ । ତା'ପରେ ରସୁଲୁଲ୍ଲାଃ ସ.ଅ ଶୋଇଗଲେ । ଏପରିକି ମୁଁ ଆପଣ ସ.ଅଙ୍କର ଗଭୀର ନିଶ୍ୱାସର ଶବ୍ଦ ଶୁଣିଲି । ସେହି ସମୟରେ ଏହି ଆୟାତ୍ ନାଜିଲ୍ (ପ୍ରକାଶିତ) ହୋଇଥିଲା ଅର୍ଥାତ୍ ଗଭୀର ନିଶ୍ୱାସ ଥିଲା, ଆପଣ ସ.ଅଙ୍କର ଏପରି ଅବସ୍ଥା ସେତେବେଳେ ହେଉଥିଲା ଯେତେବେଳେ ୱହି (ଐଶୀବାଣୀ) ଅବତୀର୍ଣ୍ଣ ହେଉଥିଲା ସେତେବେଳେ ସେ କୁହନ୍ତି ଯେ, ସେହି ସମୟରେ ଏହି ଆୟାତ୍ ଅବତୀର୍ଣ୍ଣ ହେଲା: وَاللَّهُ يَعْصِمُكَ مِنَ النَّاسِ ଅର୍ଥାତ୍ ଅଲ୍ଲାଃତାଲା ତୁମ୍ଭକୁ ଏହି ଲୋକମାନଙ୍କ ଠାରୁ ରକ୍ଷା କରିବେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ଶିବିର ତମ୍ବୁରୁ ନିଜ ମୁଣ୍ଡ ବାହାରକୁ କାଢ଼ି କହିଲେ: 'ହେ ଲୋକମାନେ ! ବର୍ତ୍ତମାନ ତୁମେମାନେ ଫେରିଯାଅ । ଅଲ୍ଲାଃତାଲା ମୋ ସୁରକ୍ଷାର ଦାୟିତ୍ୱ ନେଇସାରିଛନ୍ତି।" **(ଅଲ୍ ଜାମିଉଲ୍ ଅହକାମିଲ୍ କୁରଆନ୍) (ତଫସିର୍ କୁର୍ତ୍ତୁବୀ, ସୁରାଃ ଅଲ୍ ମାଏଦା, ଆୟତ୍ ସଂଖ୍ୟା-68, ପୃ- 1104, ଦାରି ଇବନେ ହିଜମ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେପର୍ଯ୍ୟନ୍ତ ବିଶ୍ୱାସ ଓ ଭରସା ନଥିଲା ସେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ପକ୍ଷରୁ କୌଣସି ଭବିଷ୍ୟବାଣୀ ନଥିଲା । କିନ୍ତୁ ଅପର ମୁହୂର୍ତ୍ତରେ ଅଲ୍ଲାଃତାଲା ଆପଣ ସ.ଅଙ୍କ ସକାଶେ ପ୍ରହରା ଦେବାର ବ୍ୟବସ୍ଥା କଲେ । ସୁତରାଂ ଯେତେବେଳେ ଅଲ୍ଲାଃତାଲାଙ୍କ ପକ୍ଷରୁ ଆଶ୍ୱାସନା ମିଳିଗଲା ସେତେବେଳେ ଆପଣ କହିଲେ, " ହେ ସାହାବାମାନେ ! ତୁମେମାନେ ଯାଅ, ବର୍ତ୍ତମାନ ଅଲ୍ଲାଃତାଲା ମୋର ରକ୍ଷା କରିବେ ।"

ହୁଜୁର୍ ଅନୱର୍ ଅ.ବ କହିଲେ, ଯେତେବେଳେ ରସୁଲ୍ କରୀମ୍ ସ.ଅ ଭିନ୍ନ ଭିନ୍ନ ସମ୍ରାଟମାନଙ୍କୁ ଧର୍ମପ୍ରଚାରର ପତ୍ର ପ୍ରେରଣ କଲେ, ସେତେବେଳେ ପାରସ୍ୟର ସମ୍ରାଟ କିସ୍ରା ଅତ୍ୟନ୍ତ ଅହଙ୍କାରର ସହିତ ଆପଣ ସ.ଅଙ୍କ ପତ୍ରକୁ ଖଣ୍ଡ ଖଣ୍ଡ କରି ଚିରିଦେଲା । ଯେତେବେଳେ ଆପଣ ସ.ଅଙ୍କୁ ଏହା ଜଣାପଡ଼ିଲା ସେତେବେଳେ ଆପଣ ସ.ଅ ପୂର୍ଣ୍ଣ ବିଶ୍ୱାସର ସହିତ କହିଲେ, ହେ ସାହାବାମାନେ ! "ଅଲ୍ଲାଃ ନିଜେ ଏହି ଲୋକମାନଙ୍କୁ ଖଣ୍ଡ ଖଣ୍ଡ କରିଦେବେ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, କିସ୍ରାର ସମ୍ରାଟ୍ ୟମନ୍‌ର ଗଭର୍ଣ୍ଣରଙ୍କ ମାଧ୍ୟମରେ ଆପଣ ସ.ଅଙ୍କୁ ବନ୍ଦୀ କରିବା ପାଇଁ ଦୁଇଜଣ ସୈନିକଙ୍କୁ ପତ୍ର ଦେଇ ପୂର୍ବରୁ ହିଁ ପଠାଇ ସାରିଥିଲା । ଆପଣ ସ.ଅ ପତ୍ରର ବିଷୟବସ୍ତୁ ଶୁଣିଲେ, ଯହିଁରେ ଏହା ଉଲ୍ଲେଖ ଥିଲା ଯେ, ହେ ମୁହମ୍ମଦ ସ.ଅ ! ଆପଣ ସ.ଅ ତୁରନ୍ତ ନିଜକୁ ଏହି ଲୋକମାନଙ୍କ ହାତରେ ସମର୍ପଣ କରନ୍ତୁ । ଏହିଭଳି ଭୟଙ୍କର ସମୟରେ ଆପଣ ସ.ଅ କୌଣସି ବ୍ୟାକୁଳତା ପ୍ରକାଶ ନକରି ଦୂତମାନଙ୍କୁ କହିଲେ: "ହେ ଦୂତମାନେ ଆଜି ରାତିରେ ତୁମେମାନେ ଏଠାରେ ରୁହ । ମୁଁ କାଲି ତୁମମାନଙ୍କୁ ଉତ୍ତର ଦେବି ।" ପୁନଶ୍ଚ ପରଦିନ ସକାଳେ ଆପଣ ସ.ଅ ସେହି ପ୍ରତିନିଧିମାନଙ୍କୁ କହିଲେ, " ହେ ଦୂତମାନେ ତୁମେମାନେ ଫେରିଯାଅ ଏବଂ ନିଜ ସମ୍ରାଟ୍ ଅର୍ଥାତ୍ ୟମନ୍‌ର ଶାସକଙ୍କୁ ଯାଇ କୁହ ଯେ, ମୋର ଈଶ୍ୱର ଆଜି ରାତିରେ ତୁମର ଈଶ୍ୱର ଅର୍ଥାତ୍ କିସ୍ରାକୁ ହତ୍ୟା କରି ଦେଇଛନ୍ତି ।" ସେହି ଲୋକମାନେ ଏହି କଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ ଫେରିଗଲେ । ପରେ ଜଣାପଡ଼ିଲା ଯେ, ସେହି

ରାତିରେ ହିଁ ଖୁସ୍ରୋ ପରୱଜ୍‌କୁ ତା'ର ପୁଅ ଶୀରୱୈହ୍ ସାଇରସ୍ (Siroes) ହତ୍ୟା କରିଦେଇଥିଲା । **(ସୀରତ୍ ଖାତମୁନ୍ ନବୀୟୀନ୍, ପୃ- 815-816ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ମହାନ ଘଟଣା ଅଲ୍ଲାଃତାଲାଙ୍କ ଅଲୌକିକ ଏବଂ ଚମତ୍କାରିକ ସୁରକ୍ଷା ତଥା ଆଁହଜରତ୍ ସ.ଅଙ୍କ ଅତୁଳନୀୟ ବିଶ୍ୱାସର ପ୍ରତୀକ ଅଟେ । ଆଁହଜରତ୍ ସ.ଅ ପୂର୍ଣ୍ଣ ବିଶ୍ୱାସର ସହିତ ଅଲ୍ଲାଃତାଲାଙ୍କ ଆଜ୍ଞାନୁକ୍ରମେ ଧର୍ମଯୁଦ୍ଧ (ଗଜୱାତ୍) ପାଇଁ ଯେତେବେଳେ ଯାଉଥିଲେ ସେତେବେଳେ ବାହାରିବା ସମୟରେ ମଧ୍ୟ ଆପଣ ସ.ଅ ଦୁଆ କରୁଥିଲେ । ଏହି ବିଷୟରେ ହ. ଅନସ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ଆଁହଜରତ୍ ସ.ଅ ଯୁଦ୍ଧ ପାଇଁ ବାହାରୁଥିଲେ ସେତେବେଳେ ଆପଣ ସ.ଅ କହୁଥିଲେ ଯେ, اَللّٰهُمَّ اَنْتَ عَضُدِیْ وَاَنْتَ نَصِیْرِیْ وَبِكَ اُقَاتِلُ ଅର୍ଥାତ୍ ହେ ଅଲ୍ଲାଃ! ତୁମ୍ଭେ ହିଁ ମୋର ବାହୁ ଏବଂ ତୁମ୍ଭେ ହିଁ ମୋର ସାହାଯ୍ୟକର୍ତ୍ତା ଓ ତୁମ ମାଧ୍ୟମରେ ହିଁ ମୁଁ ଯୁଦ୍ଧ କରେ । **(ସୁନନୁତ୍ ତିର୍ମିଜି, ଅବୱାବୁଲ୍ ଦ୍ୱାୱାତ୍, ହଦିସ୍ ନଂ-3584)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି "ମଣିଷକୁ ସଙ୍କଟ ସମୟରେ ଯଦିଓ ବ୍ୟାକୁଳତା ହୋଇଥାଏ କିନ୍ତୁ ତା' ପକ୍ଷେ ଉଚିତ୍ ଯେ, ସେ ବିଶ୍ୱାସକୁ କେବେ ବି ହାତଛାଡ଼ା ନକରୁ। ଆଁହଜରତ୍ ସ.ଅଙ୍କୁ ମଧ୍ୟ ବଦର୍ ଯୁଦ୍ଧ ସମୟରେ ପ୍ରବଳ ବ୍ୟାକୁଳତା ହୋଇଥିଲା । ସେଥିପାଇଁ ଆପଣ ସ.ଅ କହୁଥିଲେ ଯେ, 'یَارَبِّ اِنْ اَهْلَكْتَ هٰذِهِ الْعِصَابَةَ فَلَنْ تُعْبَدَ فِی الْاَرْضِ اَبَدًا' ଅର୍ଥାତ୍ ହେ ମୋର ପାଳନକର୍ତ୍ତା ! ଯଦି ତୁମେ ଏହି ଦଳକୁ ବିନାଶ (ଧ୍ୱଂସ) କରିଦେବ ତେବେ ପୃଥିବୀରେ ତୁମର ଆରାଧନା କେବେ ହେବ ନାହିଁ (ତୁମ୍ଭରେ କେହି ବି ଆରଧାନ କରିବେ ନାହିଁ) । କିନ୍ତୁ ଆପଣ ସ.ଅଙ୍କର ବ୍ୟାକୁଳତା କେବଳ ମାନବୀୟ ସହଜ ପ୍ରବୃତ୍ତି ହେତୁ ଥିଲା । କାରଣ ଅନ୍ୟପଟେ ବିଶ୍ୱାସକୁ ଆପଣ ସ.ଅ ଆଦୌ ହାତଛାଡ଼ା କରି ନଥିଲେ । ଆକାଶ ଆଡ଼କୁ ଆପଣ ସ.ଅଙ୍କ ନଜର ରହିଥିଲା ଏବଂ ବିଶ୍ୱାସ ଥିଲା ଯେ, ଅଲ୍ଲାଃତାଲା ମୋତେ ଆଦୌ ନଷ୍ଟ କରିବେ ନାହିଁ । ଆପଣ ସ.ଅ ନିରାଶାକୁ ପାଖକୁ ଆସିବାକୁ ଦେଇ ନଥିଲେ । ଏପରି ବ୍ୟାକୁଳତା ଆସିବା ତ' ମାନବୀୟ ନୈତିକତା ଓ ସ୍ତରର ପୂର୍ଣ୍ଣତା ପାଇଁ ଆବଶ୍ୟକ । କିନ୍ତୁ ମଣିଷ ପକ୍ଷେ ଉଚିତ୍ ଯେ, ସେ ନିରାଶାକୁ ନିଜ ପାଖକୁ ଆସିବାକୁ ନଦେଉ । କାରଣ ନିରାଶା ତ' ଅବିଶ୍ୱାସାକାରୀମାନଙ୍କର ଗୁଣ ଅଟେ। ମଣିଷକୁ ଭିନ୍ନ ଭିନ୍ନ ଭାବନା ବ୍ୟାକୁଳତାର ସନ୍ଦେହ ଆଣିଦିଏ । କିନ୍ତୁ ଈଶ୍ୱରବିଶ୍ୱାସ ଏହି ସନ୍ଦେହଗୁଡ଼ିକୁ ଦୂର କରିଦିଏ।

(ମଲ୍‌ଫୂଜାତ୍, ଗ୍ରନ୍ଥଖଣ୍ଡ-4, ପୃ-271-272, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସର ଏହି ପ୍ରସିଦ୍ଧ ଘଟଣା ମଧ୍ୟ ରହିଛି ଯେ, ଯେତେବେଳେ ଆପଣ ସ.ଅଙ୍କୁ ଏକାକୀ ପାଇ ଜଣେ ଶତ୍ରୁ ଆପଣଙ୍କ ଉପରେ ଖଣ୍ଡା ଉଠାଉଥିଲା ସେତେବେଳେ ଆପଣ ସ.ଅ ବିନା କୌଣସି ବ୍ୟାକୁଳତାରେ କହିଥିଲେ, "ଅଲ୍ଲାଃତାଲା ମୋତେ ତୋ ଠାରୁ ରକ୍ଷା କରିବେ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜୀ, ବାବ୍-ଗଜୱା ଜାତୁର୍ ରିକାଆ, ହଦିସ୍ ନଂ-4135, ଅନୁବାଦକ, ଗ୍ରନ୍ଥଖଣ୍ଡ-8, ପୃ-293-294)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜ ଶୈଳୀରେ ବର୍ଣ୍ଣନା କରି କୁହନ୍ତି: "ଅଲ୍ଲାଃତାଲାଙ୍କ ଉପରେ ଆଁହଜରତ୍ ସ.ଅଙ୍କ ଅତୁଟ ବିଶ୍ୱାସର ଏପରି ଅବସ୍ଥା ଥିଲା ଯେ, ଯେତେବେଳେ ଜଣେ ବ୍ୟକ୍ତି ଆପଣଙ୍କୁ ଏକାକୀ ପାଇ ଆପଣଙ୍କ ଉପରେ ଖଣ୍ଡା (ଖଡ୍‌ଗ) ଉଠାଇଲା ଏବଂ ପଚାରିଲା 'ବର୍ତ୍ତମାନ କିଏ ତୁମକୁ ମୋ ଠାରୁ ରକ୍ଷା କରିବ ?' ସେହି ସମୟରେ ଆପଣ ସ.ଅ ନିରସ୍ତ୍ର ଥିବା ସତ୍ତ୍ୱେ ଏବଂ ଶୋଇଥିବା ହେତୁ ହଲଚଲ୍ ବି ହୋଇପାରୁ ନଥିବା ସତ୍ତ୍ୱେ ମଧ୍ୟ ଅତ୍ୟନ୍ତ ଶାନ୍ତ ଓ ଧୈର୍ଯ୍ୟର ସହିତ ଉତ୍ତର ଦେଲେ, 'ଅଲ୍ଲାଃ' । ଏହି ଶବ୍ଦଟି ଏପରି ବିଶ୍ୱାସ ଓ ଦୃଢ଼ତାର ସହ ଆପଣ ସ.ଅଙ୍କ ତୁଣ୍ଡରୁ ବାହାରିଲା ଯାହାକି ସେହି ଅବିଶ୍ୱାସାକାରୀର ହୃଦୟ ମଧ୍ୟ ଆପଣ ସ.ଅଙ୍କ (ଈଶ୍ୱର) ବିଶ୍ୱାସର ଉଚ୍ଚତା ଏବଂ ଆପଣ ସ.ଅଙ୍କ ପୂର୍ଣ୍ଣ ବିଶ୍ୱାସକୁ ସ୍ୱୀକାର ନକରି ରହିପାରିଲା ନାହିଁ । ସୁତରାଂ ତା' ହାତରୁ ଖଣ୍ଡା ଖସିପଡ଼ିଲା । ଯିଏ ଆପଣ ସ.ଅଙ୍କୁ ହତ୍ୟା କରିବାକୁ ଆସିଥିଲା ସିଏ ଆପଣ ସ.ଅଙ୍କ ସାମ୍ନାରେ ଅପରାଧୀ ଭଳି ଛିଡ଼ା ହୋଇଗଲା।"

(ଦୀବାଚା ତଫ୍‌ସୀରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ- 386)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଙ୍ଗେ ଅହଜାବ୍ (ଖନ୍ଦକ୍ ଯୁଦ୍ଧ)ରେ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ଦିନ ଥିଲା । ମଦିନାରେ ରହି ଶତ୍ରୁର ମୁକାବିଲା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହା କୌଣସି ଭୟ କିମ୍ବା ଅଲ୍ଲାଃଙ୍କ ଉପରେ ବିଶ୍ୱାସର ଅଭାବ ଯୋଗୁଁ ନଥିଲା ବରଂ ଯୁଦ୍ଧ କୌଶଳ (ରଣନୀତି) ଅନୁସାରେ ହିଁ ଥିଲା । ମଦିନା ଚାରିପାଖରେ ଏକ ଗଭୀର ଗର୍ତ୍ତ (ଖନ୍ଦକ୍) ଖୋଳାଯାଇଥିଲା । ଯେପରି ଶତ୍ରୁର ହଠାତ୍ ଆକ୍ରମଣରୁ ଏହି ଖାଲ ଯୋଗୁଁ ସୁରକ୍ଷିତ ରହିହେବ । ମୁସଲମାନମାନଙ୍କର ଅବସ୍ଥା ଏପରି ଥିଲା ଯେ, ସେମାନଙ୍କ ମଧ୍ୟରେ ଅଧିକାଂଶ ଗରିବ ଥିଲେ । ଦୈନିକ ମଜୁରୀ କରି ଚଳୁଥିଲେ। ତଥାପି ଏହି କଷ୍ଟ ସତ୍ତ୍ୱେ ସମସ୍ତେ ଏକାଠି ହୋଇ ଏହି ଖାଲ ଖୋଳିବାରେ ଭାଗ ନେଲେ। କାରଣ ଏହି ଆକ୍ରମଣରୁ ଯେପରି ରକ୍ଷା ପାଇହେବ । ଯେଉଁମାନେ ଦୈନିକ କାମ କରିପାରୁ ନଥିଲେ ସେମାନେ ଭୋକିଲା ରହୁଥିଲେ । ସେହି ସମୟରେ ସମଗ୍ର ଆରବର ଅନେକ ସମ୍ପ୍ରଦାୟ ଏକାଠି ହୋଇ ଆକ୍ରମଣ କରିବାକୁ ଆସିଥିଲେ । ଭିନ୍ନ ଭିନ୍ନ ବର୍ଣ୍ଣନାରେ ସେମାନଙ୍କ ସଂଖ୍ୟା ଭିନ୍ନ ବୋଲି କୁହାଯାଇଛି । ତଥାପି ସର୍ବ ନିମ୍ନ ସଂଖ୍ୟା ଦଶ ହଜାର ବୋଲି କୁହାଯାଏ । କେଉଁଠି ପନ୍ଦର ହଜାର ତ' କେଉଁଠି ଚବିଶ ହଜାର ବୋଲି ବର୍ଣ୍ଣିତ ହୋଇଛି । ସେ ଯାହାହେଉ ଦଶ ହଜାର ସଂଖ୍ୟା ମଧ୍ୟ ମଦିନାର ଜନସଂଖ୍ୟା ତୁଳନାରେ ଆକ୍ରମଣକାରୀଙ୍କ ବହୁତ ବଡ଼ ସଂଖ୍ୟା ଥିଲା । ଏହି ଛୋଟ ସହର ପାଇଁ ତାହା ବିଶାଳ ସୈନ୍ୟବାହିନି ଥିଲା । **(ସୀରତ୍ ଖାତମୁନ୍ ନବୀୟୀନ୍ ସ.ଅ, ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ, ପୃ- 574)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ମୁସଲମାନମାନେ ନିଜର ଦାରିଦ୍ର୍ୟ ଓ ସୀମିତ ସଂଖ୍ୟା ସତ୍ତ୍ୱେ ଏହି ମୁକାବିଲା ପାଇଁ ଏବଂ ଏତେ ବଡ଼ ସେନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇଗଲେ । ଏହି ରଣନୀତି ଥିଲା ଯେ, ସଂଖ୍ୟା କମ୍ ଥିବାରୁ ସହର ଭିତରେ ରହି ମୁକାବିଲା କରାଯାଉ ଏବଂ ଏହା ମଧ୍ୟ ଅଲ୍ଲାଃତାଲାଙ୍କ କୃପା ଥିଲା । ଅଲ୍ଲାଃତାଲା ପୂର୍ବରୁ ସୂଚନା ମଧ୍ୟ ଦେଇଥିଲେ । ମୁସଲମାନମାନଙ୍କ (ଈଶ୍ୱର) ବିଶ୍ୱାସରେ ଦୃଢ଼ତା ଆସି ସାରିଥିଲା । ଶତ୍ରୁର ବିଶାଳ ସୈନ୍ୟ ସଂଖ୍ୟା ଦେଖି ମୁସଲମାନମାନେ ବ୍ୟାକୁଳିତ ଓ ବିଚଳିତ ହୋଇନଥିଲେ ବରଂ ଆଁହଜରତ୍ ସ.ଅଙ୍କ ବିଶ୍ୱାସ ସେହି ସମୟରେ ମୁସଲମାନମାନଙ୍କର ବିଶ୍ୱାସକୁ ଆହୁରି ବୃଦ୍ଧି କରି ଦେଇଥିଲା । ଶତ୍ରୁ ଓ କପଟବିଶ୍ୱାସୀ (ମୁନାଫିକ୍)ମାନଙ୍କ କଥା ଶୁଣିବା ସତ୍ତ୍ୱେ ସେମାନଙ୍କ ମନୋବଳ ଭାଙ୍ଗି ନଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଦେଖନ୍ତୁ ! ଦୃଢ଼ତା ଓ ବିଶ୍ୱାସର ପରିଣାମ ସ୍ୱରୂପ ଅଲ୍ଲାଃତାଲା କିପରି ବ୍ୟବସ୍ଥା କଲେ ଯେ, ପ୍ରବଳ ଝଡ଼ ତୋଫାନ୍ ଅବିଶ୍ୱାସାକାରୀମାନଙ୍କୁ ଭୟଭୀତ କରିଦେଲା ଏବଂ ସେମାନେ ପଳାୟନ କଲେ । ସେମାନେ ଏପରି ଛତ୍ରଭଙ୍ଗ ଦେଇ ପଳାଇଲେ ଯେ, ନିଜର ଅନେକ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ଛାଡ଼ି ଚାଲିଗଲେ । ଏସବୁ ଜିନିଷ ମୁସଲମାନମାନଙ୍କ କାମରେ ଆସିଲା । ତେଣୁ ଏହା ଥିଲା ଅଲ୍ଲାଃତାଲାଙ୍କ ଉପରେ ତୱକ୍କୁଲ୍ (ଈଶ୍ୱର ବିଶ୍ୱାସ)ର ପରିଣାମ । ଜଙ୍ଗେ ଅହଜାବ୍‌ରେ ହିଁ ଅଳ୍ପ ଖାଦ୍ୟ ସମଗ୍ର ସେନା ପାଇଁ ଯଥେଷ୍ଟ ହୋଇଯିବାର ଘଟଣା ମଧ୍ୟ ମିଳେ । ତାହା ଯେଉଁଠି ଏକ ଚମତ୍କାର ଅଟେ । ଠିକ୍ ସେହିପରି ଅଲ୍ଲାଃତାଲାଙ୍କ ଉପରେ ଅତୁଟ ବିଶ୍ୱାସର ଏକ ମହାନ ଉଦାହରଣ ମଧ୍ୟ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ଅନ୍‌ସାରୀ ର.ଅ ବର୍ଣ୍ଣନା କରିଛନ୍ତି ଯେ, "ଆମେ ଖନ୍ଦକ୍ (ଗର୍ତ୍ତ ଖନନ) ଦିନ ଅର୍ଥାତ୍ ଜଙ୍ଗେ ଅହଜାବ୍ ଦିନ ମାଟି ଖୋଳୁଥିଲୁ, ସେତେବେଳେ ଏକ ଶକ୍ତ ପଥର ସାମ୍ନାକୁ ଆସିଗଲା । ତେଣୁ ସାହାବାମାନେ ନବୀ ସ.ଅଙ୍କ ପାଖକୁ ଆସି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଖାଲ ଖୋଳିବା ସମୟରେ ଏକ ଶକ୍ତ ପଥର ଆସିଯାଇଛି। ଆପଣ ସ.ଅ କହିଲେ, 'ହଉ ମୁଁ ଓହ୍ଲାଉଛି' । ଅର୍ଥାତ୍ 'ମୁଁ ତାହାକୁ ଭାଙ୍ଗିବା ପାଇଁ ଅସୁଛି' । ଆପଣ ସ.ଅ ଛିଡ଼ା ହେଲେ ଏବଂ ଆପଣ ସ.ଅଙ୍କ ପେଟରେ ପଥର ବନ୍ଧା ହୋଇଥିଲା। ଖାଲି ପେଟ ଥିବା ହେତୁ ସେହି ସମୟରେ ଆଶ୍ରୟ ପାଇଁ ପେଟରେ ଆପଣ ସ.ଅ ପଥର ବାନ୍ଧୁଥିଲେ ଏବଂ ତିନି ଦିନ ହେବ ଆମେ କିଛି ହେଲେ ବି ଚାଖି ନଥିଲୁ । ଏତେ ଅନାହାର (ବୁଭୁକ୍ଷତା) ଥିଲା । ନବୀ ସ.ଅ ଶାବଳ ନେଲେ ଏବଂ ସେହି ପଥର ଉପରେ ଯେତେବେଳେ ପ୍ରହାର କଲେ ସେତେବେଳେ ତାହା ଗୁଣ୍ଡ ହୋଇ ବାଲିର ସ୍ତୂପ ପରି ଖସିପଡ଼ିଲା । ମୁଁ ଆପଣ ସ.ଅଙ୍କର ଏପରି ଅବସ୍ଥା ଦେଖି କହିଲି, 'ହେ ରସୁଲୁଲ୍ଲାଃ ! ମୋତେ ଘରକୁ ଯିବାକୁ ଅନୁମତି ଦିଅନ୍ତୁ ।' ମୁଁ ଯାଇ ନିଜ ସ୍ତ୍ରୀକୁ କହିଲି, 'ହେ ପତ୍ନି ! ମୁଁ ନବୀ ସ.ଅଙ୍କ ଠାରେ ଏପରି ଏକ କଥା ଅନୁଭବ କରିଛି ଯାହାକୁ ଦେଖି ମୁଁ ଧୈର୍ଯ୍ୟ ଧରି ରହିପାରୁ ନାହିଁ । ଅର୍ଥାତ୍ ମୁଁ ଦେଖିଛି ଯେ, ଅନାହାର ତଥା ଭୋକ ଯୋଗୁଁ ଆପଣ ସ.ଅ ପେଟରେ ପଥର ବାନ୍ଧିଛନ୍ତି ଆଉ କହୁଛନ୍ତି ହେ ଜାବିର୍ ! ତୁମ ପାଖରେ କିଛି ଖାଦ୍ୟ ଅଛି କି ?' ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ 'କିଛି ଜଅ ଏବଂ ଛେଳିର ଛୋଟ ଛୁଆଟିଏ ଅଛି ।' ତେଣୁ ମୁଁ ସେହି ଛୁଆଟିକୁ ଜେବହ୍ କଲି ଏବଂ ସେ (ପତ୍ନି)ଜଅ ପେଷିଲା । ଆମେ ପଥର ହାଣ୍ଡିରେ ମାଂସ ପକାଇଦେଲୁ । ତା'ପରେ ମୁଁ ନବୀ ସ.ଅଙ୍କ ପାଖକୁ ଆସିଲି । ସେତେବେଳକୁ ଅଟା ଚକଟା ସରିଥିଲା ଏବଂ ହାଣ୍ଡି ଚୁଲିରେ ରନ୍ଧା ହେବାକୁ ଯାଉଥିଲା। ମୁଁ କହିଲି, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପାଖରେ କିଛି ଖାଦ୍ୟ ଅଛି, ଆପଣ ସ.ଅ ଉଠନ୍ତୁ (ଆସନ୍ତୁ) ଏବଂ ସାଙ୍ଗରେ ଜଣେ ଦି ଜଣ ଲୋକଙ୍କୁ ନେଇ ଆସନ୍ତୁ । କାରଣ ସେମାନେ ମଧ୍ୟ ଖାଦ୍ୟ ଖାଇନେବେ । ଆପଣ ପଚାରିଲେ, 'ହେ ଜାବିର୍ ! ଖାଦ୍ୟ କେତେ ଅଛି ?' ମୁଁ ଆପଣଙ୍କୁ ବର୍ଣ୍ଣନା କଲି ଯେ, ଏତିକି ଅଛି । ନବୀ ସ.ଅ କହିଲେ, ହେ ଜାବିର୍ 'ବହୁତ ଅଛି ! ଗୋଟିଏ ଛେଳି ଛୁଆର ମାଂସ ଏବଂ ଅଳ୍ପ ଜଅ କିଛି ଫରକ ପଡ଼ିବ ନାହିଁ । ବହୁତ ଖାଦ୍ୟ ଅଛି ଏବଂ ଖୁବ ଭଲ ! ପୁନଶ୍ଚ ଆପଣ ସ.ଅ କହିଲେ, ' ହେ ଜାବିର୍ ତୁମେ ନିଜ ପତ୍ନିକୁ ଯାଇ କୁହ ଯେ, ଯେପର୍ଯ୍ୟନ୍ତ ମୁଁ ନ ଆସିଛି ସେପର୍ଯ୍ୟନ୍ତ ହାଣ୍ଡି ଚୁଲିରୁ ଓହ୍ଲାଇବ ନାହିଁ କି ରୁଟି ତାବାରୁ ବାହାର କରିବ ନାହିଁ ।' ତା'ପରେ ଆପଣ ସ.ଅ ସହାବାମାନଙ୍କୁ କହିଲେ, ହେ ସାହାବାମାନେ ! ଉଠ । ଫଳତଃ ମୁହାଜିରୀନ୍ (ପ୍ରବାସକାରୀମାନେ) ଏବଂ ଅନସାର୍‌ମାନେ ଛିଡ଼ା ହୋଇଗଲେ । ଯେତେବେଳେ ହ. ଜାବିର ର.ଅ ନିଜ ସ୍ତ୍ରୀଙ୍କ ପାଖକୁ ଗଲେ, ସେତେବେଳେ ସେ କହିଲେ, 'ହେ ପତ୍ନି ତୋର! ଭଲ ହେଉ । ନବୀ କରୀମ୍ ସ.ଅ ପ୍ରବାସକାରୀ, ଅନସାର୍ ଏବଂ ସେମାନଙ୍କ ସହ ଥିବା ସମସ୍ତଙ୍କୁ ନେଇ ଆସିଛନ୍ତି ।' ତାଙ୍କ ସ୍ତ୍ରୀ ପଚାରିଲେ, ' ହେ ସ୍ୱାମୀ ! କ'ଣ ଆଁହଜରତ୍ ସ.ଅ ତୁମକୁ କିଛି ପଚାରିଥିଲେ ? ମୁଁ କହିଲି, 'ହଁ ପଚାରିଥିଲେ', ଏବଂ ମୁଁ ସମସ୍ତ ବୃତ୍ତାନ୍ତ ଶୁଣାଇଦେଲି ଯେ, ଆପଣ ସ.ଅ ପଚାରିଥିଲେ ଯେ, କେତେ ଖାଦ୍ୟ ଅଛି ? ଆଉ ମୁଁ କହିଥିଲି ଯେ, ଏତିକି ପରିମାଣର ଖାଦ୍ୟ ରହିଛି । ନବୀ କରୀମ୍ ସ.ଅ ସହାବାମାନଙ୍କୁ ନିଜ ସାଙ୍ଗରେ ନେଲେ ଏବଂ କହିଲେ, 'ହେ ସାହାବାମାନେ ତୁମେମାନେ ଭିତରକୁ ଆସ ଏବଂ ଭିଡ଼, ଗହଳି କର ନାହିଁ' । ଅର୍ଥାତ୍ 'ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଧୀର ସ୍ଥିର ଭାବରେ ଘର ଭିତରେ ଯାଇ ବସ ।' ଆପଣ ସ.ଅ ରୁଟି ଖଣ୍ଡ ଖଣ୍ଡ କରି ତା' ଉପରେ ମାଂସ ପକାଇ ସହାବାମାନଙ୍କୁ ଦେବାକୁ ଲାଗିଲେ । କପଡ଼ାରେ ଘୋଡ଼ା ହୋଇଥିବା ରୁଟି ଥିଲା । ତା'କୁ ଖଣ୍ଡ ଖଣ୍ଡ କରୁଥିଲେ ଏବଂ ବାହାର କରି ଟିକିଏ ତରକାରୀ (ସାଲନ୍)

ପକାଉଥିଲେ ଆଉ ସହାବାମାନଙ୍କୁ ଦେଇ ଦେଉଥିଲେ। ଯେତେବେଳେ ହାଣ୍ଡି ଓ ତାବାରୁ କିଛି ନେଉଥିଲେ ସେତେବେଳେ ତାହାକୁ ଢାଙ୍କି ଦେଉଥିଲେ । ଯେପର୍ଯ୍ୟନ୍ତ ସାହାବାମାନେ ତୃପ୍ତ (ପେଟ ପୂରି) ଯାଇ ନଥିଲା ସେପର୍ଯ୍ୟନ୍ତ ଆପଣ ସ.ଅ ଏହିପରି କରୁଥିଲେ । ସମସ୍ତଙ୍କର ପେଟ ପୂରିଗଲା ଏବଂ କିଛି ଖାଦ୍ୟ ବଳିଲା ମଧ୍ୟ । ଆପଣ ସ.ଅ ହ. ଜାବିର ର.ଅଙ୍କ ସ୍ତ୍ରୀଙ୍କୁ କହିଲେ, 'ହେ ଜାବିରଙ୍କ ପତ୍ନି ! ନିଅ ବର୍ତ୍ତମାନ ଏହାକୁ ଖାଅ ଏବଂ ଆଖପାଖ ପଡ଼ୋଶୀଙ୍କୁ ଉପହାର ମଧ୍ୟ ପଠାଅ କାରଣ । ଲୋକମାନେ ବହୁତ ଭୋକିଲା ଅଛନ୍ତି ।' **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜୀ, ବାବ୍-ଗଜ୍ୱାତୁଲ୍ ଖନ୍ଦକ୍, ହଦିସ୍ ନଂ-4101)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେବେ ଏହା ଥିଲା ପୂର୍ଣ୍ଣ ଭରସା । ତତ୍‌ସହିତ ଏଥିରେ କଲ୍ୟାଣର ପ୍ରାର୍ଥନା ମଧ୍ୟ ଥିଲା । କାରଣ ବରକତ (କଲ୍ୟାଣ) ମଧ୍ୟ ହୋଇଗଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଜଣେ ବ୍ୟକ୍ତି ହ. ବରାଆ ବିନ୍ ଆଜିବ୍ ର.ଅଙ୍କୁ ପଚାରିଲା, " ହେ ବରାଅ ! କ'ଣ ତୁମେ ହୁନୈନ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କୁ ଛାଡ଼ି ପଳାଇଥିଲ ?" ସେ କହିଲେ, "ହଁ ! କିନ୍ତୁ ରସୁଲୁଲ୍ଲାଃ ସ.ଅ ମଇଦାନ୍ (ରଣଭୂମି) ଛାଡ଼ି ନଥିଲେ । ହୱାଜିନ୍ ସମ୍ପ୍ରଦାୟର ଲୋକମାନେ ଧନୁର୍ଦ୍ଧର ଥିଲେ । ଯେତେବେଳେ ଆମର ସେମାନଙ୍କ ସହ ଆମ୍ନା ସାମ୍ନି ହେଲା ସେତେବେଳେ ଆମେ ସେମାନଙ୍କ ଉପରକୁ ଆକ୍ରମଣ କଲୁ ଏବଂ ସେମାନେ ପରାଜିତ ହେଲେ । ମୁସଲମାନମାନେ ଯୁଦ୍ଧଲବ୍ଧ ସମ୍ପତ୍ତି (ମାଲେ ଗନିମତ୍) ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ସେମାନେ ସମ୍ମୁଖରୁ ତୀର ବର୍ଷା କରିବା ଆରମ୍ଭ କରିଦେଲେ । ରସୁଲୁଲ୍ଲାଃ ସ.ଅ ନିଜ ସ୍ଥାନରୁ ହଟି ନଥିଲେ । ମୁଁ ଆପଣ ସ.ଅଙ୍କୁ ଦେଖିଲି ଯେ, ଆପଣ ସ.ଅ ନିଜର ଧଳା ଖଚର (ଗଧ) ଉପରେ ଆରୋହଣ ହୋଇଥିଲେ ଏବଂ ଅବୁ ସୁଫିୟାନ୍ ବିନ୍ ହାରିସ୍ ବିନ୍ ଅବଦୁଲ୍ ମୁତ୍ତାଲିବ୍ ତା'ର ଲଗାମ୍ ଧରିଥିଲେ । ଆଉ ନବୀ ସ.ଅ ଏହି କବିତା ପାଠ କରୁଥିଲେ, । أَنَا النَّبِيُّ لَا كَذِبْ أَنَا ابْنُ عَبْدِ الْمُطَّلِبْ ଅର୍ଥାତ୍ ମୁଁ ସତ୍ୟାବତଚାର ଅଟେ। ଏଥିରେ କୌଣସି ମିଛ ନାହିଁ ଯେ, ମୁଁ ଅବ୍‌ଦୁଲ୍ ମୁତ୍ତଲିବ୍‌ଙ୍କ ପୁଅ ଅଟେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମନ୍ କାଦା ଦାଆବ୍‌ବତା ଗୈରହୁ ଫିଲ୍ ହର୍ବି, ହଦିସ୍ ନଂ- 2864)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ କରିଛନ୍ତି । ଆପଣ ର.ଅ ଟିକିଏ ବିସ୍ତୃତ ଭାବେ ଘଟଣା ବର୍ଣ୍ଣନା କରିଛନ୍ତି। ଆପଣ ସ.ଅଙ୍କର ଏହା କହିବା ଯେ, 'ମୁଁ ଅବ୍‌ଦୁଲ୍ ମୁତ୍ତଲିବ୍‌ଙ୍କ ପୁଅ ଅଟେ' ଏହାର ଅର୍ଥ ଥିଲା ଯେ, ସେହି ସମୟରେ ଶତ୍ରୁର ଆକ୍ରମଣ ଏତେ ଜୋରଦାର୍ ଥିଲା ଯେ, ଶତ୍ରୁର ଚାରି ହଜାର ଧନୁର୍ଦ୍ଧରମାନେ ତୀର ବର୍ଷା କରୁଥିଲେ । ଏହି ଅବସ୍ଥାରେ ମୋର ଆଗକୁ ବଢ଼ିବା ମାନବିକତାର ସ୍ତର ଦୃଷ୍ଟିରୁ ଖୁବ୍ ଉଚ୍ଚ ଓ ମହାନ ଦେଖାଯାଏ । ମୋତେ କୌଣସି ଭୟ ଲାଗୁ ନାହିଁ । ସେଇଥିପାଇଁ ଆପଣ ସ.ଅ ଏହି କବିତା ପାଠ କରିଥିଲେ । ଅର୍ଥାତ୍ କେହି ଯେପରି 'ଏଥିରୁ ଭ୍ରମରେ ନପଡ଼ନ୍ତୁ ଏବଂ ଏହା ନ ଭାବନ୍ତୁ ଯେ, ମୋ ଭିତରେ ଈଶ୍ୱରୀୟ ଶକ୍ତିସବୁ ଅଛି । ମୁଁ ତ' ଅବ୍‌ଦୁଲ୍ ମୁତ୍ତଲିବ୍‌ଙ୍କ ପୁଅ ଅଟେ ଏବଂ ଜଣେ ମନୁଷ୍ୟ ମାତ୍ର । କେବଳ ଅଲ୍ଲାଃତାଲାଙ୍କ ସାହାଯ୍ୟ ମୋର ନବୀ ହେବା ହେତୁ ମୋ ସହିତ ଅଛି।''**(ଖୌଫ୍ ଔର୍ ଉମିଦ୍ କା ଦରମିୟାନୀ ରାସ୍ତା, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-19, ପୃ-47)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କର ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସର ଏହି ମର୍ଯ୍ୟାଦା ରହିଥିଲା ଯେ, ଯେତେବେଳେ ଅଲ୍ଲାଃତାଲା ମୋତେ ସଫଳତାର ପ୍ରତିଶ୍ରୁତି ଦେଇଛନ୍ତି ସେତେବେଳେ ଏହି ତୀର ବର୍ଷା ମଧ୍ୟରେ ବି ସେ ମୋତେ ସଫଳ କରିବେ । ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଏବଂ ତାହାଙ୍କ ପ୍ରତିଶ୍ରୁତି ଉପରେ ବିଶ୍ୱାସର ଆଉ ଏକ ଉଦାହରଣ ଏହିପରି ମିଳେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି । ବର୍ତ୍ତମାନ ଏହି ପ୍ରାରମ୍ଭିକ ଘଟଣାଗୁଡ଼ିକୁ ଦେଖିନିଅନ୍ତୁ ଏବଂ ଶେଷକୁ ଦେଖି ନିଅନ୍ତୁ । ତେବେ ଏକା ଭଳି ବିଶ୍ୱାସର ଉଦାହରଣ ଆମମାନଙ୍କୁ ଦୃଶ୍ୟମାନ ହୁଏ । ବର୍ତ୍ତମାନ ସେହି ଘଟଣାଟି ହୁନୈନ୍ ଯୁଦ୍ଧର ଅଟେ । ତେବେ ଏହା ପ୍ରଥମ ଯୁଦ୍ଧ ଅର୍ଥାତ୍ ବଦର୍ ଯୁଦ୍ଧର ଘଟଣା ଅଟେ। ଅର୍ଥାତ୍ ମଦିନାରେ ହବୀବ୍ ବିନ୍ ୟସାଫ୍ ନାମକ ଜଣେ ଶକ୍ତିଶାଳୀ ଓ ସାହସୀ ବ୍ୟକ୍ତି ଥିଲା । ସେହି ସମୟରେ ମୁସଲମାନମାନଙ୍କର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା । ଏହି ବ୍ୟକ୍ତି ଖଜ୍‌ରଜ୍ ସଂପ୍ରଦାୟର ଥିଲା ଏବଂ ବଦର୍ ଯୁଦ୍ଧ ସମୟ ପର୍ଯ୍ୟନ୍ତ ମୁସଲମାନ ହୋଇନଥିଲା । କିନ୍ତୁ ସେ ମଧ୍ୟ ନିଜ ଜାତି ଖଜ୍‌ରଜ୍ ସଂପ୍ରଦାୟ ସହିତ ଯୁଦ୍ଧ କରିବା ପାଇଁ ବାହାରିଲା ଏବଂ ଯୁଦ୍ଧ ଜିତିବା ସ୍ଥିତିରେ ତାକୁ ଯୁଦ୍ଧଲବ୍ଧ ସମ୍ପତ୍ତି (ମାଲେ ଗନିମତ୍) ମିଳିବାର ଆଶା ମଧ୍ୟ ଥିଲା । ମୁସଲମାନମାନେ ଏଥିରେ ବହୁତ ଖୁସି ହେଲେ ଯେ, ଏହି ବ୍ୟକ୍ତି ମଧ୍ୟ ସେମାନଙ୍କ ସହିତ ଯୁଦ୍ଧରେ ଭାଗ ନେଉଛି । କିନ୍ତୁ ଆଁହଜରତ୍ ସ.ଅ ତାକୁ କହିଲେ, "ଆମ ସହିତ କେବଳ ସେହି ବ୍ୟକ୍ତି ଯୁଦ୍ଧକୁ ଯିବ ଯିଏ ଆମ ଧର୍ମରେ ଅଛି ।" ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ କହିଲେ,"ହେ ବ୍ୟକ୍ତି ! ତୁମେ ଫେରିଯାଅ, ଆମେ କୌଣସି ମୁଶ୍ରିକ୍ (ମୂର୍ତ୍ତିପୂଜକ)ର ସାହାଯ୍ୟ ନେବାକୁ ଚାହୁଁ ନାହୁଁ ।" ହବୀବ୍ ବିନ୍ ୟସାଫ୍ ଦ୍ୱିତୀୟ ଥର ପୁଣି ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆସିଲା। କିନ୍ତୁ ଆଁହଜରତ୍ ସ.ଅ ଦ୍ୱିତୀୟ ଥର ମଧ୍ୟ ତାକୁ ଫେରାଇଦେଲେ । ଶେଷରେ ତୃତୀୟ ଥର ଯେତେବେଳେ ସେ ଆସିଲା ସେତେବେଳେ ଆପଣ ସ.ଅ ତାକୁ କହିଲେ, "ହେ ବ୍ୟକ୍ତି ! କ'ଣ ତୁମେ ଅଲ୍ଲାଃ ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛି ?" ସେ କହିଲା, "ହଁ" ଏବଂ ତା'ପରେ ସେ ମୁସଲମାନ ହୋଇଗଲା । ସେ ଅତ୍ୟନ୍ତ ବୀରତାର ସହିତ ଯୁଦ୍ଧ ଲଢ଼ିଲା। **(ଅସ୍ ସୀରତୁଲ୍ ହଲବିୟା, ଗ୍ରନ୍ଥଖଣ୍ଡ-2, ପୃ-204, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2002 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ତେଣୁ, ଆପଣ ସ.ଅ ଏହି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତଥା ଅତ୍ୟନ୍ତ ଆବଶ୍ୟକତା ସତ୍ତ୍ୱେ ସେହି ବ୍ୟକ୍ତିର କୁପ୍ର (ଅବିଶ୍ୱାସ) ଅବସ୍ଥାରେ ସାହାଯ୍ୟ ନେଲେ ନାହିଁ । କାରଣ ଏହା ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଏବଂ ସେହି ପ୍ରତିଶ୍ରୁତି ଉପରେ ବିଶ୍ୱାସର ବିପରୀତ କଥା ଯେ, ମୁଁ କୌଣସି ଅନ୍ୟ ବ୍ୟକ୍ତିଠାରୁ ସାହାଯ୍ୟ ନେବି। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି: "ଆଜି କାଲିର ବୁଦ୍ଧିଜୀବିମାନଙ୍କ ନଜରରେ ତ' କାହାରିକୁ ନିଜର ଶତ୍ରୁ କରିବା ଭୁଲ୍ ଅଟେ । କିନ୍ତୁ ସତ କହିବାକୁ ଗଲେ ଏହା ମଧ୍ୟ ସତ୍ୟତାର ଏକ ପ୍ରମାଣ ଅଟେ । ଆଁହଜରତ୍ ସ.ଅ କାହାରିକୁ ଛାଡ଼ି ନଥିଲେ ।" ଅର୍ଥାତ୍ ପ୍ରତ୍ୟେକ ଲୋକ ଆପଣ ସ.ଅଙ୍କର ଶତ୍ରୁ ହୋଇଗଲେ । ସତ କଥା କହି ସମସ୍ତଙ୍କ ସହିତ ସଂପର୍କ ଖରାପ କରିନେଲେ ।" କାରଣ ସତ ଶୁଣିବାକୁ କେହି ଚାହୁଁ ନଥିଲେ ସେଇଥିପାଇଁ ଲୋକଙ୍କ ସହିତ ଶତ୍ରୁତା ସୃଷ୍ଟି ହେବା ନିଶ୍ଚିତ (ଥୟ) ଥିଲା । "ଏହା ଲୋକମାନଙ୍କ ନଜରରେ ତ' (ନାଉଜୁବିଲ୍ଲାଃ) ଆପଣ ସ.ଅ ଭୁଲ୍ କଲେ । କିନ୍ତୁ ଯଦିଓ ଈଶ୍ୱରଙ୍କ ପାଇଁ ସମସ୍ତଙ୍କ ସହ ସଂପର୍କକୁ ଖରାପ କରିନେବା ଆପଣ ସ.ଅଙ୍କ ସତ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ । କାରଣ ଆପଣ ସ.ଅଙ୍କ ବିଶ୍ୱାସର ଶକ୍ତି (କୁୱତେ ଈମାନୀ)ର ଅବସ୍ଥା ଜଣାପଡ଼େ ।

ଗୋଟିଏ ପଟେ ଆପଣ ଅ.ସ ମସୀହ୍ (ଯୀଶୁ)ଙ୍କ ଉଦାହରଣ ଦେଇ କୁହନ୍ତି, "ଦେଖ ତାଙ୍କର ଶିକ୍ଷାରୁ ଯାହା କି ବାଇବେଲ୍(ଇଞ୍ଜିଲ୍)ଗୁଡ଼ିକରେ ମିଳେ, ଲୋକମାନେ ଆକ୍ଷେପ କରନ୍ତି । ଲୋକେ ମସୀହଙ୍କ ଉପରେ ଆକ୍ଷେପ କଲେ । ତେଣୁ ଆପଣ ଅ.ସ କହନ୍ତି ଯେ, ଇଞ୍ଜିଲ୍‌ର ଶିକ୍ଷା ଅନୁସାରେ ମୁଁ କହୁଛି ।" ତହିଁରୁ ଜଣାପଡ଼େ ଯେ ତାଙ୍କର ସ୍ୱଭାବ (ଉଦ୍ଦେଶ୍ୟ) କାହାରିକୁ ଅସନ୍ତୁଷ୍ଟ କରିବାର ଆଦୌ ନଥିଲା । ଇହୁଦୀମାନଙ୍କୁ କୁହଗଲା ଯେ, ହେ ଇହୁଦୀମାନେ ! ମୁଁ ତୌରାତ୍‌ର ଗୋଟିଏ ବିନ୍ଦୁ ଏବଂ ଅକ୍ଷର ବି ବଦଳାଇବାକୁ ଆସି ନାହିଁ ।' ଏହାର ବିପରୀତ, ଆଁହଜରତ୍ ସ.ଅଙ୍କ ଶିକ୍ଷାକୁ ଦେଖାଯାଏ ତେବେ ପୃଥିବୀ ପୃଷ୍ଠରେ ଏପରି କୌଣସି ସମ୍ପ୍ରଦାୟ କିମ୍ବା ଧର୍ମ ଦେଖାଯିବ ନାହିଁ ଯାହାକୁ ଆପଣ ସ.ଅ ଆମନ୍ତ୍ରଣ (ଦାୱତ୍) ନଦେଇଥିବେ ଏବଂ ଯାହାର ଭୁଲ୍ ନକାଢ଼ିଥିବେ (ଏବଂ ପୁଣି ପ୍ରତ୍ୟେକଙ୍କ ସାମ୍ନାରେ ନିଜେ ବିଜୟୀ ଓ ସଫଳ ହେବାର ଦାବି ମଧ୍ୟ କରିଥିବେ)।" ଭୁଲ୍ କେବଳ କାଢ଼ି ନାହାନ୍ତି, କେବଳ ମୁକାବିଲା କରିନାହାନ୍ତି, ବରଂ ଦାବି କରିଛନ୍ତି ଯେ, ମୋର ଅଲ୍ଲାଃତାଲାଙ୍କ ଉପରେ ଅଗାଧ ବିଶ୍ୱାସ ଓ ତୱକ୍କୁଲ୍ ରହିଛି ଏବଂ **ଇନ୍‌ଶାଅଲ୍ଲାଃ** ମୁଁ ହିଁ ସଫଳ ହେବି । କାରଣ ମୁଁ ତାହାଙ୍କ ପକ୍ଷରୁ ଆସିଛି । ଆପଣ ଅ.ସ କୁହନ୍ତି "କୁହନ୍ତୁ ତ' ଯେତେବେଳ ପର୍ଯ୍ୟନ୍ତ ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ଭରସା ଓ ବିଶ୍ୱାସ ନଥିବ ସେତେବେଳେ ପର୍ଯ୍ୟନ୍ତ କିଏ କେବେ ଏପରି କଥା କରିପାରିବ ?"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ- 39, ସଂସ୍କରଣ ବର୍ଷ-2022 ମସିହା)

اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ وَّبَارِكْ وَسَلِّمْ اِنَّكَ حَمِيْدٌ مَّجِيْدٌ



ସାପ୍ତାହିକ ବଦରର ସହାୟତା ପାଇଁ ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ ।

ସାପ୍ତାହିକ ବଦରକୁ ଏହି ଗୌରବ ହାସଲ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହ. ମୁହମ୍ମଦ ସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଲୋକ ହ୍. ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ (ଅବତାରତ୍ୱ ପଛାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପାଦନ କରି ଆସୁଛି। ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "انی معین من اراد اعانتک" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହାଯ୍ୟ କରିବି")। ସାହଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ ।** ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ସଂଖ୍ୟା-: 9815639670

ପୃ-07 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

କଥାବାର୍ତ୍ତା ଯାହା କୋମଳ ସ୍ୱଭାବର କଥା ଅଟେ, ଯାହା ଚିନ୍ତାଧାରାକୁ ଭୁଲ୍ ଦିଗ ଆଡ଼କୁ ନେଇଯାଇଥଏ ତାହା ଶୁଣ । ତେଣୁ ଏଭଳି କଥା ଶୁଣ ନାହିଁ । ଅତଏବ୍ ସେତେବେଳେ ଯାଇ ତୁମେମାନେ ବିପଦରୁ ବର୍ତ୍ତି ପାରିବ ।" ହୁଜୁର୍ ଅନ୍‌ୱର୍ ଅବଶିଷ୍ଟାଂଶ...ପୃ-14 ରେ



(ଖୁତ୍‌ବା ଜୁମା)

ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ବିଶ୍ୱାସ ଓ ଭରସା) ସଂପର୍କରେ ସିରତୁନ୍ ନବୀ[ସ.ଅ]ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଖୁତ୍‌ବା ଜୁମା 25 Sep 2026 ମସିହା ଅନୁଯାୟୀ ୨୫ ତୁବୁକ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ۔ اَلرَّحۡمٰنِ الرَّحِیۡمِ ۔ مٰلِکِ یَوۡمِ الدِّیۡنِ ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ۔ اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ۔ آمین ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ଜୀବନୀ ଏବଂ ତୱକ୍କୁଲ୍ ଅଲଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଓ ଅଗାଧ ଭରସା ସମ୍ପର୍କରେ ଗତ ଶୁକ୍ରବାର ଦିନ ବର୍ଣ୍ଣନା କରି ଆସୁଛି । ସେହି କ୍ରମରେ ଆଜି ମଧ୍ୟ ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାଂପ୍ରତିକ ଯୁଗରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ଆପଣ ସ.ଅଙ୍କ ଆଦର୍ଶ ଅନୁସାରେ ଏହାକୁ ଆମ ପାଇଁ କିପରି ବର୍ଣ୍ଣନା କଲେ, କ'ଣ ଶିକ୍ଷା ଦେଲେ ଏବଂ ଏଥିପାଇଁ କିପରି ଆଚରଣ ଆପଣ ସ.ଅ ପ୍ରଦର୍ଶନ କଲେ ? ସେ ସମ୍ବନ୍ଧରେ ଆଜି କିଛି କହିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି "ତୱକ୍କୁଲ୍ (ଭରସା) ଏହା ଅଟେ ଯେ, ଯେଉଁ ସାଧନଗୁଡ଼ିକ ଅଲ୍ଲାଃତାଲା କୌଣସି କାର୍ଯ୍ୟ ହାସଲ କରିବା ସକାଶେ ନିର୍ଦ୍ଧାରଣ କରିଛନ୍ତି, ସେଗୁଡ଼ିକୁ ଯଥାସାଧ୍ୟ ଏକତ୍ର କର ଏବଂ ପରେ ନିଜେ ଦୁଆରେ (ପ୍ରାର୍ଥନାରେ) ଲାଗିଯାଅ । କାରଣ ହେ ଈଶ୍ୱର ! ତୁମେ ହିଁ ଏହାର ପରିଣାମକୁ ଶୁଭଙ୍କର କର । ଶହ ଶହ ବିପଦ ଏବଂ ହଜାର ହଜାର ଦୁର୍ଘଟଣାମାନ ରହିଛି, ଯାହା ଏହି ସାଧନଗୁଡ଼ିକ ମଧ୍ୟ ଧ୍ୱଂସ ଏବଂ ଓଲଟ ପାଲଟ କରିପାରେ । ସେମାନଙ୍କର ଆକ୍ରମଣରୁ ବଞ୍ଚାଇ ଆମକୁ ପ୍ରକୃତ ସଫଳତା ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଅ ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-288, ସଂସ୍କରଣ- 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମଣିଷ ସାଧନକୁ ବ୍ୟବହାର କରିଥାଏ । କିନ୍ତୁ ଅନେକ ବିପଦ ଏପରି ଅଛି, ଏପରି ସୁଯୋଗ ସୃଷ୍ଟି ହୋଇପାରେ ଯେଉଁଠାରେ ଯେଉଁ ସାଧନଗୁଡ଼ିକ ଉପରେ ନିର୍ଭର କରାଯାଏ ସେଗୁଡ଼ିକ ନଷ୍ଟ ହୋଇଯାଏ । ସେଇଥିପାଇଁ ଅଲ୍ଲାଃତାଲାଙ୍କ ନିକଟରୁ ସାହାଯ୍ୟ ଭିକ୍ଷା ମାଗିବା ଉଚିତ୍ । କାରଣ ଅଲ୍ଲାଃତାଲା ଆମକୁ ସେଗୁଡ଼ିକର କୁପ୍ରଭାବରୁ ରକ୍ଷା କରନ୍ତୁ । ଏହା ସେହି ଅବସ୍ଥା ଅଟେ ଯେଉଁଥିରେ ଚାଲି ଜଣେ ବିଶ୍ୱାସକାରୀ (ବିଶ୍ୱାସକାରୀ ବ୍ୟକ୍ତି) ଅଲ୍ଲାଃତାଲାଙ୍କ କୃପା ତଥା ତାହାଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି "ଅଲ୍ଲାଃତାଲାଙ୍କ ଠାରୁ ସନ୍ତୁଷ୍ଟ ହୋଇଯିବା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ନୁହେଁ । ବରଂ ଏହା ତୱକ୍କୁଲ୍, ତବତ୍ତୁଲ୍" ଅର୍ଥାତ୍ ଈଶ୍ୱରଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଧ୍ୟାନ ଏବଂ ପ୍ରସନ୍ନତା ଓ ତାହାଙ୍କ ଆଦେଶକୁ ସ୍ୱୀକାର କରିନେବାର ସର୍ବୋଚ୍ଚ ସ୍ଥାନ ଅଟେ । ଯେଉଁଠାରେ ପହଞ୍ଚି ମଣିଷର ନିଜ ପ୍ରଭୁଙ୍କ ପ୍ରତି କୌଣସି ପ୍ରକାରର ଅଭିଯୋଗ ଏବଂ ଅସନ୍ତୋଷ ରହେ ନାହିଁ । ଆଉ ଅଲ୍ଲାଃତାଲାଙ୍କ ନିଜ ଭକ୍ତ ଉପରେ ପ୍ରସନ୍ନ ହେବା ଏହା ଭକ୍ତଙ୍କର ପୂର୍ଣ୍ଣ ସତ୍ୟତା, ବିଶ୍ୱସ୍ତତା, ସର୍ବୋଚ୍ଚ ସ୍ତରର ପବିତ୍ରତା ଏବଂ ସମ୍ପୂର୍ଣ୍ଣ ଆଜ୍ଞାବହତ୍ୱତା ଉପରେ ନିର୍ଭର କରିଥାଏ । ତହିଁରୁ ଏହା ଜଣାପଡ଼େ ଯେ, ସାହାବାମାନେ ଜ୍ଞାନ ଏବଂ ଆଧ୍ୟାତ୍ମିକ ସାଧନାର ସମସ୍ତ ସୋପାନ ଏବଂ ସ୍ତର ଅତିକ୍ରମ କରିସାରିଥିଲେ ।" ସାହାବାମାନେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଏବଂ ତୱକ୍କୁଲର ସେହି ସ୍ଥାନ ପ୍ରାପ୍ତ କରିଥିଲେ ଯାହାକୁ ଆମ ପାଇଁ ଆଦର୍ଶ କରାଯାଇଛି । ହ. ଈସା ଆଲୈହି ସଲାମ୍‌ଙ୍କୁ ମାନୁଥିବା ଲୋକମାନେ କୁହନ୍ତି ଯେ ସେ ରୋଗୀମାନଙ୍କୁ ସୁସ୍ଥ କରିଦେଉଥିଲେ । କିନ୍ତୁ ଆପଣ ଅ.ସ ପଚାରିଲେ ଯେ, କ'ଣ ଏହାଦ୍ୱାରା ହୱାରୀ (ସହଚର)ମାନଙ୍କର (ଶିଷ୍ୟମାନଙ୍କର) ଈଶ୍ୱରଙ୍କ ଉପରେ ଭରସା ବଢ଼ିଗଲା ? ଭରସା ବଢ଼ିବା ତ' ଅଲ୍ଲାଃତାଲାଙ୍କ ବିଶେଷ କୃପା ଦ୍ୱାରା ହିଁ ହୋଇଥାଏ, ଯଦି ତାହାଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଧ୍ୟାନ ଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି "ଏହାର ଅର୍ଥାତ୍ ବିଶ୍ୱାସର ଉଦାହରଣ ଯଦି ହୱାରୀ (ସହଚର)ମାନଙ୍କ ମଧ୍ୟରେ ଖୋଜାଯାଏ ତେବେ ଆଦୌ ମିଳିବ ନାହିଁ ।" "କେବଳ ରୋଗ ନିବାରଣ ଅର୍ଥାତ୍ ରୋଗଗୁଡ଼ିକୁ ଦୂର କରିଦେବା ଦ୍ୱାରା କିଛି ହାସଲ ହୁଏ ନାହିଁ । ସୁଫୀ (ସାଧୁ ସଙ୍ଗ)ମାନଙ୍କ ସମ୍ବନ୍ଧରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ସେମାନେ ମଧ୍ୟ ଏହି ସୁସ୍ଥ କରିଦେବାର ଚମତ୍କାର ଦେଖାଇ ଥାଆନ୍ତି।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି "କିନ୍ତୁ ପ୍ରସନ୍ନ ହୋଇଯିବା କୌଣସି ବୁଦ୍ଧିମାନର କାମ ନୁହେଁ । ଏହା କୌଣସି ଜ୍ଞାନର କଥା ନୁହେଁ ଏବଂ ଆଧ୍ୟାତ୍ମିକ ପରିପୂର୍ଣ୍ଣତାର ପ୍ରେମିକ ଏହିସବୁ କଥା ଉପରେ ଖୁସି ହୋଇପାରେ ନାହିଁ । ସେଇଥିପାଇଁ ମୁଁ ତୁମମାନଙ୍କ ପାଇଁ ଏହା ହିଁ ପସନ୍ଦ କରେ ଯେ, ତୁମେମାନେ ନିଜ ହୃଦୟକୁ ପବିତ୍ର କର ଏବଂ ଈଶ୍ୱରଙ୍କ ସହିତ ଏପରି ସମ୍ପର୍କ ସ୍ଥାପନ କର ଯେ, ସେହି ଦୟାଳୁ ପ୍ରଭୁ ତୁମ ଉପରେ ପ୍ରସନ୍ନ ହୋଇଯିବେ ଏବଂ ତୁମେ ତାହାଙ୍କ ଉପରେ ପ୍ରସନ୍ନ ତଥା ସନ୍ତୁଷ୍ଟ ହୋଇଯିବ। ପୁନଶ୍ଚ ସେ ତୁମମାନଙ୍କ ଶରୀରରେ, ତୁମ କଥାବାର୍ତ୍ତାରେ ଏପରି କଲ୍ୟାଣ ରଖିଦେବେ ଯାହା ରୋଗ ନିବାରଣକାରୀମାନେ ମଧ୍ୟ ସେଗୁଡ଼ିକୁ ଦେଖି ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହେବେ।"**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-344, ସଂସ୍କରଣ- 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେଉଁମାନେ ରୋଗୀମାନଙ୍କୁ ସୁସ୍ଥ କରନ୍ତି, ରୋଗ ଦୂର କରନ୍ତି । ଯଦି ତୁମର ନିଜର ସମ୍ପର୍କ ଅଲ୍ଲାଃତାଲାଙ୍କ ସହିତ ଏପରି ଅଛି ତେବେ ସେ ତୁମର ଏପରି ଅବସ୍ଥା ଦେଖି ନିଜେ ଲଜ୍ଜିତ ହେବେ । ତେଣୁ ଜଣେ ବିଶ୍ୱାସକାରୀ ଯଦି ଅଲ୍ଲାଃତାଲାଙ୍କ ଉପରେ ଭରସା କରେ ଏବଂ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରେ ତେବେ ସେ ନିଜେ ମଧ୍ୟ ଚମତ୍କାର ଦେଖାଇବା ପାଇଁ ସକ୍ଷମ ହୋଇପାରେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ଅବସରରେ ତୱକ୍କୁଲ୍ ଏବଂ ତବତ୍ତୁଲ୍ (ଅଲ୍ଲାଃତାଲାଙ୍କ ଉପରେ ଅଗାଧ ତଥା ଅତୁଟ ବିଶ୍ୱାସ ଏବଂ ତାହାଙ୍କ ଆଡ଼କୁ ଆନତ ହେବା) ଆଡ଼କୁ ଧ୍ୟାନ ଆକର୍ଷଣ କରି ଆପଣ ଅ.ସ କୁହନ୍ତି "ଏହା ମଧ୍ୟ ମନେରଖ ଯେ, ବିପଦର କ୍ଷତ ପାଇଁ କୌଣସି ମଲମ ଏପରି ଆଶ୍ୱାସନାଦାୟକ ଏବଂ ଶାନ୍ତିଦାୟକ ନୁହେଁ ଯେପରି ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ଅଟେ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ଭରସା କରେ, ସେ କଠିନରୁ କଠିନତମ ସମସ୍ୟା ଏବଂ ବିପଦରେ ମଧ୍ୟ ଭିତରେ ଭିତରେ ସାନ୍ତ୍ୱନା ଓ ଶାନ୍ତି ପାଇଥାଏ । ସେ ନିଜ ହୃଦୟରେ ତିକ୍ତତା ଏବଂ ଯନ୍ତ୍ରଣା ଅନୁଭବ କରେ ନାହିଁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଶେଷରେ ଏହି ବିପଦର ପରିଣାମ ଏହା ହୋଇପାରେ ଯେ ଯଦି ତକ୍‌ଦୀରେ ମୁବ୍ରମ୍ (ଅଟଳ ଭାଗ୍ୟ) ଅଛି ଅର୍ଥାତ୍ ଯାହା ଟଳିପାରିବ ନାହିଁ ତେବେ ମୃତ୍ୟୁ ଆସିଯାଉ । ଯଦି ବିଶ୍ୱାସକାରୀର ଈଶ୍ୱରଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଛି ଏବଂ ବିଶ୍ୱାସକାରୀ ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଏ । କିନ୍ତୁ ବିଶ୍ୱାସକାରୀ ସେଗୁଡ଼ିକୁ ନିଜ ମୁଣ୍ଡରେ ବସାଏ (ଚିନ୍ତିତ ହୁଏ) ନାହିଁ । ଆପଣ ଅ.ସ କୁହନ୍ତି, ଅତି ବେଶୀରେ କ'ଣ ହେବ ମୃତ୍ୟୁ ଆସିଯିବ ? ଅତଏବ୍ ଆପଣ ଅ.ସ କୁହନ୍ତି, "କିନ୍ତୁ ଏହାଦ୍ୱାରା କ'ଣ ହେଲା? ଦୁନିଆ ଏପରି କୌଣସି ସ୍ଥାନ ତ' ନୁହେଁ ଯେଉଁଠାରେ କେହି ସର୍ବଦା ରହିପାରିବ । ଶେଷରେ ଦିନେ ନା ଦିନେ ଏବଂ ଏପରି ଏକ ସମୟ ସମସ୍ତଙ୍କ ପାଇଁ ଆସେ ଯେ, ଏହି ସଂସାର ଛାଡ଼ିବାକୁ ପଡ଼େ । ପୁନଶ୍ଚ ଯଦି ତାକୁ ମୃତ୍ୟୁ ଆସିଗଲା ତେବେ ସେଥିରେ କ୍ଷତି ବା କ'ଣ ? ବିଶ୍ୱାସକାରୀ ପାଇଁ ତ' ଏହି ମୃତ୍ୟୁ ଆହୁରି ଆରାମଦାୟକ ଏବଂ ପ୍ରିୟଜନଙ୍କ ସହିତ ମିଳନର ମାଧ୍ୟମ ହୋଇଯାଏ ।" ଯଦି ବିଶ୍ୱାସକାରୀ ସଠିକ୍ ଅଛି, ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଦୃଢ଼ ରହିଛି, ତେବେ ସେ କୁହେ ଯେ, ଭଲ ହେଲା ଈଶ୍ୱରଙ୍କ ସହିତ ସାକ୍ଷାତ୍ ହୋଇଯିବ । "କାରଣ ସେ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ତାହାଙ୍କର ଶକ୍ତିଗୁଡ଼ିକ ଉପରେ ଭରସା କରେ ଏବଂ ଜାଣେ ଯେ, ପରବର୍ତ୍ତୀ ଜଗତ ତା' ପାଇଁ ସାର୍ବକାଳୀନ ଓ ଶାନ୍ତି ଅଟେ । ତେଣୁ ବିପଦ କେବଳ ରୋଗର ହେଉ କିମ୍ବା ଅନ୍ୟ କୌଣସି ପ୍ରକାରର କଷ୍ଟର, ଯନ୍ତ୍ରଣାର କାରଣ ହୋଇପାରେ ନାହିଁ । ବରଂ ସେହି ବିପଦ ଦୁଃଖ ଦେଉଥିବା ଯନ୍ତ୍ରଣା ସାବ୍ୟସ୍ତ ହୁଏ, ଯେଉଁଥିରେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଏବଂ ଭରସା ନଥାଏ ।" ଯଦି ବିଶ୍ୱାସକାରୀକୁ ସମସ୍ୟା ଆସେ ତେବେ ତାହା ତା' ପାଇଁ ଯନ୍ତ୍ରଣା ହୁଏ ନାହିଁ । ଯନ୍ତ୍ରଣା ତ' ସେତେବେଳେ ହୁଏ ଯେତେବେଳେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଏବଂ ଭରସା ନଥାଏ ।" ଏପରି ବ୍ୟକ୍ତିକୁ ନିଶ୍ଚିତ ଭାବରେ ଗଭୀର ଯନ୍ତ୍ରଣା ଅନୁଭୂତ ହୁଏ ଯାହାର ବିଶ୍ୱାସ ଈଶ୍ୱରଙ୍କ ଉପରେ ନାହିଁ ।"ଯଦି କେହି ଏହା ଚିନ୍ତା କରେ ଯେ, ମୃତ୍ୟୁ ହିଁ ନ ଆସୁ ତେବେ ଏହା ଏକ ଭୁଲ୍ ଚିନ୍ତାଧାରା ଅଟେ । କାରଣ ଅଲ୍ଲାଃତାଲା ଏହି ଦୁନିଆକୁ ଅସ୍ଥାୟୀ ବୋଲି ଘୋଷଣା କରିଛନ୍ତି । ଏପରି ବ୍ୟକ୍ତି ପାଇଁ ଅନ୍ୟ ଜଗତରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ନର୍କ ହେବ । ତେଣୁ ତାହା ପାଇଁ ତାଙ୍କୁ ପ୍ରସ୍ତୁତ ରହିବା ଉଚିତ୍ ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-258, ସଂସ୍କରଣ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଏହା ସେହି ଲୋକମାନଙ୍କ ପାଇଁ ମଧ୍ୟ ଏକ ସାଧାରଣ ଉତ୍ତର ଅଟେ ଯେଉଁମାନେ ଏହା ପଚାରନ୍ତି ଯେ, ଆମକୁ କିପରି ଜଣାପଡ଼ିବ ଯେ, ଏହା ସମସ୍ୟା କିମ୍ବା କଷ୍ଟ ଯନ୍ତ୍ରଣା ଅଟେ କିମ୍ବା ଅଲ୍ଲାଃତାଲାଙ୍କ ପକ୍ଷରୁ ପରୀକ୍ଷା ଅଟେ । ଆପଣ ଅ.ସ ନିଜର ଅନୁଗାମୀମାନଙ୍କୁ ସମୟ ସୁବିଧା ଦେଖି ତୱକ୍କୁଲ (ବିଶ୍ୱାସ) ର ଉପଦେଶ ଦେଉଥିଲେ । ସୁତରାଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି, ହ. ମାଷ୍ଟର ନଜିର୍ ହୁସେନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଏହା ମନେକର ନାହିଁ ଯେ, ଅଲ୍ଲାଃତାଲା ଦୁର୍ବଳ ଅଟନ୍ତି । ସେ ସର୍ବଶକ୍ତିମାନ ଅଟନ୍ତି । ଯେତେବେଳେ ତୁମେ କୌଣସି କାର୍ଯ୍ୟରେ ତାହାଙ୍କ ଉପରେ ଭରସା କରିବ ସେତେବେଳେ ସେ ନିଶ୍ଚୟ ତୁମକୁ ସାହାଯ୍ୟ କରିବେ । ଯେପରିକି ସେ ନିଜେ କୁହନ୍ତି: وَمَنۡ یَّتَوَکَّلۡ عَلَی اللّٰہِ فَہُوَ حَسۡبُہٗ **(ଅତ୍ ତଲାକ୍: 4)** ଏବଂ ଯେକେହି ଅଲ୍ଲାଃଙ୍କ ଉପରେ ଭରସା କରେ ତେବେ ଅଲ୍ଲାଃ ତାହା ପାଇଁ ଯଥେଷ୍ଟ ଅଟନ୍ତି ।"

(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ--3, ପୃ-184)

ଭାଗ୍ୟଶାଳୀ ଲୋକମାନଙ୍କର ଗୁଣଗୁଡ଼ିକ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୱକ୍କୁଲ (ବିଶ୍ୱାସ) ନାମକ ଏକ ସ୍ଥାନ ରହିଛି ଯେଉଁଠାରେ ସେମାନଙ୍କୁ (ବିଶ୍ୱାସକାରୀମାନଙ୍କୁ) ଅତ୍ୟନ୍ତ ଦୃଢ଼ତାର ସହିତ ପ୍ରତିଷ୍ଠିତ କରାଯାଏ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ସେହି ପବିତ୍ର ଝରଣା କଦାପି ପ୍ରାପ୍ତ ହୋଇପାରେ ନାହିଁ । ବରଂ କେବଳ ସେମାନଙ୍କ ପାଇଁ ତାହା ଆନନ୍ଦଦାୟକ ଏବଂ ଅନୁକୂଳ କରାଯାଏ ଏବଂ ଜ୍ଞାନର ଆଲୋକ ସେମାନଙ୍କୁ ଏପରି ଭାବରେ ଧରି ରଖେ ଯେ ସେମାନେ ପ୍ରାୟତଃ ବିଭିନ୍ନ ପ୍ରକାରର ଅଭାବ ଅସୁବିଧାରେ ଥାଇ ଏବଂ ସାଧାରଣ ସାଧନଗୁଡ଼ିକରୁ ସମ୍ପୂର୍ଣ୍ଣ

ଦୂରେଇ ରହି ମଧ୍ୟ ଏପରି ଆନନ୍ଦ ଏବଂ ମନର ପ୍ରସନ୍ନତା ସହିତ ଜୀବନ ଯାପନ କରନ୍ତି ଏବଂ ଏପରି ସୁଖରେ ଦିନ କାଟନ୍ତି ଯେପରିକି ସେମାନଙ୍କ ପାଖରେ ହଜାର ହଜାର ଭଣ୍ଡାର ରହିଛି ।" ସୁବିଧା ସୁଯୋଗଗୁଡ଼ିକ ଯଦିଓ ଉପଲବ୍ଧ ନଥାଏ ଯାହାର ଅଭ୍ୟାସ ଥାଏ ତଥାପି ଯେଉଁମାନଙ୍କର ଅଲ୍ଲାଃତାଲାଙ୍କ ଉପରେ ଭରସା ରହିଛି ସେମାନେ ବହୁତ ଖୁସିରେ ଏପରି ଜୀବନ ଯାପନ ଅତିବାହିତ କରନ୍ତି ଯେପରିକି ହଜାର ହଜାର ଭଣ୍ଡାର ସେମାନଙ୍କ ପାଖରେ ରହିଛି ।" ସେମାନଙ୍କ ମୁହଁରେ ଧନୀ ହେବାର ସତେଜତା ନଜର ଆସେ ଏବଂ ଧନବାନ୍ ହେବାର ଦୃଢ଼ ମନୋଭାବ ପ୍ରକାଶ ପାଏ ଏବଂ ଅଭାବର ଅବସ୍ଥାରେ ସମ୍ପୂର୍ଣ୍ଣ ମନର ଉଦାରତା ଏବଂ ପୂର୍ଣ୍ଣ ବିଶ୍ୱାସ ସହିତ ନିଜ ଦୟାଳୁ ପ୍ରଭୁଙ୍କ ଉପରେ ଭରସା ରଖନ୍ତି ।" **(ବରାହିନେ ଅହମଦିୟା, ଭାଗ-4, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-538, ପାଦଟୀକା ସଂଖ୍ୟା-3)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଥିଲେ ଅଭାବ ଏବଂ କଷ୍ଟରେ ମଧ୍ୟ ବିଶ୍ୱାସକାରୀମାନେ ଅଲ୍ଲାଃତାଲାଙ୍କ ଉପରେ ଭରସା ରଖନ୍ତି । ତାହାଙ୍କ ଠାରୁ ଦୂରେଇ ଯାଆନ୍ତି ନାହିଁ । ସେମାନଙ୍କ ମନକୁ ଏହି ଧାରଣା ଆସେ ନାହିଁ ଯେ, ଜଣା ନାହିଁ କ'ଣ ଅଛି କ'ଣ ନାହିଁ । ବିପଦ ଅଛି କିମ୍ବା ପରୀକ୍ଷା ଅଛି କିମ୍ବା ଶାସ୍ତି ଅଛି । ଯଦି ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା ଅଛି, ଅଲ୍ଲାଃତାଲାଙ୍କ ଅଧିକାରଗୁଡ଼ିକ ପୂରଣ କରୁଛନ୍ତି, ତେବେ ନିଶ୍ଚୟ ଅଲ୍ଲାଃତାଲା କୃପାରେ ପୂର୍ଣ୍ଣ କରିଥାଆନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ବିଶ୍ୱାସ କରୁଥିବା ଏବଂ ଈଶ୍ୱରଙ୍କ ଆଡ଼କୁ ନଇଁଥିବା ବ୍ୟକ୍ତିମାନେ କେବେ ହେଲେ ନଷ୍ଟ ହୁଅନ୍ତି ନାହିଁ । ଯେଉଁ ବ୍ୟକ୍ତି କେବଳ ନିଜ ପ୍ରଚେଷ୍ଟାରେ ଲାଗିଥାଏ ତାକୁ ଅପମାନ ବ୍ୟତୀତ ଆଉ କ'ଣ ବା ମିଳିପାରେ?" "ଯେବେଠାରୁ ସଂସାର ସୃଷ୍ଟି ହୋଇଛି ସେବେ ଠାରୁ ସର୍ବଦା ଅଲ୍ଲାଃତାଲାଙ୍କ ଏହି ନୀତି ରହି ଆସିଛି ଯେ, ଯେଉଁ ଲୋକମାନେ ସଂସାରକୁ ତ୍ୟାଗ କରନ୍ତି ସେମାନେ ଏହା (ଈଶ୍ୱର)କୁ ପାଆନ୍ତି ଏବଂ ଯେଉଁମାନେ ଏହା (ସଂସାର) ପଛରେ ଦୌଡ଼ନ୍ତି, ସେମାନେ ଏଥିରୁ (ଈଶ୍ୱରଙ୍କ ଠାରୁ) ବଞ୍ଚିତ ରୁହନ୍ତି । ଯେଉଁ ଲୋକମାନେ ଈଶ୍ୱରଙ୍କ ସହିତ ସମ୍ପର୍କ ରଖନ୍ତି ନାହିଁ, ସେମାନେ ଯଦି କିଛି ଦିନ ଛଳନା ଏବଂ ପ୍ରତାରଣା ଦ୍ୱାରା କିଛି ହାସଲ ମଧ୍ୟ କରି ନିଅନ୍ତି ତେବେ ତାହା ବୃଥା ଅଟେ ।" ଦୁନିଆ ହାସଲ କରିବାରେ ସାଧାରଣତଃ କପଟ ଏବଂ ପ୍ରତାରଣା ହିଁ କରୁଥାଆନ୍ତି ଓ ଅନ୍ୟକୁ ଠକୁଥାଆନ୍ତି ।" କାରଣ ଶେଷରେ ସେମାନଙ୍କୁ କଠିନ ବିଫଳତାର ସମ୍ମୁଖୀନ ହେବାକୁ ପଡ଼େ । ଇସ୍‌ଲାମ୍ ଧର୍ମରେ ଶ୍ରେଷ୍ଠ ଲୋକମାନେ ସେହିମାନେ ହୋଇଯାଇଛନ୍ତି ଯେଉଁମାନେ ଧର୍ମ ତୁଳନାରେ ସଂସାରକୁ କୌଣସି ପରୀକ୍ଷା କରି ନାହାନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ "ଭାରତରେ କୁତୁବଦ୍ଦୀନ୍ ରହମତୁଲ୍ଲାଃ ଅଲୈହି ଏବଂ ମୁଇନୁଦ୍ଦୀନ୍ ରହମତୁଲ୍ଲାଃ ଅଲୈହି ଈଶ୍ୱରଙ୍କ ଔଲିୟା (ପବିତ୍ର ବ୍ୟକ୍ତି ବା ସନ୍ଥ) ଅତିକ୍ରାନ୍ତ ହୋଇଛନ୍ତି । ଏହି ଲୋକମାନେ ଗୁପ୍ତ ଭାବରେ ଈଶ୍ୱରଙ୍କର ଉପାସନା କଲେ । କିନ୍ତୁ ଈଶ୍ୱର ତାଙ୍କର ସମ୍ମାନକୁ ପ୍ରକାଶ କରିଦେଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ଅ.ସ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, "ଆମେ ବଟାଲାରେ ଜଣେ ପୀରଜାଦା (ପୀରଙ୍କ ପୁତ୍ର)ଙ୍କୁ ଦେଖିଲୁ ଯେ, ସେ ନିଜ ଜମିର ମକଦ୍ଦମା (ମାମଲା) ପାଇଁ ଧୂଳି ଧୂସରିତ ହୋଇ କୌଣସି ଡେପୁଟିଙ୍କ ପଛରେ ଧାଇଁ ବୁଲୁଥିଲେ ।" ସରକାରୀ ଅଧିକାରୀ ଯିଏ କି ଡେପୁଟି ଥିଲେ ତାଙ୍କ ପଛରେ ନିଜ ମକଦ୍ଦମା ପାଇଁ କିମ୍ବା ସମ୍ପତ୍ତି ହାସଲ କରିବା ପାଇଁ ବୁଲୁଥିଲେ । ଆପଣ ଅ.ସ କହିଲେ ଯେ, "ମୁଁ ଆଶ୍ଚର୍ଯ୍ୟ ହେଲି ଯେ ଯଦି ଏହି ବ୍ୟକ୍ତି ମଧ୍ୟରେ ପ୍ରକୃତ ସଚ୍ଚୋଟତା ଥାଆନ୍ତା।" ତେବେ ଏମାନେ ନିଜକୁ ପୀରଜାଦା ବୋଲି କୁହନ୍ତୁ । ସେମାନେ ନିଜକୁ କୁହନ୍ତି ଯେ, ଆମେ ପୀରମାନଙ୍କର ବଂଶଧର ଅଟୁ । ହୁଜୁର୍ ଅ.ସ କହିଲେ, ଯଦି ଏହି ବ୍ୟକ୍ତି ମଧ୍ୟରେ ପ୍ରକୃତ ସଚ୍ଚୋଟତା ଥାଆନ୍ତା ଏବଂ ଏହି ବ୍ୟକ୍ତି ଈଶ୍ୱରଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ହୋଇଥାଆନ୍ତା ତେବେ ଏପରି ମଇଳା ଏବଂ ଅପବିତ୍ର କଥାଗୁଡ଼ିକରେ କାହିଁକି ପଡ଼ିଥାଆନ୍ତା ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-212-213, ସଂସ୍କରଣ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ, "ସଂସାରରେ ଯେଭଳି ପାପ ସୃଷ୍ଟି ହୋଇଛି ସେଗୁଡ଼ିକର ଏହା ହିଁ କାରଣ ଯେ, ଯେଭଳି ବିଶ୍ୱାସ ମଣିଷକୁ ସଂସାରର ଆନନ୍ଦ, ସଂସାରର ସମ୍ମାନ ଏବଂ ସଂସାରର ଧନସମ୍ପତ୍ତି ଉପରେ ରହିଛି ଏହି ବିଶ୍ୱାସ ପରକାଳ ଉପରେ ନାହିଁ । ଏହି କାରଣରୁ ମଣିଷ ପାପ କରିଥାଏ । ଯେପରିକି ସେ ଏପରି ଏକ ବାକ୍ସ ଉପରେ ଭରସା କରିପାରେ ଯାହା ମୂଲ୍ୟବାନ ରତ୍ନ ଏବଂ ବିଶୁଦ୍ଧ ସୁନାରେ ପରିପୂର୍ଣ୍ଣ ଅଛି ଏବଂ ତାହା ତା'ର ଆୟତ୍ତରେ ରହିଛି । ସେପରି ସେ ଈଶ୍ୱରଙ୍କ ଉପରେ ଭରସା କରିପାରେ ନାହିଁ ଏବଂ ଯେପରି ସଂସାରର ସରକାର ଏବଂ ଦୁନିଆର ଶାସକମାନଙ୍କୁ ଲୋକମାନେ ଡରନ୍ତି ଏବଂ ମୁଦାହିନା" ଅର୍ଥାତ୍ ଚାଟୁକାରିତା (ତୋଷମଦିଆ) ଓ ପ୍ରଶଂସା କରି ଜୀବନ ଅତିବାହିତ କରନ୍ତି ସେପରି ସେମାନେ ଈଶ୍ୱରଙ୍କୁ ଡରନ୍ତି ନାହିଁ । ଏହାର କାରଣ କ'ଣ ? ଏହାର କାରଣ ଏହାକି ଯେ, ଦୁନିଆର ସାମ୍ନାସାମ୍ନି ସାଧନ ଏବଂ ଉପାୟଗୁଡ଼ିକ" ଅର୍ଥାତ୍ ବାହ୍ୟ ଏବଂ ପାର୍ଥିବ ସାଧନଗୁଡ଼ିକ ଯାହା ମଣିଷ ସମ୍ମୁଖରେ ବିଦ୍ୟମାନ ରହିଛି । ସେଗୁଡ଼ିକ ସେମାନଙ୍କ ଦୃଷ୍ଟିରେ ଏତେ ନିଶ୍ଚିତ ଅଟନ୍ତି ଯେ, ଧାର୍ମିକ ବିଶ୍ୱାସଗୁଡ଼ିକ ସେଗୁଡ଼ିକ ଆଗରେ କିଛି ମଧ୍ୟ ନୁହେଁ ।"

(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-18, ପୃ-468)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦୁନିଆର ସାଧନଗୁଡ଼ିକ ନଜର ଆସୁଛି ଏବଂ ବିଶ୍ୱାସ ତଥା ଈଶ୍ୱରଙ୍କ ଉପରେ ଆସ୍ଥା ଆଦୌ କିଛି ନାହିଁ । ତେଣୁ ଯେତେବେଳେ ଈଶ୍ୱରଙ୍କ ଉପରେ ବିଶ୍ୱାସ ହିଁ ନାହିଁ ଏବଂ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାର ଧାରଣା ହିଁ ନାହିଁ ଯାହାକୁ ଆମେମାନେ ପ୍ରତ୍ୟେକ ଶପଥରେ ଦୋହୋରାଇଥାଉ । ବର୍ତ୍ତମାନ ଖୁଦ୍ଦାମୁଲ୍ ଅହମଦିୟାର ଇଜ୍‌ତିମା ଅଛି । ଉକ୍ତ ଇଜ୍‌ତିମାରେ ମଧ୍ୟ ଉକ୍ତ ଶପଥକୁ ଦୋହୋରାଇବୁ । ତେବେ ଏହି ବିଶ୍ୱାସ ଏବଂ ଈଶ୍ୱରବିଶ୍ୱାସର ଦୁର୍ବଳତା ଏପରି ବ୍ୟକ୍ତିକୁ ପରବର୍ତ୍ତୀ ଜଗତର ଆଶୀର୍ବାଦରୁ ମଧ୍ୟ ବଞ୍ଚିତ ରଖିବ । ଏହି ଦୁନିଆକୁ ସେମାନେ ସବୁକିଛି ମନେ କରିନେଇଛନ୍ତି ଏବଂ ଏହାକୁ ପାଇବା ପାଇଁ ପ୍ରଚେଷ୍ଟା କରୁଛନ୍ତି । କିଛି ଲୋକ ପାଇଗଲେ ଏବଂ କିଛି ଲୋକ ଏହାକୁ ପାଇବା ପ୍ରଚେଷ୍ଟାରେ ଏହି ଜଗତରୁ ବିଦାୟ ନେଇଗଲେ ଓ ବିଫଳ ହୋଇଗଲେ । କେତେକ ଲୋକଙ୍କୁ ସଂସାର ଏବଂ ଧନ ମିଳିଲା ଏବଂ ସେହି ସମୟରେ ନଷ୍ଟ ହୋଇଗଲା ଏବଂ ପରେ ସେମାନେ ଯନ୍ତ୍ରଣାରେ, ପାର୍ଥିବ ଭାବରେ ବଡ଼ ଯନ୍ତ୍ରଣାରେ ଜୀବନ ଅତିବାହିତ କଲେ । ନା ଧର୍ମର ରହିଲେ, ନା ସଂସାରରେ ରହିଲେ ।

ଏହି ବିଷୟରେ ଜଣେ କବି ଏହା କହିଛନ୍ତି: "نہ خدا ہی ملا نہ وصال صنم" ଅର୍ଥାତ୍ ନା ଈଶ୍ୱର ମିଳିଲେ ଓ ନା ହିଁ ପ୍ରିୟତମଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ ହେଲା ।" ଲୋକମାନଙ୍କୁ ଈଶ୍ୱରଙ୍କ ଆଡ଼କୁ ଆଣିବାର ଏବଂ ପରକାଳର ଚିନ୍ତା କରିବାର ଆପଣ ଅ.ସଙ୍କୁ କେତେ ଚିନ୍ତା ରହୁଥିଲା ଏବଂ କେତେ ଯନ୍ତ୍ରଣା ଥିଲା ଓ ସେଥିପାଇଁ କିପରି ଆପଣ ଅ.ସ ଦୁଆ କରୁଥିଲେ। ଏହାକୁ ବର୍ଣ୍ଣନା କରି ଆପଣ ଅ.ସ ଈଶ୍ୱରଙ୍କୁ ସମ୍ବୋଧନ କରି କୁହନ୍ତି ଯେ: "ହେ ଈଶ୍ୱର ! ଦେଖ ମୋର ଆତ୍ମା ଅତ୍ୟନ୍ତ ବିଶ୍ୱାସର ସହିତ ତୁମ୍ଭ ଆଡ଼କୁ ଏପରି ଉଡୁଛି ଯେପରି ପକ୍ଷୀ ନିଜ ବସା ଆଡ଼କୁ ଆସିଥାଏ । ତେଣୁ ମୁଁ ତୁମ୍ଭ ଶକ୍ତିର ନିଦର୍ଶନର ଅଭିଳାଷୀ ଅଟେ । କିନ୍ତୁ ନିଜ ପାଇଁ ନୁହେଁ ଏବଂ ନିଜ ସମ୍ମାନ ପାଇଁ ନୁହେଁ ବରଂ ଏଥିପାଇଁ ଯେ, ଲୋକମାନେ ତୁମ୍ଭଙ୍କୁ ଚିହ୍ନନ୍ତୁ ଏବଂ ତୁମ୍ଭର ପବିତ୍ର ମାର୍ଗଗୁଡ଼ିକୁ ଅବଲମ୍ବନ କରନ୍ତୁ ଏବଂ ଯାହାକୁ ତୁମ୍ଭେ ପଠାଇଅଛ ତାହାକୁ ମିଥ୍ୟାବାଦୀ କହି ସଠିକ୍ ପଥରୁ ଦୂରେଇ ନ ଯାଆନ୍ତୁ। ମୁଁ ସାକ୍ଷ୍ୟ ଦେଉଛି ଯେ, ତୁମ୍ଭେ ମୋତେ ପଠାଇଛ ଏବଂ ମୋର ସାହାଯ୍ୟ ପାଇଁ ବଡ଼ ବଡ଼ ନିଦର୍ଶନମାନ ପ୍ରକାଶ କରିଅଛ ।"

(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ--15, ପୃ-511)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ନାମ ନିଜେ "ମୁତୱକ୍କିଲ୍" (ଭରସାକାରୀ) ରଖିଛନ୍ତି । ତେଣୁ ଆପଣ ଅ.ସ କୁହନ୍ତି: "ମସିହ୍‌ଙ୍କ ଅବତୀର୍ଣ୍ଣର ନିଦର୍ଶନ ଏହା ଲେଖାଯାଇଛି ଯେ, ସେ ଦୁଇଟି ଦୂତଙ୍କ ପର ଉପରେ ନିଜର ହାତର ପାପୁଲି ରଖିଥିବେ । ଏହା ସେହି କଥା ଆଡ଼କୁ ଇଙ୍ଗିତ କରୁଛି ଯେ, ତାଙ୍କର ଡାହାଣ ଏବଂ ବାମ ହାତ ଯାହା ମାନସିକ ଜ୍ଞାନ ଏବଂ ଆନ୍ତରିକ ଆଲୋକର ମାଧ୍ୟମ ଅଟେ ଆକାଶୀୟ ଭରସକାରୀ ଯାହାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ ଅର୍ଥାତ୍ ଦୂତମାନେ ଅଟନ୍ତି, ସେମାନଙ୍କର ସାହାଯ୍ୟରେ ଥିବ ।" ବୁଦ୍ଧିର ଜ୍ଞାନଗୁଡ଼ିକ ଯାହା ରହିଛି, ଯାହା ଆଭ୍ୟନ୍ତରୀଣ ଆଲୋକ ଅଟେ, ଯାହା ଧର୍ମର ଅଧ୍ୟାତ୍ମ ଜ୍ଞାନର କଥାଗୁଡ଼ିକ ଅଟେ, ତାହା ଏହି ମାଧ୍ୟମ ଦ୍ୱାରା ହି ସମ୍ପାଦିତ ହେବ ଅର୍ଥାତ୍ ତାହା ଦୂତମାନଙ୍କ ସାହାଯ୍ୟରେ ସମ୍ପାଦନ ହେବ । ଉଭୟ ଦୂତଙ୍କ ଉପରେ ହାତ ରଖିବାର ଅର୍ଥ ଏହା ଅଟେ । ସେମାନଙ୍କର ସାହାଯ୍ୟରେ ଥିବ "ଏବଂ ସେ ବିଦ୍ୟାଳୟ ଏବଂ ପୁସ୍ତକଗୁଡ଼ିକ ଏବଂ ପୀରମାନଙ୍କ ଠାରୁ ନୁହେଁ, ବରଂ ଈଶ୍ୱରଙ୍କ ଠାରୁ ଇଲ୍‌ମେ ଲୁଦ୍‌ନୀ (ଦିବ୍ୟ ଜ୍ଞାନ) ପ୍ରାପ୍ତ କରିବ" ଅର୍ଥାତ୍ ସେ ସେହି ଜ୍ଞାନ ପ୍ରାପ୍ତ କରିବ ଯେଉଁ ଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଈଶ୍ୱର ଶିଖାଇଥାଆନ୍ତି "ଏବଂ ତା' ଜୀବନର ଆବଶ୍ୟକତାଗୁଡ଼ିକର ମଧ୍ୟ ଈଶ୍ୱର ହିଁ ସହାୟକ ଏବଂ ଜିମାଦାର ହେବେ। ଯେପରିକି "ବରାହିନେ ଅହମଦିୟା"ର ଅବଧି ଦଶ ବର୍ଷ ହେବାର ଉଦାହରଣ ଦେଇ ଆପଣ ଅ.ସ କହିଲେ: " ଏହି ବିନୀତର ଅବସ୍ଥା ସମ୍ପର୍କରେ ଏହି ଐଶୀବାଣୀ ପ୍ରକାଶ ପାଇସାରିଛି ଯେ, 'اِنَّكَ بِاَعْيُنِنَا سَمَّيْتُكَ الْمُتَوَكِّلَ وَعَلَّمْنٰهُ مِنْ لَّدُنَّا عِلْمًا' ଅର୍ଥାତ୍ ତୁମ୍ଭେ ଆମ୍ଭର ଆଖି ସାମ୍ନାରେ ଅଛ । ଆମ୍ଭେ ତୁମ୍ଭର ନାମ ମୁତୱକ୍କିଲ୍ (ଭରସାକାରୀ) ରଖିଛୁ ଏବଂ ନିଜ ପକ୍ଷରୁ ଜ୍ଞାନ ଶିଖାଇଛୁ ।"

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଏହି କଥା ଅନେକ ହଦିସ୍ ଏବଂ ପବିତ୍ର କୁରଆନ୍ କରୀମ୍ ଦ୍ୱାରା ପ୍ରମାଣିତ ଯେ, ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ସଂସାରରୁ ସଂପର୍କ ଛିନ୍ନ କରି ଏବଂ ସମ୍ପୂର୍ଣ୍ଣ ତୱକ୍କୁଲ୍ (ଭରସା)ର ସ୍ତର ହାସଲ କରିନିଏ ତେବେ ଦେବଦୂତମାନେ ତା'ର ସେବକ ହୋଇଯାଆନ୍ତି ଏବଂ ପ୍ରତ୍ୟେକ ଦୂତ ନିଜର ପଦବୀ ଅନୁସାରେ ତା'ର ସେବା କରନ୍ତି ।

(ଇଜାଲା ଔହାମ୍, ଭାଗ-2, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ--3, ପୃ-476)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଦିନେ ମଜ୍‌ଲିସ୍ (ସଭା)ରେ ହ. ମସିହ୍ ମଉଦ୍ ଅ.ସ ବିରାଜମାନ ଥିଲେ । ସେଠାରେ ତୱକ୍କୁଲ୍ (ଭରସା)ର ପ୍ରସଙ୍ଗ ଉଠିଲା । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, "ମୁଁ ନିଜ ହୃଦୟରେ ଏକ ଅଦ୍ଭୁତ ଅବସ୍ଥା ଅନୁଭବ କରିଥାଏ ଯେପରି ପ୍ରବଳ ଗୁଳୁଗୁଳି (ଶ୍ୱାସରୋଧ) ଏବଂ ଗ୍ରୀଷ୍ମ ପ୍ରବାହ ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଏ, ଲୋକମାନେ ଦୃଢ଼ତାର ସହିତ ଆଶା କରନ୍ତି ଯେ, ବର୍ତ୍ତମାନ ବର୍ଷା ହେବ। ଠିକ୍ ସେହିପରି ଯେତେବେଳେ ମୁଁ ମୋର ଛୋଟ ବାକ୍ସ (ସନ୍ଦୁକଟି)କୁ ଖାଲି ଦେଖେ" ଅର୍ଥାତ୍ ଦେଖେ ଯେ, ସେତେବେଳେ ମୋ ପାଖରେ କୌଣସି ଧନ ଭଣ୍ଡାର ନାହିଁ, କିଛି ନାହିଁ, ସେତେବେଳେ ମୋର ଈଶ୍ୱରଙ୍କ କୃପା ଉପରେ ଦୃଢ଼ ବିଶ୍ୱାସ ହୁଏ ଯେ, ବର୍ତ୍ତମାନ ଏହି ଧନଭଣ୍ଡାର ପୂର୍ଣ୍ଣ ହୋଇଯିବ ଏବଂ ଏହିପରି ହିଁ ହୋଇଥାଏ ।" ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, "ଯେତେବେଳେ ମୋର କୀସା" ଅର୍ଥାତ୍ ପକେଟ୍ ବା ଥଳୀ "ଖାଲି ଥାଏ ସେତେବେଳେ ଈଶ୍ୱରଙ୍କ ଉପରେ ତୱକ୍କୁଲ୍ (ଭରସା)ର ଯେଉଁ ଆନନ୍ଦ ଏବଂ ଖୁସି ମୋତେ ପ୍ରାପ୍ତ ହୁଏ ତାହାର ଅବସ୍ଥା ମୁଁ ବର୍ଣ୍ଣନା କରିପାରିବି ନାହିଁ ।" ଯେତେବେଳେ ମୋ ପାଖରେ କିଛି ନଥାଏ ସେତେବେଳେ ଅଲ୍ଲାଃତାଲାଙ୍କ ଉପରେ ମୋର ଭରସା ଆହୁରି ବୃଦ୍ଧି ପାଇଥାଏ । ସେହି ଅବସ୍ଥା ପକେଟ୍ ଭର୍ତ୍ତି ଥିବା ତୁଳନାରେ ଅତ୍ୟନ୍ତ ଆନନ୍ଦଦାୟକ ଏବଂ ମାନସିକ ଶାନ୍ତି ପ୍ରଦାନକାରୀ ହୋଇଥାଏ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-297, ସଂସ୍କରଣ-2022 ମସିହା)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅହମଦ ସାହେବ[ରଅ] ଉକ୍ତ ବକ୍ତବ୍ୟ ଉପରେ ମତାମତ ଦେଇ ଉଲ୍ଲେଖ କରନ୍ତି ଯେ, "ଫକୀର (ଦରିଦ୍ର) ମାନଙ୍କର କୀସା (ପକେଟ୍) ତ' ପ୍ରାୟତଃ ଖାଲି ହିଁ ରହିଥାଏ । ଅର୍ଥାତ୍ ଯେଉଁମାନେ ଆଧ୍ୟାତ୍ମିକ ଦରିଦ୍ର (ଫକୀର) ଅଟନ୍ତି ସେମାନେ ଧନ ସଞ୍ଚୟ କରନ୍ତି ନାହିଁ । ସେମାନଙ୍କର ଭଣ୍ଡାର ଏବଂ ପକେଟ୍ ସାଧାରଣତଃ ଖାଲି ହିଁ ରହିଥାଏ ସେମାନେ ଲୋକମାନଙ୍କୁ ଧନ ବାଣ୍ଟି ଦିଅନ୍ତି। "କିନ୍ତୁ ହ. ମସିହ୍ ମଉଦ୍‌ଙ୍କ ତୱକ୍କୁଲ୍ (ଭରସା ତଥା ବିଶ୍ୱ)ର ମର୍ଯ୍ୟାଦା ଲକ୍ଷ୍ୟ କରନ୍ତୁ। ଅର୍ଥାତ୍ ଜଣେ ଚତୁର ଜମିଦାର ନିଜର ବାରମ୍ବାର ପରୀକ୍ଷିତ କୂଅ ସମ୍ବନ୍ଧରେ ଦୃଢ଼ ବିଶ୍ୱାସ ରଖେ ଯେ, ଯେତେବେଳେ ତାହାର ବର୍ତ୍ତମାନର ପାଣି ଶେଷ ହେବାକୁ ଆସିବ ସେତେବେଳେ ତାହାର ଭୂତଳ ସ୍ରୋତ" ଅର୍ଥାତ୍ ଝରଣା "ସ୍ୱୟଂ ଖୋଲିଯିବ ଏବଂ କୂଅ ପୁଣି ପାଣିରେ ପରିପୂର୍ଣ୍ଣ ହୋଇଯିବ ।" କୂଅ ଖୋଳିଲେ କେତେବେଳେ ପାଣି ବାହାର କାଢ଼ି କାଢ଼ି କୂଅ ଶୁଷ୍କ ହୋଇଯାଏ । କିନ୍ତୁ ପରେ ଧୀରେ ଧୀରେ ପୁଣି ସେଥିରେ ପାଣି ଏକତ୍ରିତ ହେବା ଆରମ୍ଭ ହୋଇଯାଏ । ଠିକ୍ ସେହିପରି ହ. ମସିହ୍ ମଉଦଙ୍କ ହୃଦୟ ଏହି ବିଶ୍ୱାସରେ ପରିପୂର୍ଣ୍ଣ ଥିଲା ଯେ, ଏପଟେ ମୋର ପକେଟ୍ ଖାଲି ହେଲା ସେପଟେ ଆକାଶର ଅଦୃଶ୍ୟ ହାତ ଏହାକୁ ପୁଣି ପୂର୍ଣ୍ଣ କରିଦେବ ଏବଂ ଯେଉଁ କାର୍ଯ୍ୟ ମୋତେ ଈଶ୍ୱର ପ୍ରଦାନ କରିଛନ୍ତି ସେଥିରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ଏହା ସେହି ସାହାଯ୍ୟର ସ୍ଥାନ ଅଟେ ଯାହା ସମ୍ପର୍କରେ ଅଲ୍ଲାଃତାଲା ହ. ମସିହ୍ ମଉଦଙ୍କୁ ଆରମ୍ଭରୁ ହିଁ ଐଶୀବାଣୀ ମାଧ୍ୟମରେ ଜଣାଇଥିଲେ ଯେ, 'اَلَيْسَ اللّٰهُ بِكَافٍ عَبْدَهٗ' ଅର୍ଥାତ୍ କ'ଣ ଈଶ୍ୱର ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହଁନ୍ତି ? ପ୍ରକୃତ କଥା ହେଲା ଯେ, ଏହି ଐଶୀବାଣୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହ. ମସିହ୍ ମଉଦଙ୍କ ଉପରେ କୃପା ଓ କରୁଣାର ମେଘ ପରି ଆଚ୍ଛନ୍ନ ହୋଇ ରହିଥିଲା ।"

(ସୀରତେ ତୈୟେବା, ହ. ମିର୍ଜା ବଶୀର ଅହମଦ ସାହେବ ଏମ୍.ଏ[ରଅ], ପୃ-146)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ସୀରତ୍ (ଜୀବନୀ)ରେ ତୱକ୍କୁଲ୍ (ଈଶ୍ୱର ବିଶ୍ୱାସ ତଥା ଈଶ୍ୱରଙ୍କ ଉପରେ ଅଗାଧ ଭରସା) ସମ୍ପର୍କରେ ଏକ ଘଟଣା ମିଳେ। ବରାହିନେ ଅହମଦିୟାର ଛପା ହେବାରେ ବିଳମ୍ବ ହେବା ବିଷୟରେ, କପୁରଥଲା ରାଜ୍ୟର ଜଣେ ସମ୍ମାନସ୍ପଦ କର୍ମଚାରୀ ହାଜି ମୁହମ୍ମଦ ୱଲିଉଲ୍ଲାଃ ସାହେବଙ୍କ ନାମରେ ଲେଖାଯାଇଥିବା ଏକ ପତ୍ରରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରିଛନ୍ତି ଯେ, ମହାଶୟ ! "ଆପଣ ଅ.ସଙ୍କ ପୂର୍ବ ପତ୍ରରେ ବହୁତ ଉତ୍ତାପ (ଉଷ୍ମତା) ଏବଂ ତିକ୍ତତା ଭରି ରହିଥିଲା । ଅର୍ଥାତ୍ ଯେତେବେଳେ ବରାହିନେ ଅହମଦିୟାର ପ୍ରକାଶନରେ ବିଳମ୍ବ ହେଲା ସେତେବେଳେ ସେ ପତ୍ର ଲେଖିଥିଲେ । ସେ ଏହାକୁ ଛାପିବା ପାଇଁ ପଇସା ଦେଇଥିଲେ । ଯେତେବେଳେ ତାହା ତାଙ୍କ ନିକଟରେ ପହଞ୍ଚିଲା ନାହିଁ ସେତେବେଳେ ଆପଣ ଅ.ସ ପ୍ରାମାଣ୍ୟ ଉଲ୍ଲେଖ କଲେ ଯେ, ମହାଶୟ ! ଆପଣଙ୍କର ପୂର୍ବ ପତ୍ରରେ ବହୁତ ଉତ୍ତାପ ଏବଂ ତିକ୍ତତା ଭରି ରହିଥିଲା, "ଏବଂ ଶବ୍ଦଗୁଡ଼ିକ ଏତେ କଠୋର ଏବଂ ଅପ୍ରୀତିକର ଥିଲା ଯେ, ସେଥିରୁ ସ୍ପଷ୍ଟ ଦୁର୍ଗନ୍ଧ ଜଣାପଡୁଥିଲା ଯେ, ଆପଣଙ୍କର ସନ୍ଦେହ ଚରମ ସୀମା ପର୍ଯ୍ୟନ୍ତ ଅର୍ଥାତ୍ ବିନାଶ ଏବଂ ଧ୍ୱଂସ ପର୍ଯ୍ୟନ୍ତ ପହଞ୍ଚି ଯାଇଛି ।"ଆପଣ ଅ.ସ ବହୁତ କ୍ରୋଧରେ ପତ୍ର ଲେଖିଥିଲେ ଏବଂ ଆପଣ ଅ.ସଙ୍କ ପତ୍ରରୁ ଏହି କ୍ରୋଧ ଚରମ ସୀମାରେ ଥିବାର ବୋଲି ଜଣାପଡୁଥିଲା । ଆପଣ ଅ.ସ କହିଲେ ଯେ, "ଯଦି ପୁସ୍ତକର କ୍ରୟ ବିକ୍ରୟର ସମ୍ପର୍କ ନଥାନ୍ତା ତେବେ କଦାପି ଆଶା କରାଯାଇନଥାନ୍ତା ଯେ ଆପଣଙ୍କ କଲମରୁ ଏପରି ଶବ୍ଦ ବାହାରିଥାନ୍ତା ।" ଆପଣ ପଇସା ଦେଇଥିଲେ, ସେଇଥିପାଇଁ ଆପଣ ଏପରି ଶବ୍ଦ ଲେଖିଲେ । ଆପଣ ଏହାକୁ ସହ୍ୟ କରିପାରିଲେ ନାହିଁ ଯେ କାହିଁକି ବିଳମ୍ବ ହେଉଛି । "ତେଣୁ ଏଥିରୁ ପ୍ରମାଣିତ ହେଲା ଯେ ଏପରି ହତଭାଗ୍ୟ ସମ୍ପର୍କ ଆପଣଙ୍କ ଭଳି ବୟସ୍କ ବ୍ୟକ୍ତିଙ୍କ ମନକୁ ଅସ୍ଥିର କରି ପକାଇଛି" ଅର୍ଥାତ୍ ଚିନ୍ତିତ କରିଦେଇଛି ଏବଂ ଏପର୍ଯ୍ୟନ୍ତ ଜଣାପଡୁନାହିଁ ଯେ, ଏହି ଅସ୍ଥିରତା ଏବଂ ମାନସିକ ବ୍ୟାକୁଳତା କେଉଁ ପର୍ଯ୍ୟନ୍ତ ଯିବ । ଅର୍ଥାତ୍ କେତେଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇବ ? ଏହି ବିନୀତର ଅବସ୍ଥା ଏପରି ଅଟେ ଯେ, ଏହି ସମସ୍ତ ବ୍ୟାପାର ପରମ ପବିତ୍ର ଅଲ୍ଲାଃଙ୍କ ସତ୍ତା ବ୍ୟତୀତ ଅନ୍ୟ କାହା ଭରସାରେ ନାହିଁ ।" ଅଲ୍ଲାଃତାଲାଙ୍କ ଉପରେ ଭରସା ଅଛି ତ' ଏହି କାର୍ଯ୍ୟ ଚାଲିଛି **ଇନ୍‌ଶାଅଲ୍ଲାଃ** ପୂର୍ଣ୍ଣ ହୋଇଯିବ । କିନ୍ତୁ କିଛି ବାଧା ବିଘ୍ନ ରାସ୍ତାରେ ଆସେ। ସେଥିରେ କୌଣସି ଜୋର୍ (ଶକ୍ତି ଓ ସାମର୍ଥ୍ୟ) ନାହିଁ, ମୁଁ ତାହା ସମ୍ପାଦନ କରିପାରିବି ନାହିଁ । ତେଣୁ ଆପଣ ଯେଉଁ ଏତେ ଅଧୈର୍ଯ୍ୟତା ଦେଖାଉଛନ୍ତି ତାହା ଦୁନିଆକୁ ମଧ୍ୟ ଦେଖାଇବା ଉଚିତ୍ । ସେ ଯାହା ହେଉ ଆପଣ ଅ.ସ କହିଲେ ଯେ, "ତେଣୁ ଏହି ପରିସ୍ଥିତିରେ ଏହା ହିଁ ଉଚିତ୍ ହେବ ଯେ, ବିକ୍ରୟ ଚୁକ୍ତିକୁ ରଦ୍ଦ କରି ଦିଆଯାଉ ଏବଂ ପ୍ରେରିତ ମୂଲ୍ୟ ଫେରସ୍ତ କରିଦିଆଯାଉ" ଅର୍ଥାତ୍ କ୍ରୟ ବିକ୍ରୟର ଚୁକ୍ତିକୁ ସମାପ୍ତ କରି ଦିଅନ୍ତୁ ଏବଂ ପଠାଯାଇଥିବା ଅର୍ଥ ଫେରସ୍ତ ନେଇ ଯାଆନ୍ତୁ । ଆପଣଙ୍କୁ ଏତେ ଚିନ୍ତା ଅଛି ଏବଂ ଏହି ଧାରଣା ରହିଛି ଯେ ମୁଁ ବୋଧହୁଏ ଆପଣଙ୍କ ଅର୍ଥ ହଜମ କରିଦେଇଛି (ଅର୍ଥ ଚଳୁ କରିଦେଇଛି) । ତେଣୁ ଆପଣଙ୍କ ମନକୁ ଶାନ୍ତି ଏବଂ ଆରାମ ପ୍ରଦାନ କରାଯାଉ।" ଆପଣ ଏହି ଅର୍ଥକୁ ନେଇଗଲେ ବୋଧହୁଏ ଆପଣଙ୍କ ମନ ଶାନ୍ତ ହୋଇଯିବ ଏବଂ କ୍ରୋଧ ମଧ୍ୟ ପ୍ରଶମିତ ହୋଇଯିବ ।" କାରଣ ଏହି ସମସ୍ତ ଉତ୍ତେଜନାର ଏହା ବ୍ୟତୀତ ଅନ୍ୟ କୌଣସି କାରଣ ନଜରକୁ ଆସୁ ନାହିଁ ଯେ, କିଛି ଟଙ୍କାର ବିଚ୍ଛେଦ ଯାହା ଯେକୌଣସି ପ୍ରକାରେ ଅଲଗା ହେବାକୁ ଯାଉଛି ତାହା ଆପଣଙ୍କ ମନକୁ ସନ୍ଦେହ, ଦୁଃଖ, ଚିନ୍ତା ଏବଂ ଆଶ୍ଚର୍ଯ୍ୟରେ ପକାଇ ଦେଇଛି । ତେଣୁ ଏହି ଦୃଷ୍ଟିରୁ ଏହି ପତ୍ର ପଠାଯାଉଛି ଯେ ଯଦି ଏହି କଠୋର ଏବଂ ଅଯୋଗ୍ୟ ଶବ୍ଦଗୁଡ଼ିକର କାରଣ ଏହା ହିଁ ଅଟେ ଯାହା ମୁଁ ବୁଝିଛି । ତେବେ ଆପଣ ମୋତେ ମୂଲ୍ୟ ପାଇଁ ଜଣାନ୍ତୁ ଯାହାଦ୍ୱାରାକି ଆପଣଙ୍କ ପ୍ରେରିତ ମୂଲ୍ୟ ଫେରସ୍ତ କରି ସେହି ନିବାରଣ କରାଯାଇପାରିବ ଯେଉଁଥିରେ ଜିହ୍ୱାକୁ ନିୟନ୍ତ୍ରଣ କରିବା" ଅର୍ଥାତ୍ ପାଟିକୁ ରୋକିବା ଯେପରି ଆପଣ କଥା କହୁଛନ୍ତି ତାହାକୁ ସମାପ୍ତ କରାଯାଉ ।" ଦୂର କରିବାର ସୌଭାଗ୍ୟ ଯାହା ବିଶ୍ୱାସକାରୀମାନଙ୍କର ସ୍ୱଭାବ ଅଟେ ତାହା ଆପଣଙ୍କୁ ପ୍ରାପ୍ତ ହେଉ ।" ଅର୍ଥାତ୍ ଯେପରି ଆପଣ କଥାବାର୍ତ୍ତା କରୁଛନ୍ତି ତାହାକୁ ରୋକାଯାଉ ଏବଂ ବିଶ୍ୱାସକାରୀମାନଙ୍କର ସୌଭାଗ୍ୟ ଏହା ହିଁ ଯେ, ସେମାନେ ଏପରି କଥାବାର୍ତ୍ତା କରନ୍ତି ନାହିଁ । ତେଣୁ ଯଦି ଏହି କାରଣରୁ ଅର୍ଥାତ୍ ଟଙ୍କା ଫେରସ୍ତ କରିବା ଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ହୁଏ ତେବେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦ୍ୱାରା ଆପଣ ବିଶ୍ୱାସକାରୀମାନଙ୍କର ଆଚରଣ ଗ୍ରହଣ କରିବେ । ସୁତରାଂ ମୁଁ ଆପଣଙ୍କୁ ଆପଣଙ୍କ ଟଙ୍କା ଫେରସ୍ତ କରୁଛି । ଆପଣ କହିଲେ, "ଯଦି ଆପଣ '**ସୁର୍ମା ଚଶମା ଆର୍ଯ୍ୟ**' ପତ୍ରିକା ଦେଖିଥାଆନ୍ତେ ତେବେ ଆପଣ ଜାଣିପାରିଥାଆନ୍ତେ ଯେ, ଏହି ବିନୀତ ବ୍ୟକ୍ତି ପୂର୍ବରୁ ହିଁ ଘୋଷଣା କରିସାରିଛି ଯେ ଯଦି କେହି ବରାହିନର ଛାପା ହେବାରେ ବିଳମ୍ବ ହେବାରୁ ଅସନ୍ତୁଷ୍ଟ ହୁଏ ଏବଂ ନିଜର ମୂଲ୍ୟ ଫେରି ପାଇବାକୁ ଚାହେଁ ତେବେ ସେ ମୋତେ ଜଣାଉ । ଅତଏବ୍ ସମସ୍ତ କ୍ରେତାଙ୍କ ମୂଲ୍ୟ ଫେରସ୍ତ କରାଯିବ ।" ମୁଁ ପୂର୍ବରୁ ହିଁ ଘୋଷଣା କରିସାରିଛି ଯେ, ମୁଁ '**ସୁର୍ମା ଚଶମା ଆର୍ଯ୍ୟ**' ପୁସ୍ତକ ଗ୍ରନ୍ଥ ଖଣ୍ଡିକ ଲେଖୁଛି । ସେହି କାରଣରୁ ବରାହିନେ ଅହମଦିୟାର ପ୍ରକାଶନରେ ବିଳମ୍ବ ହୋଇପାରେ, ତେଣୁ ଯଦି କାହାର ଜଲ୍‌ଦୀ ଅଛି ଏବଂ ସେ ଟଙ୍କା ଫେରି ପାଇବାକୁ ଚାହୁଁଛି ତେବେ ସେ ଟଙ୍କା ନେଇନେଉ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ, "ଆପଣଙ୍କ ଆଗରେ ଏହା ସ୍ପଷ୍ଟ ହେବା ଉଚିତ୍ ଯେ, ଯେଉଁ ଲୋକମାନେ ମନରେ କୁଧାରଣା ପୋଷଣ କରନ୍ତି ଏବଂ ପାଟିରୁ ଅପଶବ୍ଦ ବାହାର କରନ୍ତି ସେମାନେ ମୋର କୌଣସି କ୍ଷତି କରିପାରିବେ ନାହିଁ । ସେମାନେ ନିଜେ କୁଧାରଣା କରି خَسِرَ الدُّنْيَا وَالْاٰخِرَةَ ଅର୍ଥାତ୍ ଇହକାଳ ଏବଂ ପରକାଳ ଉଭୟ ହରାଇବାର ପାତ୍ର ହୋଇଯାଆନ୍ତି । ଏହି ସମସ୍ତ ବ୍ୟାପାର ପରମ

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ପବିତ୍ର ଅଲ୍ଲାଃଙ୍କ ପକ୍ଷରୁ ହିଁ ଅଟେ ଏବଂ ସେ ହିଁ ଏହାକୁ ଭଲ ଭାବରେ ପୂର୍ଣ୍ଣ କରିବେ।" ମୋତେ ଲୋକମାନଙ୍କର ଟଙ୍କାର ଆବଶ୍ୟକତା ନାହିଁ । ଏହା ଅଲ୍ଲାଃତାଲାଙ୍କ କାର୍ଯ୍ୟ ଅଟେ । ମୋର ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଅଛି ଯେ, ସେ ହିଁ ଏହାକୁ ପୂର୍ଣ୍ଣ କରିବେ। "ଯଦି ସମସ୍ତ ମାନବଜାତି ନିଜ ମନରେ ସେହିପରି ଚିନ୍ତାଧାରା ଆଣିବେ ଯାହା ଆଜି ଆପଣଙ୍କର ରହିଛି ତେବେ ମଧ୍ୟ ମୋର ଏକ କ୍ଷୁଦ୍ର ଅଂଶ ମଧ୍ୟ କ୍ଷତି ହୋଇପାରିବ ନାହିଁ। ଆମର ସେହି ଦୟାଳୁ ପ୍ରତିପାଳକ ଅଛନ୍ତି ଯିଏ ଅନ୍ଧକାର ଯୁଗରେ ମୋତେ ନିଯୁକ୍ତି ଦେଇଥିଲେ ସେ ମୋ ସହିତ ଅଛନ୍ତି ଏବଂ ସେ ହିଁ ଯଥେଷ୍ଟ ଅଟନ୍ତି ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲ୍ଲୀ ସାହେବ ଇର୍ଫାନୀ୍ଧ.ଅ ଏହି ପତ୍ର ସମ୍ପର୍କରେ ବର୍ଣ୍ଣନା କରନ୍ତି ଯେ, "ଏହି ପତ୍ରରୁ ଆପଣ ଅ.ସଙ୍କର ଅଲ୍ଲାଃଙ୍କ ଉପରେ ବିଶ୍ୱାସର ପରିଚୟ ମଧ୍ୟ ମିଳେ । ସେଇଥିପାଇଁ ଅଲ୍ଲାଃତାଲାଙ୍କ ଐଶୀବାଣୀ ଆପଣ ଅ.ସଙ୍କର ନାମ 'ମୁତୱକ୍କିଲ୍' ମଧ୍ୟ ରଖିଥିଲା । ସଂକ୍ଷେପରେ କହିବାକୁ ଗଲେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ ଅ.ସଙ୍କ ପବିତ୍ର ଜୀବନୀର ଏହି ପତ୍ର ଏକ ଦର୍ପଣ ସଦୃଶ ଅଟେ।" **(ମକ୍ତୁବାତେ ଅହମଦ୍, ଗ୍ରନ୍ଥଖଣ୍ଡ--1, ପୃ-399-400, ପତ୍ର ସଂଖ୍ୟା-5, ହାଜି ମୁହମ୍ମଦ ୱଲିଉଲ୍ଲାଃ ସାହେବଙ୍କ ନାମରେ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଦୁଆ (ପ୍ରାର୍ଥନା) ଏବଂ ତୱକ୍କୁଲ୍ (ଭରସା ବା ବିଶ୍ୱାସ) ସମ୍ପର୍କରେ ଆପଣ ଅ.ସ କହିଲେ, "ସମସ୍ତ ସମସ୍ୟାର ସମାଧାନ ଦୁଆ ମାଧ୍ୟମରେ ହିଁ ହୋଇଥାଏ । ମୋ ହାତରେ ଯଦି କାହାର ମଙ୍ଗଳ ଓ ପୁଣ୍ୟ କରିବାର ଅଛି ତେବେ କ'ଣ ଅଛି ? କେବଳ ଦୁଆ ହିଁ ଏକାମାତ୍ର ଅସ୍ତ୍ର ଯାହା ଈଶ୍ୱର ଆମମାନଙ୍କୁ ଦେଇଛନ୍ତି । କ'ଣ ବନ୍ଧୁ ପାଇଁ ଏବଂ କ'ଣ ଶତ୍ରୁ ପାଇଁ, ଆମେ କଳାକୁ ଧଳା ଏବଂ ଧଳାକୁ କଳା କରିପାରିବୁ ନାହିଁ ? ଆମ ଆୟତ୍ତରେ ଏକ କ୍ଷୁଦ୍ର ଅଂଶ ମଧ୍ୟ ନାହିଁ । କିନ୍ତୁ ଈଶ୍ୱର ଆମକୁ ନିଜ କୃପାରୁ ଯାହା ପ୍ରଦାନ କରନ୍ତି ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, କହିଲେ, "ମଣିଷକୁ ସମସ୍ୟା ସମୟରେ ଯଦିଓ ବ୍ୟାକୁଳତା ତ' ହୋଇଥାଏ, କିନ୍ତୁ ଏହା ଉଚିତ୍ ଯେ, ସେ ତୱକ୍କୁଲ୍ (ଭରସା)କୁ କେବେ ବି ହାତରୁ ଛାଡ଼ିବ ନାହିଁ । ଏପରି ବ୍ୟାକୁଳତା ଆସିବା ତ' ମାନବୀୟ ନୈତିକତା ଏବଂ ସ୍ତରର ପରିପୂର୍ଣ୍ଣତା ପାଇଁ ଆବଶ୍ୟକ ଅଟେ । କିନ୍ତୁ ମଣିଷ ପକ୍ଷେ ଉଚିତ୍ ଯେ, ସେ ନିରାଶାକୁ ପାଖକୁ ଆସିବାକୁ ଦେବ ନାହିଁ ।" ବ୍ୟାକୁଳତା ତ' ହୋଇଥାଏ, ଭୟ ଥାଏ ଯେ, ଶୀଘ୍ର କାମ ହୋଇଯାଉ । କିନ୍ତୁ ମଣିଷ ନିରାଶ ହୋଇଯିବ, ଅଲ୍ଲାଃଙ୍କ ଉପରେ ଭରସା କରିବା ଛାଡ଼ିଦେବ ଏହା ହେବା ଉଚିତ୍ ନୁହେଁ । "କାରଣ ନିରାଶା ତ' ଅବିଶ୍ୱାସକାରୀମାନଙ୍କର ଗୁଣ ଅଟେ । ମଣିଷକୁ ବିଭିନ୍ନ ପ୍ରକାରର ଚିନ୍ତା ବ୍ୟାକୁଳତାର ସନ୍ଦେହ ପକାଇଥାଏ । କିନ୍ତୁ ଈଶ୍ୱରବିଶ୍ୱାସ (ଇମାନ୍) ଏହି ସନ୍ଦେହଗୁଡ଼ିକୁ ଦୂର କରିଦେଇଥାଏ । ମାନବୀୟ ପ୍ରକୃତି ବ୍ୟାକୁଳତା କିଣିଥାଏ ଏବଂ ବିଶ୍ୱାସ ତାହାକୁ ଦୂର କରିଥାଏ ।

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ--4, ପୃ-271-272, ସଂସ୍କରଣ ବର୍ଷ-2022 ମସିହା)

ଅର୍ଥାତ୍ ମଣିଷର ପ୍ରକୃତି ହେତୁ ଅସ୍ଥିରତା ତ' ହୋଇଥାଏ । କିନ୍ତୁ ବିଶ୍ୱାସ ଯଦି ପୂର୍ଣ୍ଣ ଥାଏ ତେବେ ବ୍ୟାକୁଳତା ଦୂର ହୋଇଯାଇଥାଏ । ସଫଳତା ଉପରେ ବିଶ୍ୱାସ ଥାଏ। ମାନବୀୟ ଚାହିଦା ଯାହା ଅଛି ତଦ୍ଦ୍ୱାରା ବ୍ୟାକୁଳତା ସୃଷ୍ଟି ହୋଇଥାଏ । କିନ୍ତୁ ବିଶ୍ୱାସ ଯଦି ସମ୍ପୂର୍ଣ୍ଣ ଥାଏ ତେବେ ତାହାକୁ ଦୂର କରିଦେଇଥାଏ । ଦୁଆ ଆଡ଼କୁ ଧ୍ୟାନ ଆକର୍ଷଣ କରି ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ତଥା ଭରସା ସୃଷ୍ଟି କରିବା ସଂପର୍କରେ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି, "ନିଜର ସୁଧାର ପାଇଁ ଏବଂ ଶେଷ ସମୟ ମଙ୍ଗଳମୟ ହେବା ପାଇଁ ସତକାର୍ଯ୍ୟ କରିବାର ଶକ୍ତି ପ୍ରାପ୍ତ କରିବା ପାଇଁ ଦ୍ୱିତୀୟ ଦିଗ (ପାର୍ଶ୍ୱ ବା ପକ୍ଷ) ହେଉଛି ଦୁଆ । ତହିଁରେ ଯେତିକି ଭରସା ଏବଂ ବିଶ୍ୱାସ ଅଲ୍ଲାଃତାଲାଙ୍କ ଉପରେ କରିବ ଏବଂ ଏହି ମାର୍ଗରେ କ୍ଲାନ୍ତ ନହେବା ଭଳି ପାଦ ରଖିବ ସେତିକି ଉତ୍ତମ ପରିଣାମ ଏବଂ ଫଳ ମିଳିବ । ସମସ୍ତ ସମସ୍ୟା ଦୂର ହୋଇଯିବ ଏବଂ ଦୁଆ କରୁଥିବା ବ୍ୟକ୍ତି ଧର୍ମପରାୟଣତାର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିଯିବ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ--7, ପୃ-51, ସଂସ୍କରଣ ବର୍ଷ-2022 ମସିହା)

ଆପଣ ଅ.ସଙ୍କର ତୱକ୍କୁଲ୍‌ର ଦିଗକୁ ବର୍ଣ୍ଣନା କରି ଆପଣଙ୍କ ଜୀବନୀ ଲେଖକ ହ. ଶେଖ୍ ୟାକୁବ ଅଲୀ ସାହେବ ଇର୍ଫାନୀ ର.ଅ ଉଲ୍ଲେଖ କରନ୍ତି ଯେ, "ମକଦ୍ଦମା ପ୍ରସ୍ତୁତିରେ ପୂର୍ଣ୍ଣ ପରିଶ୍ରମ ଏବଂ ଚେଷ୍ଟା କରୁଥିବା ସତ୍ତ୍ୱେ ଆପଣ ଅ.ସ ସେହି ସାଧନଗୁଡ଼ିକ ଉପରେ କେବେ ବି ଭରସା କରୁନଥିଲେ । ବରଂ ଦୁଆ ଦ୍ୱାରା କାମ ନେଉଥିଲେ ଏବଂ ସର୍ବଦା ଈଶ୍ୱରଙ୍କ ସତ୍ତା ହିଁ ଆପଣ ଅ.ଙ୍କ ଦୃଷ୍ଟିଗୋଚରରେ ରହୁଥିଲା । ସେ ହିଁ ଉପାସ୍ୟ ଏବଂ ଲକ୍ଷ୍ୟ ଥିଲେ ଏବଂ ତାହାଙ୍କ ଉପରେ ହିଁ ତୱକ୍କୁଲ୍ ଓ ବିଶ୍ୱାସ ଥିଲା ।"

(ହୟେତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-3, ପୃ-317)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଇତିହାସରେ ଏକ ଘଟଣା ଆସିଛି ଯେ, ଜଣେ ବୟସ୍କ ହିନ୍ଦୁ, ଯିଏ ହ. ଅକଦସ୍ ଅ.ସଙ୍କ ପିତାଶ୍ରୀଙ୍କ ବନ୍ଧୁ ଥିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହେବା ସମୟରେ କାଦିୟାନ୍ ଆସିଥିଲେ ଏବଂ ସେ ଆପଣ ଅ.ସଙ୍କ ପରିସ୍ଥିତି ଓ ତୱକ୍କୁଲ୍‌ର ଘଟଣା ବର୍ଣ୍ଣନା କରିଥିଲେ । ଅର୍ଥାତ୍ ସେ ଏହି ଘଟଣା ବର୍ଣ୍ଣନା କଲେ ଯେ, "ମୁଁ ତାଙ୍କ ଜନ୍ମ ସମୟର ପୂର୍ବରୁ ଅଛି ଏବଂ ମୁଁ ତାଙ୍କୁ କୋଳରେ ଖୁଆଇଛି ।" ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ ମୁଁ ଖୁଆଇଛି । ଯେବେଠାରୁ ସେ ହୋସ୍ ସମ୍ଭାଳିଛନ୍ତି, ବହୁତ ହିଁ ପୁଣ୍ୟବାନ୍ ଓ ସାଧୁ ରହିଛନ୍ତି ।" ଆପଣ ଅ.ସଙ୍କ ପ୍ରଶଂସା କରି କୁହନ୍ତି, ଏହି ହିନ୍ଦୁମାନେ କହୁଛନ୍ତି ଯେ, "ସଂସାରର କୌଣସି କାର୍ଯ୍ୟରେ ଆପଣ ଅ.ସ ଲାଗି ନାହାନ୍ତି। ପିଲାମାନଙ୍କ ପରି ଖେଳକୁଦରେ ମନୋନିବେଶ କରି ନାହାନ୍ତି । ଦୁଷ୍ଟାମୀ, ହିଂସା, ମିଛ, ଗାଳି କେବେ ବି ତାଙ୍କ ଠାରେ ନଥିଲା । ମୁଁ ଏବଂ ମୋର ସମବୟସ୍କମାନେ ତାଙ୍କୁ (ମସିହ୍ ମଉଦ୍ ଅ.ସଙ୍କୁ) ଅଳସୁଆ, ସରଳ ଏବଂ ନିର୍ବୁଦ୍ଧିଆ ବୋଲି ଭାବୁଥିଲୁ ଯେ, ଏ କିପରି ସଂସାର ଗଢ଼ିବ ।" ମୋ ହାତରେ ତ' ଏ ପାଳିତ ହୋଇଛନ୍ତି । ହ. ମସିହ୍ ମଉଦ୍ ଅ.ସଙ୍କ ବିଷୟରେ ଏହି ହିନ୍ଦୁ କହୁଛନ୍ତି, କିନ୍ତୁ କିପରି ଜୀବନ ବିତାଇବେ ? "ଅଲଗା ଘରେ ରହିବା ବ୍ୟତୀତ ଆଉ କିଛି କାମ ହିଁ ନଥିଲା । ନା କାହାକୁ ଆପଣ ଅ.ସ ମାରିଛନ୍ତି ଓ ନା ହିଁ ନିଜେ ମାଡ଼ ଖାଇଛନ୍ତି ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ମଧ୍ୟ ତ' ଯୁବକମାନଙ୍କର ଏକ ଅଭ୍ୟାସ ହୋଇଥାଏ । ଝଗଡ଼ା ମଧ୍ୟ ହୁଏ, ବାହାରକୁ ଯାଆନ୍ତି, ଅନ୍ୟକୁ ମାଡ଼ ମାରନ୍ତି ଏବି ନିଜେ ମଧ୍ୟ ମାଡ଼ ମଧ୍ୟ ଖାଆନ୍ତି । ପୁନଶ୍ଚ ପରିପକ୍ୱ ହୋଇଯାଆନ୍ତି । ଏହା ସେ କିଛି ହେଲେ ଶିଖି ନାହାଁନ୍ତି ତେବେ ସେ କରିବେ କ'ଣ ? ଏହା ସେମାନେ ପାର୍ଥିବ ଅର୍ଥାତ୍ ସାଂସାରିକ ଦୃଷ୍ଟିକୋଣରୁ ଦେଖୁଥିଲେ । ପୁନଶ୍ଚ ସେ କୁହନ୍ତି, "ଆପଣ ଅ.ସ ନା କାହାକୁ ଖରାପ କଥା କହିଛନ୍ତି ଓ ନା ନିଜକୁ ଖରାପ କୁହାଇଛନ୍ତି । ଏକ ଅଦ୍ଭୁତ ପବିତ୍ର ଜୀବନ ଥିଲା । କିନ୍ତୁ ଆମ ଦୃଷ୍ଟିରେ ଭଲ ନଥିଲା ।" ଯଦିଓ ଧାର୍ମିକ ଦୃଷ୍ଟିକୋଣରୁ ଦେଖାଯାଏ ତେବେ ବହୁତ ପବିତ୍ର ଜୀବନ ଥିଲା କିନ୍ତୁ ଆମ ସାଂସାରିକ ଲୋକମାନଙ୍କ ଦୃଷ୍ଟିରେ ତାହା ଭଲ ଜୀବନ ନଥିଲା । ଏହି ହିନ୍ଦୁ କହୁଛନ୍ତି । "ନା କୁଆଡ଼େ ଯିବା ଆସିବା, ନା କାହା ସହିତ ସାଧାରଣ କଥା ବ୍ୟତୀତ ଅନ୍ୟ କଥା ହେବା । ଯଦି ଆମେ କେବେ କିଛି କଥା କହିଲୁ ଯେ, ମିଆଁ, ସଂସାରରେ କ'ଣ ହେଉଛି, ତୁମେ ମଧ୍ୟ ସେପରି ରୁହ, କିଛି ନୁହେଁ ତ' ଖେଳ ତାମସା ଛଳରେ ହିଁ ବାହାରକୁ ଆସ । ଅତଏବ୍ ଆପଣ ଅ.ସ କିଛି ନକହି ହସି ଦେଇ ଚୁପ୍ ରହୁଥିଲେ । ତୁମେ ବୁଦ୍ଧି ଶିଖ । ଖାଅ ରୋଜଗାର କର, କିଛି ତ' କର ।" ଆମେ ଏହା କହୁଥିଲୁ । "ଏହା ଶୁଣି ଆପଣ ଅ.ସ ନୀରବ ରହୁଥିଲେ । ଆପଣ ଅ.ସଙ୍କ ପିତା ମୋତେ କହୁଥିଲେ, ୱାର୍ଡମେମ୍ବର ! ଯାଅ, ଗୁଲାମ୍ ଅହମଦଙ୍କୁ ଡାକିଆଣ । ତାଙ୍କୁ କିଛି ବୁଝାଇଦେବା । ମୁଁ ଯାଉଥିଲି, ଡାକି ଆଣୁଥିଲି । ପିତାଙ୍କ ଆଜ୍ଞା ଶୁଣି ସେହି ସମୟରେ ଆସିଯାଉଥିଲେ ଏବଂ ନୀରବତାର ସହିତ ବସି ଯାଉଥିଲେ ଓ ନିମ୍ନ ଦୃଷ୍ଟି ରଖୁଥିଲେ। ଆପଣ ଅ.ସଙ୍କ ପିତା କୁହନ୍ତି, ପୁତ୍ର ଗୁଲାମ୍ ଅହମଦ ! ମୋତେ ତୁମର ବହୁତ ଚିନ୍ତା ଏବଂ ଭୟ ରହୁଛି । ତୁମେ କ'ଣ କରି ଖାଇବ? ଏପରି ଜୀବନ କେତେ ଦିନ ପର୍ଯ୍ୟନ୍ତ ବିତାଇବ? ତୁମେ ଚାକିରି କର । କେତେଦିନ ବୋହୂ ହୋଇ ଘରେ ରହିବ ? ଖାଇବା ପିଇବାର ଚିନ୍ତା କରିବା ଦରକାର । ଦେଖ ! ଦୁନିଆ ରୋଜଗାର କରୁଛି, ଖାଉଛି, ପିଉଛି, କାମଧନ୍ଦା କରୁଛି । ତୁମର ବିବାହ ହେବ, ସ୍ତ୍ରୀ ଆସିବ, ପିଲାଛୁଆ ହେବେ । ସେମାନେ ଖାଇବା ଓ ପିଇବା ପିନ୍ଧିବା ପାଇଁ ଦାବି କରିବେ । ସେମାନଙ୍କର ଦେଖାଶୁଣା ତୁମ ଦାୟିତ୍ୱରେ ହେବ ।" ସେମାନଙ୍କୁ ସମ୍ଭାଳିବାର ଦାୟିତ୍ୱ ତୁମର ହେବ । ଏହି ଅବସ୍ଥାରେ ତ' ତୁମର ବିବାହ କରିବାକୁ ମୋତେ ଭୟ ଲାଗୁଛି । ଟିକେ ସଚେତନ ହୁଅ । ଏହି ଅବହେଳା ଏବଂ ସରଳତାକୁ ଛାଡ଼ିଦିଅ । ମୁଁ କେତେ ଦିନ ଆଉ ବସି ରହିବି ? ବଡ଼ ବଡ଼ ଇଂରେଜ ଅଫିସର, ଶାସକମାନଙ୍କ ସହିତ ମୋର ସାକ୍ଷାତ୍ ଅଛି । ସେମାନେ ମୋ ପ୍ରତି ସମ୍ମାନ ଜଣାନ୍ତି । ମୁଁ ତୁମକୁ ଚିଠି ଲେଖି ଦେଉଛି ତୁମେ ପ୍ରସ୍ତୁତ ହୋଇଯାଅ କିମ୍ବା କହିଲେ ମୁଁ ନିଜେ ଯାଇ ତୁମ ପାଇଁ ସୁପାରିଶ କରିବି । ତେବେ ମିର୍ଜା ଗୁଲାମ୍ ଅହମଦ ସାହେବ ଅ.ସ କୌଣସି ଉତ୍ତର ଦେଉ ନଥିଲେ ।" ଅର୍ଥାତ୍ ଆପଣ ଅ.,ଙ୍କ ପିତାଶ୍ରୀ ବାରମ୍ବାର ଏହିପରି କହୁଥିଲେ । ଶେଷରେ ଯଦି ଉତ୍ତର ଦେଉଥିଲେ ତେବେ ଏହା ହିଁ ଦେଉଥିଲେ ଯେ, "ପିତାଶ୍ରୀ ! ଆପଣ କୁହନ୍ତୁ ତ' ଯିଏ ଅଫିସରମାନଙ୍କ ଅଫିସର ଅଟନ୍ତି ଏବଂ ସକଳ ସାମ୍ରାଜ୍ୟର ମାଲିକ ଅଟନ୍ତି ତଥା ବିଚାରପତିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିଚାରକ (ମାଲିକୁଲ୍ ମୁଲକ୍, ଅହକାମୁଲ୍ ହାକିମୀନ୍) ତାହାଙ୍କର ଯିଏ ଚାକର ହୋଇଛି ଏବଂ ନିଜ ପ୍ରଭୁଙ୍କର ଆଜ୍ଞାକାରୀ ହୋଇଛି, ତାକୁ ଅନ୍ୟ କାହାର ଚାକିରିର କ'ଣ ବା ଭୁକ୍ଷେପ ରହିଛି ? ବାକି ରହିଲା ଅନ୍ୟ କଥା ଯେ, ମୁଁ ଆପଣଙ୍କ ଆଜ୍ଞା ବହିର୍ଭୂତ ମଧ୍ୟ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନୁହେଁ ।" ଆପଣ କହୁଛନ୍ତି ଚାକିରି କରିବାକୁ ତେବେ ମୁଁ ଚାକିରି କରିନେଉଛି ।" ମିର୍ଜା ଗୁଲାମ୍ ମୁର୍ତ୍ତଜା ସାହେବ ଏହି ଉତ୍ତର ଶୁଣି ନୀରବ ହୋଇ ଯାଉଥିଲେ ଏବଂ କହୁଥିଲେ, ହଉ ପୁଅ, ଯାଅ ନିଜ ଏକାନ୍ତ କୋଠରୀ ସମ୍ଭାଳ । ଯେତେବେଳେ ଆପଣ ସ.ଅ ଚାଲିଯାଉଥିଲେ (ଏହି ହିନ୍ଦୁମାନେ କହୁଛନ୍ତି ଯେ)ସେତେବେଳେ ହ. ମସିହ୍ ମଉଦ୍ ଅ.ସ ସେଠାରୁ ଚାଲି ଯାଉଥିଲେ । ଆପଣ ଅ.ସ ଯେତେବେଳେ ଯୌବନ ବୟସରେ ଥିଲେ ସେତେବେଳେ ଆପଣ ଅ.ସଙ୍କ ପିତା ଆମକୁ କହୁଥିଲେ ଯେ, ଏହି ମୋର ପୁଅ ମୁଲ୍ଲା (ପୁରୋହିତ) ହିଁ ରହିବ । ମୁଁ ତା' ପାଇଁ କୌଣସି ମସ୍ଜିଦ୍ ହିଁ ଖୋଜିଦେବି ଯଦ୍ଦ୍ୱାରାକି ଦଶ କୋଡ଼ିଏ ଗହୁଣି ଶସ୍ୟ ହିଁ ଆଣିପାରିବ । କିନ୍ତୁ ମୁଁ କ'ଣ କରିବି ? ଏ ତ' ମୁଲ୍ଲାଗିରି କାମ ପାଇଁ ମଧ୍ୟ ଯୋଗ୍ୟ ନୁହେଁ । ଆମ ପରେ ଏ କିପରି ଜୀବନ ବିତାଇବ କେଜ୍ଜେଣି ? ଏ ତ' ଅଛି ଧାର୍ମିକ ଏବଂ ପବିତ୍ର । କିନ୍ତୁ ବର୍ତ୍ତମାନ ସମୟ ଏପରି ସାଧୁ ସରଳ ଲୋକଙ୍କର ନୁହେଁ । ଚାଲାକ ଲୋକଙ୍କର ସମୟ ଅଟେ । ପୁଣି ଆଖିରେ ଲୁହ ଆଣି ସେହି ହିନ୍ଦୁ ବ୍ୟକ୍ତି କହୁଥିଲା "ଯେଉଁ ପବିତ୍ର ଅବସ୍ଥା ଗୁଲାମ୍ ଅହମଦର ଅଛି ତାହା ଆମର କାହିଁ ? ଏହି ବ୍ୟକ୍ତି ପାର୍ଥିବ ଏବଂ ସଂସାରିକ ନୁହେଁ ବରଂ ଆକାଶୀୟ ଅଟେ । ଏ ମଣିଷ ନୁହେଁ ବରଂ ଦେବଦୂତ ଅଟେ । ଏହି କଥା କହି ସେହି ବୃଦ୍ଧ ହିନ୍ଦୁ ବ୍ୟକ୍ତି ଜଣକ ଲୋତକାପ୍ଲୁତ୍ ହୋଇଗଲେ । କାରଣ ସେ ଏହି ଘଟଣା ଶୁଣାଉଥିଲେ ସେ କାନ୍ଦିବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ମିର୍ଜା ଗୁଲାମ୍ ମୁର୍ତ୍ତଜା ସାହେବ ଯଦି ଜୀବିତ ଥାଆନ୍ତେ (ତାଙ୍କର ବନ୍ଧୁ ତ' ଏହି ହିନ୍ଦୁ, ପୁରୁଣା ବୃଦ୍ଧ, ବହୁତ ବୟସ୍କ ଥିଲେ, ସେ କହୁଛନ୍ତି ମିର୍ଜା ଗୁଲାମ୍ ମୁର୍ତ୍ତଜା ଅର୍ଥାତ୍ ମସିହ ମଉଦ୍ ଅ.ସଙ୍କ ପିତା ଯଦି ଜୀବିତ ଥାଆନ୍ତେ) ଏବଂ ତାଙ୍କର ଏହି ଉନ୍ନତି ଏବଂ ପ୍ରଗତି ଯଦି ଦେଖିଥାଆନ୍ତେ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ପିତା ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନର ଏହି ଯେଉଁ ଉନ୍ନତି ବର୍ତ୍ତମାନ ଯେପରି ରହିଛି ତାହା ଯଦି ଦେଖିଥାଆନ୍ତେ, "ଯେ ସଂସାରର ବୁଦ୍ଧିମାନ ଏବଂ ମୁଲ୍ଲା ମୌଲବୀମାନେ ତା(ଆପଣ ଅ.ସ)ଙ୍କ ଦୁଆରରେ ନିର୍ଭରଶୀଳ ଅଟନ୍ତି ଏବଂ ଈଶ୍ୱର ତାଙ୍କୁ ସେହି ସ୍ଥାନ ତଥା ସେହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଈଶ୍ୱର ନିଜର ସେହି ଶକ୍ତିର ଲୀଳା ଦେଖାଇଛନ୍ତି ଯେ, ସମସ୍ତଙ୍କ ବୁଦ୍ଧି ଏବଂ ଜ୍ଞାନ ତାଙ୍କ (ଆପଣ ଅ.ସଙ୍କ) ଆଗରେ ତୁଚ୍ଛ ଅଟେ ।" **(ତଜ୍କିରତୁଲ୍ ମେହଦୀ, ପୃ-300-302)**

"ଏବେ ଏହି ହିନ୍ଦୁ ସ୍ୱୀକାର କରୁଛନ୍ତି ଯେ, ଯଦି ଆଜି ସେ (ମିର୍ଜା ଗୁଲାମ୍ ମୁର୍ତ୍ତଜା) ଦେଖିଥାଆନ୍ତେ ତେବେ ତାଙ୍କୁ ଜଣାପଡ଼ିଥାଆନ୍ତା ଯେ, ଏହି ବ୍ୟକ୍ତି (ହ. ମସିହ୍ ମଉଦ୍ ଅ.ସ) ଯିଏ ଅଲ୍ଲାଃଙ୍କ ଉପରେ ଭରସା କରିଥିଲେ ଏବଂ ଅଲ୍ଲାଃଙ୍କ ସକାଶେ ସବୁକିଛି ତ୍ୟାଗ କରିଥିଲେ । ଆଜି ସାରା ଦୁନିଆ ତାଙ୍କ ଠାରୁ ଜ୍ଞାନ ଶିଖୁଛି ।" ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି "ଥରେ ମୋତେ ହଠାତ୍ ପଚାଶ ଟଙ୍କାର ଆବଶ୍ୟକତା ପଡ଼ିଲା ଏବଂ ଯେପରି ଆଧ୍ୟାତ୍ମିକ ଦରିଦ୍ର (ଫକୀର) ଏବଂ ତୱକ୍କୁଲ୍ (ଭରସା) କରୁଥିବା ଲୋକଙ୍କ ଉପରେ ବେଳେବେଳେ ଏପରି ଅବସ୍ଥା ଆସିଥାଏ ସେତେବେଳେ ଆମ ପାଖରେ କିଛି ନଥିଲା । ତେଣୁ ଯେତେବେଳେ ମୁଁ ସକାଳେ ବୁଲିବାକୁ ଗଲି ସେତେବେଳେ ସେହି ଆବଶ୍ୟକତାର ଚିନ୍ତା ମୋତେ ଏହି ପ୍ରେରଣା ଦେଲା ଯେ, ଏହି ଜଙ୍ଗଲରେ ପ୍ରାର୍ଥନା ମୁଁ (ଦୁଆ) କରିବି । ତେଣୁ ମୁଁ ଏକ ଗୁପ୍ତ ସ୍ଥାନକୁ ଯାଇ ସେହି ନାଳ କୂଳରେ ଦୁଆ କଲି ଯାହା କାଦିୟାନ୍‌ରୁ ତିନି ମାଇଲ୍ ଦୂରରେ ବଟାଲା ଆଡ଼କୁ ଅବସ୍ଥିତ ଅଟେ । ଯେତେବେଳେ ମୁଁ ଦୁଆ କରିସାରିଲି ଦୁଆ ସହିତ ହିଁ ଏକ ୱହୀ (ଐଶୀବାଣୀ) ପ୍ରକାଶ ପାଇଲା ଯାହାର ଅନୁବାଦ ଏହିପରି ଅଟେ ଯେ, 'ଦେଖ୍ ମୁଁ ତୋର ଦୁଆଗୁଡ଼ିକୁ କେତେ ଶୀଘ୍ର ସ୍ୱୀକାର କରୁଛି ।' ସେତେବେଳେ ମୁଁ ପ୍ରସନ୍ନ ହୋଇ କାଦିୟାନ୍ ଆଡ଼କୁ ଫେରିଆସିଲି ଏବଂ ବଜାର ଆଡ଼କୁ ଗଲି । କାରଣ ଡାକଘରେ ଯାଇ ପଚାରି ବୁଝିବି ।" ଉକ୍ତ କଥାଟି ମସିହ୍ ମଉଦ୍ ଅ.ସଙ୍କ ମସିହ୍ ମଉଦ୍ ଦାବି କରିବା ପୂର୍ବର କଥା ଅଟେ । "ଅର୍ଥାତ୍ ଆଜି ମୋ ନାମରେ କିଛି ଟଙ୍କା ଆସିଛି କି ନାହିଁ ?' ତଦନୁସାରେ ମୋତେ ଏକ ପତ୍ର ମିଳିଲା ଯେଉଁଥିରେ ଉଲ୍ଲେଖ ଥିଲା ଯେ, ଲୁଧିୟାନାରୁ କେହି ପଚାଶ ଟଙ୍କା ପଠାଇଛନ୍ତି ଏବଂ ସମ୍ଭବତଃ ସେହି ଟଙ୍କା ସେହି ଦିନ କିମ୍ବା ପରଦିନ ମୋତେ ମିଳିଗଲା ।"

(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ--18, ପୃ-612)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ,"ଜଣେ ଧନାଢ୍ୟ ବ୍ୟକ୍ତିଙ୍କର ଏହି ଧାରଣା ଶୁଣି ଯେ, ମୁସଲମାନମାନଙ୍କର ଏହି ବିଶ୍ୱାସ ରହିଛି ଯେ, ଦୁଆ ଦ୍ୱାରା ସମସ୍ୟା ସମାଧାନ ହୋଇଥାଏ। ଉକ୍ତ କଥା ସେମାନଙ୍କୁ ଅର୍ଥାତ ମୁସଲମାନମାନଙ୍କୁ ଅତ୍ୟନ୍ତ ଦୁର୍ବଳ କରିଦେଇଥାଏ ।" ଅର୍ଥାତ୍ ଏହି ବିଶ୍ୱାସ ଯେ, ଦୁଆ ସମସ୍ୟାର ସମାଧାନ ଅଟେ । ଉକ୍ତ କଥା ସେମାନଙ୍କୁ ଅର୍ଥାତ୍ ମୁସଲମାନମାନଙ୍କୁ କାର୍ଯ୍ୟ କରିବାରୁ ଅଟକାଇ ଦିଏ ଏବଂ ସେମାନେ ଏପରି ଲୋକ ଅଟନ୍ତି ଯେଉଁମାନେ କେବଳ ଦୁଆ ଆଡ଼କୁ ଧ୍ୟାନ ଦିଅନ୍ତି ଏବଂ ସାଧନଗୁଡ଼ିକୁ ବ୍ୟବହାର କରନ୍ତି ନାହିଁ, ଯାହା ଫଳରେ ସେମାନଙ୍କର ଅବସ୍ଥା ଦୁର୍ବଳ ହୋଇଯାଇଥାଏ । ଏହା ଶୁଣି ଆପଣ ଅ.ସ କହିଲେ, "ଯିଏ ଦୁଆକୁ ଅସ୍ୱୀକାର କରେ ସେ ଈଶ୍ୱରଙ୍କୁ ମଧ୍ୟ ଅସ୍ୱୀକାର କରେ । କେବଳ ଦୁଆ ହିଁ ଈଶ୍ୱରଙ୍କୁ ଚିହ୍ନିବାର ଏକାମତ୍ର ମାଧ୍ୟମ ଅଟେ । ବର୍ତ୍ତମାନ ସମୟ ଆସିଯାଇଛି ଯେ, ତାହାଙ୍କ ସତ୍ତାକୁ ସ୍ୱଇଚ୍ଛାରେ କିମ୍ବା ବାଧ୍ୟ ବାଧକତାରେ ମାନିବାକୁ ପଡ଼ିବ । ପ୍ରକୃତରେ ସବୁଠି ନାସ୍ତିକତା ଭର୍ତ୍ତି ହୋଇ ରହିଛି (ବ୍ୟାପିଯାଇଛି)। ଆଜିକାଲିର ସଭା ସମିତିଗୁଡ଼ିକର ଅବସ୍ଥା ଏପରି ରହିଛି ଯେ ଦୁଆ, ତୱକ୍କୁଲ୍ ଏବଂ **ଇନ୍‌ଶାଅଲ୍ଲାଃ** କହିବା ଯୋଗୁଁ ଲୋକେ ଉପହାସ କରନ୍ତି । ଏହିସବୁ କଥାଗୁଡ଼ିକୁ ମୂର୍ଖତା ବୋଲି କୁହାଯାଏ ।" ଆଜିକାଲି ଏହି ପରିସ୍ଥିତି ଆହୁରି ବୃଦ୍ଧି ପାଇଛି । "ଅନ୍ୟଥା ଯଦି ଈଶ୍ୱରଙ୍କ ପ୍ରତି ସେମାନଙ୍କ ମନରେ ତିଳେମାତ୍ରେ ପ୍ରେମ ଥାଆନ୍ତା ତେବେ ତାହାଙ୍କ (ଈଶ୍ୱରଙ୍କ) ନାମ ପ୍ରତି ସେମୋନେ କାହିଁକି ବିରକ୍ତ ହୁଅନ୍ତେ ? ଯାହାର ଯାହା ସହିତ ପ୍ରେମ ଥାଏ ସେ କୌଣସି ନା କୌଣସି ପ୍ରକାରେ ପ୍ରିୟଜନଙ୍କ ନାମ ହିଁ ନେଇଥଏ । ଯଦି ସେମାନଙ୍କ ଦୃଷ୍ଟିରେ ଈଶ୍ୱର କୌଣସି ଜିନିଷ ନୁହଁନ୍ତି ତେବେ ବର୍ତ୍ତମାନ ମୃତ୍ୟୁର ଦ୍ୱାର ଖୋଲା ଅଛି ତାହାକୁ ଟିକିଏ ବନ୍ଦ କରି ଦେଖାନ୍ତୁ । ଆଶ୍ଚର୍ଯ୍ୟର କଥା ଏହିକ ଯେ ଆମର ତାହାଙ୍କ ସତ୍ତା ଉପରେ ଯେତିକି ଆଶା ରହିଛି ସେତିକି ସେହି ଅନ୍ୟ ଦଳ ତାହାଙ୍କ ଠାରୁ ନିରାଶ ଅଟନ୍ତି।" ଅର୍ଥାତ୍ ଯେଉଁମାନେ ଈଶ୍ୱର ବିରୋଧୀ, ନାସ୍ତିକବାଦ ଲୋକ ଅଟନ୍ତି । ବାସ୍ତବରେ ଈଶ୍ୱରଙ୍କ ଅନୁଗ୍ରହ ତଥା ତାହାଙ୍କ କୃପାର ଆବଶ୍ୟକତା ରହିଛି । ଯଦି ସେ ହୃଦୟର କୋଲପ (ତାଲା) ନଖୋଲିବେ ତେବେ ଆଉ କିଏ ବା ଖୋଲିପାରିବ ? ସେ ଯଦି ଚାହିଁବେ ତେବେ ଜଣେ କୁକୁରକୁ ମଧ୍ୟ ବୁଦ୍ଧି ପ୍ରଦାନ କରି ପାରିବେ । କାରଣ ସେ (କୁକୁର) ତାହାଙ୍କ କଥା ବୁଝିନେବ ଏବଂ ଈଶ୍ୱର ମଣିଷକୁ ବଞ୍ଚିତ ମଧ୍ୟ ରଖିପାରିବେ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-169-170, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଠିକାଦାର ହ. ମିଆଁ ଅଲ୍ଲାଃ ୟାର ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ହ. ମସିହ୍ ମଉଦ୍ ଅ.ସ ମୋତେ ଡାକିଲେ ଏବଂ କହିଲେ, ମିଆଁ ଅଲ୍ଲାଃ ୟାରେ ସାହେବ ! ତୁମ ପାଖରେ କିଛି କାଠ ଅଛି କି ? ମୁଁ କହିଲି, ଆଜ୍ଞା ହୁଜୁର୍! କିଛି କୋଳି, କିକର (ବବୁଲ) ଏବଂ ପିପ୍ପଳ (ଅଶ୍ୱତ୍ଥ) କାଠ ଅଛି । ହୁଜୁର୍ ଅ.ସ କହିଲେ, ମେହ୍‌ମାନଖାନା (ଅତିଥିଶାଳା)ରେ କିଛି ଚାରପାଇ (ଖଟିଆ) ତିଆରି ହେବ ସେଥି ସକାଶେ ଆବଶ୍ୟକତା ଅଛି । ସେଗୁଡ଼ିକର ପାହୁଣ୍ଡ (ଖୁରା) ତିଆରି କରିବାର ଅଛି ଏବଂ ତେଣୁ କାଠ ଦରକାର ଅଛି । ମୁଁ କହିଲି, ପିପ୍ପଳ କାଠରେ ତିଆରି କରିଦେବା ଭଲ ହେବ। ଜଣେ ବ୍ୟକ୍ତି କହିବାକୁ ଲାଗିଲା ଯେ, ହୁଜୁର୍ ! ପିପ୍ପଳ କାଠ ତ' ଅତି ନିକୃଷ୍ଟ କାଠ ଅଟେ । ତା'ର ପାହୁଣ୍ଡଗୁଡ଼ିକ ଦୀର୍ଘସ୍ଥାୟୀ ରହିବ ନାହିଁ । ହୁଜୁର୍ ଅ.ସ କହିଲେ, "ଯାହା ପାଇଁ ତିଆରି ହେଉଛି ସେ ଗରିବ ନୁହଁନ୍ତି, ସେ ମହାନ ଧନବାନ୍ (ଗନୀ) ସତ୍ତା ଅଟନ୍ତି। ଅର୍ଥାତ୍ ଆମେମାନେ ଅଲ୍ଲାଃତାଲାଙ୍କ ସକାଶେ ଖଟ ତିଆରି କରୁଛୁ ତେବେ ଠିକ୍ ଅଛି । କିଛି ସମୟ ତ' ଚାଲିବ । ସେହି ସମୟର ପରିସ୍ଥିତି ଅନୁସାରେ ଏହା ହିଁ ଠିକ୍ ଅଟେ । ଆପଣ ଅ.ସ କହିଲେ, ପ୍ରଥମ ପୋଷାକ ଖରାପ ହେଲେ ସେ ନୂଆ ତିଆରି କରିଦିଅନ୍ତି । ସେଠାରେ କୌଣସି ଭୁକ୍ଷେପ ନାହିଁ । ମୋତେ କୋଡ଼ିଏଟି ଖଟ ତିଆରି କରିବାକୁ କହିଲେ। ହ. ମସିହ୍ ମଉଦ୍ ଅ.ସ ମୋତେ ଆଦେଶ ଦେଲେ ଯେ, କୋଡ଼ିଏଟି ଖଟ ତିଆରି କରି ଆଣ । ପ୍ରତ୍ୟେକ ଜିନିଷ କୌଣସି ନା କୌଣସି ଦିନ ତ' ଖରାପ ହେବ। କିନ୍ତୁ ଆପଣ ଅ.ସ ଅତ୍ୟନ୍ତ ତୱକ୍କୁଲ୍ (ଭରସା ଓ ଦୃଢ଼ ବିଶ୍ୱାସ)ର ସହିତ କହିଲେ, ଅଲ୍ଲାଃତାଲାଙ୍କ ସତ୍ତା ଦେଲାବାଲା (ପ୍ରଦାନକାରୀ) ଅଟନ୍ତି ଏବଂ ଖରାପ ହୋଇଗଲେ ପୁଣି ବ୍ୟବସ୍ଥା କରିଦେବେ । ସେ ଯାହାହେଉ ବର୍ତ୍ତମାନ ତ' ଏହି ଆବଶ୍ୟକତାକୁ ପୂରଣ କର । ହୁଜୁର୍ ଅ.ସ କହୁଛନ୍ତି ଯେ, ମୁଁ କୋଡ଼ିଏଟି ଖଟର ପାହୁଣ୍ଡ (ଗୋଡ଼) ଗୁଡ଼ିକର ଆଦେଶ ନେଇ ବାହାରୁଥିଲି କି ଜଣେ କମାର ମଧ୍ୟ ସେଠାକୁ ଆସିଗଲା । ସେ ନିଜର ଦାରୁଣ ଦୁଃଖ କଷ୍ଟ ସଂପର୍କରେ ଚର୍ଚ୍ଚା କଲା ଯାହା ତାକୁ ଅଣ ଅହମଦିମାନଙ୍କ ପକ୍ଷରୁ ମିଳୁଥିଲା । ସେ କହିଲା, ଆଜ୍ଞ ହୁଜୁର୍ ! ମୋତେ ଏକାକୀ ପାଇ ମୁସଲମାନମାନେ ଗାଁରେ କଷ୍ଟ ଦିଅନ୍ତି। ସେ କହିବାକୁ ଲାଗିଲା ଯେ, ଆଜ୍ଞା ! ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ସେମାନଙ୍କ କଠୋରତାରୁ ମୋତେ ରକ୍ଷା କରନ୍ତୁ । ମୋର ଅହରନ୍ (କମାରମାନଙ୍କର ଭାରୀ ଲୁହାର ଶକ୍ତ ବର୍ଗାକାର ବସ୍ତୁ ଯେଉଁଥିରେ ସେମାନେ ଲୁହା ଗରମ କରି ଜୋରରେ ପିଟନ୍ତି ତାହାକୁ ଅହରନ୍ ବୋଲି କହନ୍ତି) ଉଠାଇ ନେଇଗଲେ, ଚୋରି କରି ନେଇଗଲେ। ବର୍ତ୍ତମାନ ମୁଁ କାମ କରିପାରୁ ନାହିଁ ।" ଆପଣ ଅ.ସ ତାକୁ କହିଲେ, "ବତ୍ସ ! ଈଶ୍ୱରଙ୍କ ଉପରେ ଭରସା ରଖ । ଅଲ୍ଲାଃତାଲା ତୁମର ସାହାଯ୍ୟକାରୀ ଏବଂ ରକ୍ଷକ ହେବେ । ନିଶ୍ଚିତ ଭାବରେ ମନେରଖ ଯେ, ଯିଏ ଈଶ୍ୱରଙ୍କର ହୋଇଯାଏ । ଈଶ୍ୱର ମଧ୍ୟ ତା'ର ହୋଇଯାଆନ୍ତି । ଯଦି ତୁମକୁ ଅହମଦି ହେବା ହେତୁ କଷ୍ଟ ଦିଆଯାଉଛି ତେବେ **ଇନ୍‌ଶାଅଲ୍ଲାଃ** କଷ୍ଟ ଦୂର ହୋଇଯିବ । **ଇନ୍‌ଶାଅଲ୍ଲାଃ** ତୁମର ଆବଶ୍ୟକତାଗୁଡ଼ିକ ଅବଶ୍ୟ ପୂରଣ ହୋଇଯିବ । ଯଦି ତୁମେ ଈଶ୍ୱରଙ୍କୁ ଛାଡ଼ିବ ନାହିଁ ତେବେ ସେ ତୁମକୁ ସାମଗ୍ରୀ ଯୋଗାଇ ଦେବେ । ଆମେ ମଧ୍ୟ ଦୁଆ କରିବୁ ।"**(ରିୱାୟତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃ-465)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ସଭାରେ ଆପଣ ଅ.ସ ତୱକ୍କୁଲ୍‌ର ପ୍ରକାଶ ଯେଉଁଠି ନିଜ ପାଇଁ କଲେ, ସେଠାରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ତୱକ୍କୁଲ୍ ଏବଂ ଦୁଆର ଉପଦେଶ ଦେଲେ । ନିଜର ଜଣେ ନିଷ୍ଠାପର ଅନୁଗାମୀଙ୍କୁ ଆପଣ ଯେଉଁ ଉପଦେଶ ଦେଇଥିଲେ, ତାହାର ଉଲ୍ଲେଖ ହ. ମିର୍ଜା ବଶୀର ଅହମଦ ସାହେବ ର.ଅ ଏକ ବର୍ଣ୍ଣନାରେ ବର୍ଣ୍ଣନା କରନ୍ତି । ଆପଣ ର.ଅ କୁହନ୍ତି, "ହାଫିଜ୍ ନୁର୍ ମୁହମ୍ମଦ ସାହେବ (ଫୈଜୁଲ୍ଲାଃ ଚକ୍‌ର ନିବାସୀ) ଲିଖିତ ଭାବରେ ମୋତେ ଜଣାଇଲେ ଯେ, ମୁଁ ହାଫିଜ୍ ହାମିଦ୍ ଅଲୀ ସାହେବଙ୍କଠାରୁ ଏହି ଉଦ୍ଧୃତି ଶୁଣିଥିଲି ଯେ, "ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ଯଦି କେବେ କୌଣସି ମକଦ୍ଦମାରେ କିମ୍ବା ଅନ୍ୟ କୌଣସି ପ୍ରକାରେ କୌଣସି ଶାସକ କିମ୍ବା ଅଧିକାରୀଙ୍କ ସମ୍ମୁଖକୁ ଯିବାକୁ ପଡ଼େ ତେବେ ଯିବା ପୂର୍ବରୁ ସାତ ଥର 'ସୁରାଃ ଫାତିହା' ପାଠ କରିନେବା ଉଚିତ୍ ଏବଂ ସାତ ଥର ନିଜ ଆଙ୍ଗୁଠିରେ ନିଜ କପାଳରେ 'ୟା ଅଜିଜୁ' ଲେଖିନେବା ଉଚିତ୍ ଏହିପରି ଅଲ୍ଲାଃତାଲା ଅବଶ୍ୟ ସଫଳତା ପ୍ରଦାନ କରନ୍ତି ।" ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏହା ଉପରେ ମତାମତ ଜଣାଇ ଉଲ୍ଲେଖ କରନ୍ତି ଯେ, "ସମ୍ଭବତଃ ଏହା ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ନିର୍ଭରଶୀଳ ନହେବାର ଅବସ୍ଥା (ଇସ୍ତିଗ୍ନା ଅନ୍ ଗୈରିଲ୍ଲାଃ) ଏବଂ ଅଲ୍ଲାଃଙ୍କ ଉପରେ ତୱକ୍କୁଲ୍ (ଭରସା ଓ ବିଶ୍ୱାସ) ର ଅବସ୍ଥା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଅଟେ ।"**(ସିରତୁଲ୍ ମହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-2, ବର୍ଣ୍ଣନା ସଂଖ୍ୟା-468, ପୃ-441-442)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ

ଅ.ସ ଏହା କହିଥିଲେ, ଅର୍ଥାତ୍ ତୁମେମାନେ ଏହିପରି ଦୁଆ କରିବ ତେବେ ତୁମେମାନେ ଯାହା କରିବ ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ ରହିବ ଏବଂ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାର ଭୟ ମନ ଭିତରେ ଥିବ ତେବେ ତାହା ଦୂରୀଭୂତ ହୋଇ ଚାଲିଯିବ ଏବଂ ଇନ୍‌ଶାଅଲ୍ଲାଃ ଓ ଅଲ୍ଲାଃତାଲା କୃପା ମଧ୍ୟ କରିବେ । ହୁଜୁର୍ ଅନୱର୍ ଅ.ବ କହିଲେ, ମକଦ୍ଦମାର ରାୟ ସମ୍ବନ୍ଧରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋ ନିଜର ଏହି ନୀତି ରହିଛି ଯେ, ନିକୃଷ୍ଟରୁ ନିକୃଷ୍ଟତମ ମଣିଷ ମଧ୍ୟ ଯଦି ମକଦ୍ଦମା କରେ ତେବେ ମଧ୍ୟ ସେଥିରେ ନିୟନ୍ତ୍ରଣ ଅଲ୍ଲାଃତାଲାଙ୍କର ହିଁ ଥାଏ ଏବଂ ଈଶ୍ୱର ଯାହା ଚାହାଁନ୍ତି ତାହା ଦ୍ୱାରା ରାୟ ଲେଖାନ୍ତି। ମଣିଷ ଉପରେ ଭରସା କରିବା 'ଶିର୍କ' (ଈଶ୍ୱରଙ୍କ ସହ ଅନ୍ୟକୁ ସମକକ୍ଷ କରିବା) ଅଟେ। ଯଦି ଜଣେ ବିଲୁଆ ପାଖକୁ ମଧ୍ୟ ମକଦ୍ଦମା ଯାଏ ତେବେ ତାକୁ ମଧ୍ୟ ଈଶ୍ୱର ବୁଦ୍ଧି ପ୍ରଦାନ କରିଦେବେ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-177, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ଉପରେ ଅସଂଖ୍ୟ ମକଦ୍ଦମା ହୋଇଥିଲା, କିନ୍ତୁ ଆପଣ ଅ.ସଙ୍କର ଈଶ୍ୱରଙ୍କ ଉପରେ ଏତେ ବିଶ୍ୱାସ ଏବଂ ଭରସା ଥିଲା ଯେ, ଏପରି ହେବ ନାହିଁ ଯେଉଁଠି ଶତ୍ରୁ କେବେ ସଫଳ ହୋଇପାରିବ । ଏହି ପ୍ରକାରର ଏକ ଘଟଣା ବିଷୟରେ ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିଆଲ୍‌କୋଟି ର.ଅ ବର୍ଣ୍ଣନା କରନ୍ତି ଯେ, "ମୋର ଭଲ ଭାବରେ ମନେଅଛି ଯେ, ଯେଉଁ ଦିନ ଡିଷ୍ଟ୍ରିକ୍ଟ୍ ସୁପରିଟେଣ୍ଡେଣ୍ଟ୍ ସାହେବ କାଦିୟାନ୍‌ରେ ହ. ମସିହ୍ ମଉଦ ଅ.ସଙ୍କ ଘର ତଲାସୀ କରିବା ପାଇଁ ଆସିଥିଲେ ଏବଂ ସମୟ ପୂର୍ବରୁ ତାହାର କୌଣସି ସୂଚନା କିମ୍ବା ଖବର ମଧ୍ୟ ନଥିଲା ଓ ନାଁ ହିଁ ପୂର୍ବାନୁମାନ କରାଯାଇପାରୁଥିଲା ଯେ, ସେ ଆସି ତଲାସୀ ନେବେ । ସେହି ଦିନ ସକାଳେ କେଉଁଠାରୁ ଆମର ମୀର୍ ସାହେବ" ଅର୍ଥାତ୍ ମୀର ନାସିର୍ ନୱାବ୍ ସାହେବ ର.ଅ, "ଶୁଣିନେଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ଗିରଫ କରିବା ପାଇଁ ଆଜି ଗିରଫଦାରୀ ୱାରେଣ୍ଟ୍ ହାତକଡ଼ି ସହିତ ଆସିବ"। ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୌଲବୀ ଅବଦୁଲ୍ କରୀମ୍ ସାହେବ ସିଆଲକୋଟୀ ର.ଅ କୁହନ୍ତି, "ମୀର୍ ସାହେବ ଅତ୍ୟନ୍ତ ବ୍ୟାକୁଳ ଏବଂ ଭୟଭୀତ ହୋଇଗଲେ । ହ. ମସିହ୍ ମଉଦ୍ ଅ.ସଙ୍କୁ ଏହାର ଖବର ଦେବା ପାଇଁ ଭିତରକୁ ଦୌଡ଼ିଗଲେ ଏବଂ ଅତ୍ୟଧିକ ବ୍ୟାକୁଳତା ହେତୁ ବହୁତ କଷ୍ଟରେ ଏହି ଅପ୍ରିୟ ଖବର ବର୍ଣ୍ଣନା କଲେ ।" ଅର୍ଥାତ୍ ସେ ବହୁତ କଷ୍ଟରେ ବର୍ଣ୍ଣନା କଲେ ଏବଂ ବହୁତ ଭାବବିହ୍ୱଳ ହେଉଥିଲେ ଯେ, ଡିଷ୍ଟ୍ରିକ୍ଟ୍ ସୁପରିଟେଣ୍ଡେଣ୍ଟ୍ ସାହେବ ଏହିପରି ୱାରେଣ୍ଟ ନେଇ ଆସୁଛନ୍ତି ଏବଂ ଆପଣଙ୍କୁ ହାତକଡ଼ି ପିନ୍ଧାଇଦେବେ ।" ହ. ମସିହ୍ ମଉଦ୍ ଅ.ସ ସେହି ସମୟରେ 'ନୁରୁଲ୍ କୁରାଆନ୍' ଲେଖୁଥିଲେ ଏବଂ ଅତ୍ୟନ୍ତ ସୂକ୍ଷ୍ମ ଏବଂ ଗମ୍ଭୀର ବିଷୟବସ୍ତୁ ସମ୍ମୁଖରେ ଥିଲା । ଆପଣ ଅ.ସ ମୁଣ୍ଡ ଟେକି ଏବଂ ହସି କହିଲେ, 'ମୀର ସାହେବ ! ଲୋକମାନେ ସଂସାରରେ ଖୁସିରେ ରୂପା, ସୁନାର କଙ୍କଣ ପିନ୍ଧିଥାଆନ୍ତି । ମୁଁ ଏହା ବୁଝିନେବି ଯେ, ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଲୁହାର କଙ୍କଣ ପିନ୍ଧିନେଲି । ପୁନଶ୍ଚ ଟିକିଏ ଭାବିବା ପରେ ଆପଣ ଅ.ସ କହିଲେ, "କିନ୍ତୁ ଏପରି ହେବ ନାହିଁ । କାରଣ ଈଶ୍ୱରଙ୍କ ନିଜ ସରକାରଙ୍କ ଅର୍ଥାତ୍ ଶାସନର କିଛି ନୀତି ଥାଏ ଯେ, ନିଜର ନିଯୁକ୍ତ ପ୍ରତିନିଧି (ଖଲିଫା)ମାନଙ୍କର ଏପରି ଅପମାନ ପସନ୍ଦ କରନ୍ତି ନାହିଁ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-279, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୌଲବୀ ସର୍‌ୱର ଶାହ୍ ସାହେବ ମୋତେ ବର୍ଣ୍ଣନା କଲେ ଯେ, ଯେଉଁ ଦିନମାନଙ୍କରେ ଗୁରଦାସପୁର ଠାରେ କରମ୍ ଦୀନ୍ ସହିତ ମକଦ୍ଦମା ଥିଲା ଏବଂ ମାଜିଷ୍ଟ୍ରେଟ୍ ତାରିଖ ଦେଇଥିଲା । ହ. ସାହେବ କାଦିୟାନ୍ ଆସିଥିଲେ । ହୁଜୁର୍ ଅ.ସ ତାରିଖର ଦୁଇ ଦିନ ପୂର୍ବରୁ ମୋତେ ଗୁରଦାସ୍‌ପୁର ପଠାଇଲେ ଯେ, ମୁଁ ଯାଇ ସେଠାରୁ କିଛି ଉଦ୍ଧୃତି (ପ୍ରାମାଣ୍ୟ) ବାହାର (ସଂଗ୍ରହ) କରି ପ୍ରସ୍ତୁତ ରଖିବି କାରଣ ପରବର୍ତ୍ତୀ ଶୁଣାଣିରେ ଉଦ୍ଧୃତି(ପ୍ରାମାଣ୍ୟ)ଗୁଡ଼ିକ ଉପସ୍ଥାପିତ ହେବାର ଥିଲା । ମହୋଦୟ କୁହନ୍ତି ଯେ, ଯେତେବେଳେ ଆମେ ଗୁରଦାସପୁର ଘରକୁ ଆସିଲୁ ସେତେବେଳେ ତଳୁ ଡାକ୍ତର ମୁହମ୍ମଦ ଇସ୍‌ମାଇଲ୍ ସାହେବ (ସ୍ୱର୍ଗତ)ଙ୍କୁ ଡାକିଲୁ । ଆମେ ତାଙ୍କ ଘରକୁ ଗଲୁ ଯେ, ସେ କବାଟ ଖୋଲନ୍ତୁ । ଆମ ଡାକିବା ପରେ ଡାକ୍ତର ସାହେବ ବ୍ୟାକୁଳ ହୋଇ ସହସା କାନ୍ଦିବାକୁ ଲାଗିଲେ । ଶେଷରେ କିଛି ସମୟ ପରେ ଲୁହ ପୋଛି ତଳକୁ ଆସିଲେ ଏବଂ କହିବାକୁ ଲାଗିଲେ ଯେ, ମୋ ପାଖକୁ ମୁହମ୍ମଦ ହୁସେନ୍ ମୁନ୍‌ସୀ ଆସିଥିଲା । ସେ କୋର୍ଟର ମୁନ୍‌ସୀ (କ୍ଲର୍କ) ଥିଲା ଏବଂ ଜମାଅତ୍‌ର ବିରୋଧୀ ମଧ୍ୟ ଥିଲା । କିନ୍ତୁ ସେ ଆସି ମୋତେ ଏହି କଥା କହିଲା ଯେ, ଆଜି ଆର୍ଯ୍ୟମାନଙ୍କର ସଭା ହୋଇଥିଲା। ମୋତେ ମଧ୍ୟ ଜଣେ ଆର୍ଯ୍ୟ ବନ୍ଧୁ ସାଙ୍ଗରେ ନେଇଯାଇଥିଲା । ତେବେ ସଭାର କାର୍ଯ୍ୟକ୍ରମ ପରେ ସେମାନେ ଘୋଷଣା କଲେ ଯେ, ବାକି ସମସ୍ତେ ଚାଲିଯାଆନ୍ତୁ । ଆମର ବ୍ୟକ୍ତିଗତ (ପ୍ରାଇଭେଟ୍) ସଭା ହେବ । ସେହି ବନ୍ଧୁ କହିଲେ ଯେ, ତୁମେ ଗୋଟେ କୋଣରେ ବସିଯାଅ ଆମେ ସାଙ୍ଗ ହୋଇ ଯିବା । ସେ ଯାହାହେଉ ସେ କୁହନ୍ତି ଯେ, ସେଠାରେ ସେମାନଙ୍କର ଯେଉଁ ବ୍ୟକ୍ତିଗତ ସଭା ହେଲା ସେହି ସଭାରେ ଜଣେ ବ୍ୟକ୍ତି ଉଠିଲା । ଏକଥା ମୁହମ୍ମଦ ହୁସେନ୍ କହିଲା । ମାଜିଷ୍ଟ୍ରେଟ୍‌ଙ୍କୁ ମିର୍ଜା ସାହେବଙ୍କ ନାମ ନେଇ କହିବାକୁ ଲାଗିଲା ଯେ, ଏହି ବ୍ୟକ୍ତି ଆମର କଠୋର ଶତ୍ରୁ ଏବଂ ଆମର ନେତା ଲେଖରାମ୍‌ଙ୍କ ହତ୍ୟାକାରୀ ଅଟେ । ବର୍ତ୍ତମାନ ସେ ଆପଣଙ୍କ ହାତରେ ଶିକାର ଅଟେ ଏବଂ ସାରା ସମ୍ପ୍ରଦାୟର ନଜର ଆପଣଙ୍କ ଉପରେ ରହିଛି । ଯଦି ଆପଣ ଏହି ଶିକାରକୁ ହାତରୁ ଯିବାକୁ ଦେବେ ତେବେ ଆପଣ ସମ୍ପ୍ରଦାୟର ଶତ୍ରୁ ହେବେ ଏବଂ ସେ ଏହିପରି ଉତ୍ତେଜନାପୂର୍ଣ୍ଣ କଥା କହିଲା । ପ୍ରତ୍ୟୁତ୍ତରରେ ମାଜିଷ୍ଟ୍ରେଟ୍ ଉତ୍ତର ଦେଲା ଯେ, ମୋର ତ' ପୂର୍ବରୁ ହିଁ ଏହି ଇଚ୍ଛା ରହିଛି ଯେ, ଯଦି ସମ୍ଭବ ହୁଏ ତେବେ କେବଳ ମିର୍ଜାଙ୍କୁ ନୁହେଁ ବରଂ ଏହି ମକଦ୍ଦମାରେ ଯେତିକି ବି ତାଙ୍କର ସାଥୀ ଏବଂ ସାକ୍ଷୀମାନେ ଅଛନ୍ତି ସମସ୍ତଙ୍କୁ ଜେଲ୍‌କୁ (ନର୍କକୁ) ପଠାଇଦେବି। କିନ୍ତୁ କ'ଣ କରାଯିବ ଯେ, ମକଦ୍ଦମା ଏତେ ଚାଲାକିର ସହିତ ଚାଲିଛି ଯେ, କୌଣସି ହାତ ପକାଇବାର ସ୍ଥାନ ମିଳୁ ନାହିଁ । କିନ୍ତୁ ଏବେ ମୁଁ ପ୍ରତିଜ୍ଞା କରୁଛି ଯେ, ଯାହା ବି ହୋଇଯାଉ ଏହି ପ୍ରଥମ ଶୁଣାଣିରେ ହିଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି । ମୁହମ୍ମଦ ହୁସେନ୍ ମୋତେ କହିଲା ଯେ, ମହୋଦୟ ଡାକ୍ତର ସାହେବ! ତୁମେ ବୁଝିପାରୁ ନାହଁ ଆଇନଗତ କାର୍ଯ୍ୟାନୁଷ୍ଠାନ କ'ଣ ହୋଇଥାଏ ? ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ ମାଜିଷ୍ଟ୍ରେଟ୍‌ଙ୍କର ଏହି ସ୍ୱତନ୍ତ୍ର ଅଧିକାର ତଥା କ୍ଷମତା ରହିଛି ଯେ, ଆରମ୍ଭରୁ କିମ୍ବା ମକଦ୍ଦମା ଚାଲିଥିବା ସମୟରେ ଯେତେବେଳେ ଚାହିଁବେ ଅଭିଯୁକ୍ତକୁ ବିନା ଜାମିନ୍‌ରେ ଗିରଫ କରି ଜେଲ୍‌ରେ ପଠାଇଦେଇ ପାରିବେ । ତେଣୁ ଖବର ପହଞ୍ଚାଇବା ପରେ ସେ କହିବାକୁ ଲାଗିଲା, 'ତେଣୁ ଡାକ୍ତର ସାହେବ ! ମୁଁ ଆପଣଙ୍କୁ ଏହି ଖବର ପହଞ୍ଚାଇଦେଲି। ଆପଣ ଏହାର କୌଣସି ବିହିତ ବ୍ୟବସ୍ଥା କରନ୍ତୁ ଏବଂ ମୋର ଧାରଣାରେ (ମତରେ)ଏହାର ଦୁଇଟି ଉପାୟ ହୋଇପାରେ । ସେ କୋର୍ଟରେ କାମ କରୁଥିଲା, ସେ ନିଜର ଆଇନଗତ ଦୃଷ୍ଟିକୋଣରୁ ପରାମର୍ଶ ଦେଲା ଯେ, 1- ହାଇକୋର୍ଟ (ଚିଫ୍ କୋର୍ଟ) ରୁ ଏହି ମକଦ୍ଦମାଟିକୁ ଅନ୍ୟତ୍ର ସ୍ଥାନାନ୍ତର ଅର୍ଥାତ ଟ୍ରାନ୍ସଫର୍ କରିବାକୁ ଚେଷ୍ଟା କରାଯାଉ ଏବଂ 2- ଦ୍ୱିତୀୟଟି ହେଉଛି ଯେକୌଣସି ମତେ ମିର୍ଜା ସାହେବ ଏହି ଆଗାମୀ ଶୁଣାଣିରେ ଉପସ୍ଥିତ ନହୁଅନ୍ତୁ ଓ ଡିଗ୍ରୀ ସାର୍ଟିଫିକେଟ୍ ଉପସ୍ଥାପିତ କରି ଦିଅନ୍ତୁ । ସେ କୁହନ୍ତି ଯେ, ଆମେମାନେ ମଧ୍ୟ ଅତ୍ୟନ୍ତ ଭୟଭୀତ ହୋଇଗଲୁ । ଆମେମାନେ ସେହି ମୁହୂର୍ତ୍ତରେ ନିଷ୍ପତ୍ତି ନେଲୁ ଯେ, ସେହି ସମୟରେ କାଦିୟାନ୍‌କୁ ଜଣେ ବ୍ୟକ୍ତିକୁ ପଠାଯାଉ ଏବଂ ହ. ସାହେବଙ୍କୁ ଏସଂପର୍କରେ ସୂଚନା ପ୍ରଦାନ କରାଯାଉ । ରାତି ହୋଇ ସାରିଥିଲା କୌଣସି ଯାନବାହନ ମିଳିବାର ବ୍ୟବସ୍ଥା ହୋଇପାରୁ ନଥିଲା। ଆମେ ଦୁଇ ତିନି ଜଣ ଲୋକ ପାଦରେ ଚାଲିଚାଲି କାଦିୟାନ୍ ଅଭିମୁଖେ ବାହାରି ପଡ଼ିଲୁ । ସକାଳ ନମାଜ୍ ସମୟରେ କାଦିୟାନ୍ ପହଞ୍ଚିଲୁ । ସଂକ୍ଷେପରେ ହୁଜୁର୍ ଅ.ସଙ୍କ ସେବାରେ କହିଲୁ । କିନ୍ତୁ ହ. ମସିହ୍ ମଉଦ୍ ଅ.ସ ବେପରୱା ଭାବରେ କହିଲେ, "ହଉ, ମୁଁ ବଟାଲା ଯାଉଛି । ଖ୍ୱାଜା ସାହେବ ଏବଂ ମୌଲବୀ ମୁହମ୍ମଦ ଅଲ୍ଲୀ ସାହେବ ଲାହୋରରୁ ଫେରୁଥିବା ସମୟରେ ସେଠାରେ ଆମକୁ ଭେଟିବେ । ସେମାନଙ୍କ ସହିତ ମଧ୍ୟ ଆଲୋଚନା ହୋଇଯିବ । ସେଠାରେ ଜଣାପଡ଼ିଯିବ ଯେ, ମକଦ୍ଦମା ସ୍ଥାନାନ୍ତର (ଟ୍ରାନ୍ସଫର)ର ଚେଷ୍ଟାର ପରିଣାମ କ'ଣ ହେଲା ।" ଏଥିପାଇଁ ସେ ପୂର୍ବରୁ ଯାଇଥିଲେ । ସୁତରାଂ ସେହି ଦିନ ହିଁ ହୁଜୁର୍ ଅ.ସ ବଟାଲା ଆସିଗଲେ। ଗାଡ଼ିରେ ମୌଲବୀ ମୁହମ୍ମଦ ଅଲ୍ଲୀ ସାହେବ ଏବଂ ଖ୍ୱାଜା ସାହେବ ମଧ୍ୟ ଭେଟ ହେଲେ । ସେମାନେ ଖବର ଦେଲେ ଯେ, ମକଦ୍ଦମା ସ୍ଥାନାନ୍ତର କରିବାର ଚେଷ୍ଟା ସଫଳ ହେଲା ନାହିଁ । ତେଣୁ ଏହା ଶୁଣି ହ. ମସିହ୍ ମଉଦ୍ ଅ.ସ ଫେରିଲେ ନାହିଁ ବରଂ ଆପଣ ଗୁରଦାସପୁରକୁ ଚାଲିଗଲେ ଏବଂ ରାସ୍ତାରେ ଖ୍ୱାଜା ସାହେବ ଏବଂ ମୌଲବୀ ସାହେବଙ୍କୁ ଏହି ଘଟଣା ସଂପର୍କରେ ସୂଚନା ଦେଲେ ନାହିଁ । କୌଣସି ଆଲୋଚନା କଲେ ନାହିଁ ଯେ, ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ଏହି ଖବର ଆସିଛି। ଯେତେବେଳେ ଆପଣ ଅ.ସ ଗୁରଦାସପୁର ଘରକୁ ପହଞ୍ଚିଲେ ସେତେବେଳେ ଅଭ୍ୟାସ ଅନୁଯାୟୀ ଅଲଗା କୋଠରୀରେ ଖଟିଆ ଉପରେ ଯାଇ ଆପଣ ଅ.ସ ଶୋଇପଡ଼ିଲେ । କିନ୍ତୁ ସେହି ସମୟରେ ଆମ ଶରୀରର ରୋମ ଟାଙ୍କୁରି ଉଠିଥିଲା ଯେ, ବର୍ତ୍ତମାନ କ'ଣ ହେବ ? ହୁଜୁର୍ ଅ.ସ କିଛି ସମୟ ପରେ ମୋତେ ଡାକିଲେ । ମୁଁ ଯେତେବେଳେ ଗଲି ସେତେବେଳେ ହ. ସାହେବ ଅ.ସ ନିଜର ଉଭୟ ହାତର ପାପୁଲିକୁ ଯୋଡ଼ି ନିଜ ମୁଣ୍ଡ ତଳେ ଦେଇ ସିଧା ଶୋଇଥିଲେ । ମୋର ଯିବା ପରେ ଗୋଟିଏ ପାଖକୁ ନିଜ କହୁଣୀ ସାହାଯ୍ୟରେ ନିଜ ହାତର ପାପୁଲିରେ ମୁଣ୍ଡକୁ ଟେକି ଶୋଇଗଲେ ଏବଂ ମୋତେ କହିଲେ, "ମୁଁ ଆପଣଙ୍କୁ ଏଥିପାଇଁ ଡାକିଛି ଯେ, ସେହି ସମସ୍ତ ଘଟଣା ଶୁଣିବି ଯେ, ମାଜିଷ୍ଟ୍ରେଟ୍ କ'ଣ କହିଥିଲେ ?" ମୁଁ ସମସ୍ତ କାହାଣୀ ଶୁଣାଇଲି ଯେ, ମାଜିଷ୍ଟ୍ରେଟ୍ ଏହିପରି ଏହିପରି କହିଥିଲା । ହୁଜୁର୍ ଅ.ସ ନୀରବତାର ସହିତ କଥା ଶୁଣୁଥଲେ । ମହୋୟଦୟ କହିଲେ, ଯେତେବେଳେ ମୁଁ 'ଶିକାର' ଶବ୍ଦ ପାଖରେ ପହଞ୍ଚିଲି, ସେ କହିଲେ, ଏବେ ମୋ ହାତରେ ଶିକାର ଅଛି । ଯାହା ମାଜିଷ୍ଟ୍ରେଟ୍ କହିଥିଲେ । ତେବେ ହଠାତ୍ ହ. ସାହେବ ଅ.ସ ଉଠି ବସି ପଡ଼ିଲେ ଏବଂ ଆପଣ ଅ.ସଙ୍କ ଆଖି ଚମକି ଉଠିଲା ଏବଂ ଚେହେରା ଲାଲ୍ ହୋଇଗଲା ଏବଂ ଆପଣ ଅ.ସ କହିଲେ, "ମୁଁ ତାଙ୍କର ଶିକାର ଅଟେ ? ମୁଁ ଶିକାର ନୁହେଁ। ମୁଁ ସିଂହ ଅଟେ ଏବଂ ସିଂହ ପୁଣି ଈଶ୍ୱରଙ୍କର ସିଂହ । ସେ ଈଶ୍ୱରଙ୍କ ସିଂହ ଉପରେ ହାତ ପକାଇପାରିବ ? ଏପରି କରିକି ତ' ସେ ଦେଖୁ ଆଗ !" ଏହି ଶବ୍ଦଗୁଡ଼ିକ କହୁଥିବା ସମୟରେ ଆପଣ ଅ.ସଙ୍କ ସ୍ୱର ଏତେ ଅଧିକ ହୋଇଗଲା ଯେ, କୋଠରୀ ବାହାରେ ମଧ୍ୟ ସମସ୍ତେ ଚମକି ଉଠିଲେ ଏବଂ ଆଶ୍ଚର୍ଯ୍ୟ ହୋଇ ଏଣେତେଣେ ଚାହିଁବାକୁ ଲାଗିଲେ। କିନ୍ତୁ କୋଠରୀ ଭିତରକୁ କେହି ଆସିଲେ ନାହିଁ । ହୁଜୁର୍ ଅ.ସ ଅନେକ ଥର 'ଈଶ୍ୱରଙ୍କ ସିଂହ' ଶବ୍ଦଗୁଡ଼ିକୁ ଦୋହରାଇଲେ ଏବଂ ସେହି ସମୟରେ ଆପଣ ଅ.ସଙ୍କ ଆଖି ଯାହା ସର୍ବଦା ନତ ଏବଂ ଅର୍ଦ୍ଧମୁଦିତ ରହୁଥିଲା ପ୍ରକୃତରେ ସିଂହର ଆଖି ପରି ଖୋଲି ଅଗ୍ନିଶିକ୍ଷା ପରି ଚମକୁଥିଲା ଏବଂ ଚେହେରା ଏତେ ଲାଲ୍ ଥିଲା ଯେ, ଦେଖି ହେଉନଥିଲା । ଆପଣ ଅ.ସ ପୁନଶ୍ଚ କହିଲେ, "ମୁଁ କ'ଣ କରିବି, ମୁଁ ତ' ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥାପିତ କରିସାରିଛି ଯେ, ହେ ଈଶ୍ୱର ! ମୁଁ ତୋର ଧର୍ମ ପାଇଁ ନିଜ ହାତ ଏବଂ ଗୋଡ଼ରେ ଲୁହା ପିନ୍ଧିବାକୁ ପ୍ରସ୍ତୁତ ଅଟେ ।" ଅର୍ଥାତ୍ ହାତକଡ଼ି ଲଗାଇବାକୁ ପ୍ରସ୍ତୁତ ଅଟେ ।" କିନ୍ତୁ ସେ (ଅଲ୍ଲାଃତାଲା) କହୁଛନ୍ତି ଯେ, ନା ମୁଁ ତୋତେ ଅପମାନରୁ ରକ୍ଷା କରିବି

ଏବଂ ସମ୍ମାନ ସହିତ ମୁକ୍ତ କରିବି ।" ହୁଜୁର୍ ଅନୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ଅ.ସ ଈଶ୍ୱରପ୍ରେମ (ମୁହବତ୍ ଇଲାହୀ) ଉପରେ ଭାଷଣ ଦେବାକୁ ଲାଗିଲେ ଏବଂ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଉତ୍ସାହର ସହିତ କହି ଚାଲିଲେ । ଯେତେବେଳେ ଈଶ୍ୱରଙ୍କର ଏହି ଶବ୍ଦଗୁଡ଼ିକ ଥିଲା, ତେବେ ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଏବଂ ଭରସା ଥିଲା ଯେ, ଯାହା ବି ଇଚ୍ଛା ହେଉ, ମାଜିଷ୍ଟ୍ରେଟ୍ ଯାହା ବି କହୁଥାଆନ୍ତୁ ପଛେ ସେ କେବେ ବି ମୋ ଉପରେ ହାତ ପକାଇପାରିବେ ନାହିଁ ।

(ସିରତୁଲ୍ ମହ୍‌ଦୀ, ଗ୍ରନ୍ଥଖଣ୍ଡ-1, ପୃ-84-88, ବର୍ଣ୍ଣନା ସଂଖ୍ୟା-107ରୁ ଉଦ୍ଧୃତ)

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୁସ୍‌ଲେହ ମଉଦ୍ ର.ଅ ଏହି ଘଟଣାର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, ଈଶ୍ୱରବିଶ୍ୱାସ (ଇମାନ୍)ର ଶକ୍ତି ବହୁତ ବଡ଼ ହୋଇଥାଏ। ଏହା ହ. ମସିହ୍ ମଉଦ୍ ଅ.ସଙ୍କର ଘଟଣା ଅଟେ । ଆପଣ ଅ.ସ ଏହି ଜେଲ୍‌ର ଘଟଣା ଶୁଣାଇଥିଲେ । ହ. ମସ୍‌ଲେହ ମଉଦ ର.ଅ କୁହନ୍ତି ଯେ, ମୁଁ ସେହି ସଭାରେ ନଥିଲି, ମୁଁ ଗୁରଦାସପୁରରେ ତ' ଥିଲି କିନ୍ତୁ ସେହି ସଭାରେ ନଥିଲି ଯେଉଁ ସଭାରେ ଏହି ଘଟଣା ଘଟିଥିଲା ଏବଂ ଏକଥା ମୋତେ ଜଣେ ବନ୍ଧୁ କହିଥିଲେ । ଆପଣ ର.ଅ ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କର ଚର୍ଚ୍ଚା କଲେ ଯେ, ଖ୍ୱାଜା କମାଲୁଦ୍ଦୀନଙ୍କୁ ପରେ ଡକାଇ ଦେଇଥିବେ । ଖ୍ୱାଜା କମାଲୁଦ୍ଦୀନ୍ ସାହେବ ଏବଂ ଅନ୍ୟ ଅହମଦିମାନେ ଭୟଭୀତ ଥିଲେ ଯେ, ଅମକ ମାଜିଷ୍ଟ୍ରେଟ୍ ପାଖରେ ମକଦ୍ଦମା ଅଛି ଏବଂ ଆର୍ଯ୍ୟମାନେ ଏହା ଉପରେ ବହୁତ ଜୋର୍ ଦେଇଛନ୍ତି ଯେ, ମିର୍ଜା ସାହେବ ଆମ ଧର୍ମ ବିରୋଧୀ ଅଟନ୍ତି । ତାଙ୍କୁ ଦଣ୍ଡ ଦିଅନ୍ତୁ ଏବଂ ଏହା ହିଁ ଆପଣ(ମାଜିଷ୍ଟ୍ରେଟ୍)ଙ୍କର ଜାତୀୟ ସେବା ହେବ । ସେ ଯାହାହେଉ ସେହି ମାଜିଷ୍ଟ୍ରେଟ୍ କହିଲା, ହଉ, ମୁଁ ନିଶ୍ଚୟ ମିର୍ଜା ସାହେବଙ୍କୁ ଦଣ୍ଡ ଦେବି । ବର୍ତ୍ତମାନ ମିର୍ଜା ସାହେବ ମୋ ହାତକୁ ଆସିଯାଇଛନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଏହି କଥା ଶୁଣିଲେ ତ' ଆପଣ ଶୁଣି ନିଜ କହୁଣୀ ସାହାଯ୍ୟରେ ପାର୍ଶ୍ୱକୁ ହୋଇ କହିଲେ, "ଖ୍ୱାଜା ସାହେବ ! କ'ଣ ଈଶ୍ୱରଙ୍କ ସିଂହ ଉପରେ କେହି ହାତ ପକାଇପାରିବ କି ?" ସୁତରାଂ ଈଶ୍ୱର ସେହି ମାଜିଷ୍ଟ୍ରେଟ୍‌କୁ ଏହି ଦଣ୍ଡ ଦେଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାଟି ଅତିରିକ୍ତ ଲେଖିଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ମାଜିଷ୍ଟ୍ରେଟ୍‌କୁ ଏହି ଦଣ୍ଡ ଦେଲେ ଯେ, ପ୍ରଥମେ ତ' ତା'ର ଗୁରଦାସପୁରରୁ ବଦଳି ହୋଇଗଲା । ପୁଣି ତା'ର ଅବନତି ହୋଇଗଲା । ଅର୍ଥାତ୍ କେବଳ ତାହାର ପଦୋନ୍ନତି ଅଟକାଇ ଦିଆଗଲା ନାହିଁ ବରଂ ତାକୁ ନିମ୍ନ ପଦବୀ ମିଳିଗଲା । ସେ ଆସିଷ୍ଟାଣ୍ଟ କମିଶନର ଥିଲା । ଏକ୍ସଟ୍ରା ଆସିଷ୍ଟାଣ୍ଟ୍ କମିଶନରରୁ ତାଙ୍କୁ ମୁନସିଫ୍ ସାଧାରଣ (simple) ମାଜିଷ୍ଟ୍ରେଟ୍ କରି ଦିଆଗଲା । ପୁଣି ଅନ୍ୟ ମାଜିଷ୍ଟ୍ରେଟ୍ ଆସି ନିଷ୍ପତ୍ତି କଲେ ଏବଂ ସେହି ନିଷ୍ପତ୍ତି ହ. ମସିହ୍ ମଉଦ୍ ଅ.ସଙ୍କ ସପକ୍ଷରେ ଥିଲା।

(ବାଜ୍ ଅହମ୍ ଔର୍ ଜରୁରୀ ଉମୁର୍, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-16, ପୃ-293)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ମକଦ୍ଦମା ସମ୍ବନ୍ଧରେ ଚୌଧୁରୀ ଗୁଲାମ୍ ସରୱର ବାଜୱା ସାହେବ ବର୍ଣ୍ଣନା କରନ୍ତି: "ହ. ମସିହ୍ ମଉଦ୍ ଅ.ସଙ୍କର ଯେତେବେଳେ କରମ୍ ଦୀନ୍‌ବାଲା ଫୌଜଦାରୀ ମକଦ୍ଦମା ଥିଲା, ସେତେବେଳେ ଗୋଟିଏ ଦିନ ବହୁତ ଧର୍ମପଣ୍ଡିତ ଏବଂ ଓକିଲମାନେ ପରାମର୍ଶ କରିବା ପରେ ହୁଜୁର୍ ଅ.ସଙ୍କୁ କହିଲେ ଯେ, ହୁଜୁର୍ ! ମକଦ୍ଦମା ସ୍ଥାନାନ୍ତର ପାଇଁ ଚେଷ୍ଟା କରିବା ଉଚିତ୍ । ହୁଜୁର୍ ଅ.ସ ଉତ୍ତର ଦେଲେ ଯେ, ସମସ୍ତ ନିର୍ଭରତା ସାଧନଗୁଡ଼ିକ ଉପରେ ରଖ ନାହିଁ ବରଂ ଈଶ୍ୱରଙ୍କ ଉପରେ ମଧ୍ୟ ଭରସା କରିବା ଉଚିତ୍ ।"**(ରିୱାୟତେ ଅସହାବେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃ-85)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏହି କରମ୍ ଦୀନ୍ ମକଦ୍ଦମାର ରାୟ ପ୍ରକାଶ ପାଇବା ଦିନ ହୁଜୁର୍ ଅ.ସଙ୍କ ବିଶ୍ୱାସ ତଥା ଭରସାର ମର୍ଯ୍ୟାଦା ଏହିପରି ଭାବରେ ପ୍ରକାଶ ପାଏ ଯେ, ବାବୁ ଗୁଲାମ ମୁହମ୍ମଦ ସାହେବ ଦ୍ୱିତୀୟ ବର୍ଣ୍ଣନା କରନ୍ତି ଯେ, "ଆମ୍ବାରାମ୍‌ଙ୍କ ପୂର୍ବରୁ ଚନ୍ଦୁଲାଲ୍‌ଙ୍କ ସମୟରେ ହୁଜୁର୍ ଅ.ସ କହିବାକୁ ଲାଗିଲେ ଯେ, ଏହି ବ୍ୟକ୍ତି ବହୁତ କୁସ୍ୱଭାବ ଓ ଅସାଧୁ ସ୍ୱଭାବର ବ୍ୟକ୍ତି ଅଟେ । ତାହାର ଆଭନ୍ତରୀଣ ସଂପର୍କରେ ଜଣାପଡ଼େ ନାହିଁ। ସାମ୍ନାକୁ ଯେତେବେଳେ ଆସେ ତ' ହାତ ଯୋଡ଼ି ଠିଆ ହୋଇଯାଏ ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ଆସି କହେ ଯେ, ହୁଜୁର୍ ! ମୋର ପଦବୀ ହିଁ ଏପରି କିଛି ଅଟେ ଯେ ମୁଁ ଚରଣରେ ପଡ଼ିପାରିବି ନାହିଁ" ଏବଂ ବହୁତ ଅଧିକ ବିନମ୍ରତା ଦେଖାଏ। କିନ୍ତୁ ସାରା ଦିନ ବସାଇ ରଖି କହିଦିଏ ଯେ, ଆଜି ଚାଲିଯାଅ, କାଲି ଆସିବ। ପ୍ରତିଦିନ ଏହିପରି କରିଥାଏ।" ଏହା କଷ୍ଟ ଦେବାର ଏପରି ଅଭିନବ ଉପାୟ ଅଟେ ଯେ, ବାହାରେ ହାତ ଯୋଡ଼ି କିଛି କଥା କହିବ ଏବଂ କାର୍ଯ୍ୟତଃ (ବାସ୍ତବରେ) ଅନ୍ୟ କିଛି କରୁଥିବ । ସେ ଯାହାହେଉ, "ଆମ୍ବାରାମଙ୍କ ଅଦାଲତରେ ଯେତେବେଳେ ରାୟ ଶୁଣାଇବାର ସମୟ ଆସିଲା ସେତେବେଳେ ବହୁତ ପୋଲିସ୍ ସୁରକ୍ଷା ବଳ ଡକାଯାଇଥିଲା ଏବଂ ଜଳ ସିଞ୍ଚନ କରାଯାଇଥିଲା ଏବଂ ସମସ୍ତ କୋର୍ଟ ପରିସରକୁ ପୋଲିସ୍ ଛାଉଣୀ ଦ୍ୱାରା ଘେରାଉ କରାଯାଇଥିଲା । ସେହି ସମୟରେ ଖ୍ୱାଜା ସାହେବ ଅର୍ଥାତ୍ ଖ୍ୱାଜା କମାଲୁଦ୍ଦୀନ୍ ସାହେବ ଏହି ଅର୍ଥ କଲେ ଯେ, ଏ ଦଣ୍ଡ ଦେଇଦେବ ଏବଂ ସେ ମୋତେ ସମ୍ବୋଧନ କରି କହିଲେ ଯେ, ହ. ସାହେବ ଅ.ସଙ୍କୁ ସମ୍ବୋଧନ କରି ମୋର ଏହି ସନ୍ଦେଶ ଦିଅ ଯେ, ଏହି ବ୍ୟକ୍ତି ଅପରାଧ ଉପରେ ଜିଦ୍ ଧରିଥିବା ପରି ଜଣାପଡୁଛି । ଯଦି ହୁଜୁର୍ ଆଜ୍ଞା ଦିଅନ୍ତି ତେବେ ତିନିଜଣ ଓକିଲଙ୍କୁ ଡକାଇ ଦିଆଯାଉ । ମୁହମ୍ମଦ ଶାହ୍ ଓକିଲ ଲାହୋରରୁ ଏବଂ ଫଜଲ୍ ଦୀନ୍ ସାହେବ ମଧ୍ୟ ଏବଂ ତୃତୀୟଟି ମୁଁ ଅଟେ । ଜଣଙ୍କୁ ଡିଭିଜନାଲ୍ କୋର୍ଟକୁ ପଠାଇ ଦିଆଯାଉ । ଅନ୍ୟ ଜଣଙ୍କୁ ରାଜ୍ୟପାଳଙ୍କ (ଗଭର୍ଣ୍ଣର) ନିକଟକୁ ଯିଏ ଗସ୍ତରେ ଅଛନ୍ତି ଏବଂ ତୃତୀୟ ଜଣକ ମୁଁ ଏଠାରେ ରହୁଛି ।" ଯେତେବେଳେ ମୁଁ ହୁଜୁର୍ ଅ.ସଙ୍କ ପାଖକୁ ଯାଇ ଏକଥା କହିଲି ସେତେବେଳେ ହୁଜୁର ଅ.ସ ବହୁତ ହସିଲେ । ଏହିସବୁ ପ୍ରସ୍ତାବ ଦେବା ପରେ ଯେ, ହୁଜୁର୍ ! ଆପଣ ଯାଆନ୍ତୁ ନାହିଁ ସେ (ମାଜିଷ୍ଟ୍ରେଟ୍) ଧରିନେବ । ହ. ମସିହ୍ ମଉଦ୍ ଅ.ସ, କହିବାକୁ ଲାଗିଲେ ଯେ, ଏ କାଶ୍ମୀରୀ ଅଟନ୍ତି ନା, ମନ ଭାଙ୍ଗି ଉଦାସ ହୋଇ ବସିଛନ୍ତି । ହୁଜୁର୍ ଅ.ସ କହିଲେ, ଯାଇ ସେମାନଙ୍କୁ କୁହ ଆଜି ପର୍ଯ୍ୟନ୍ତ ମୁଁ ତାଙ୍କ କଥାଗୁଡ଼ିକର ଆଇନଗତ ପ୍ରସ୍ତାବ ଓ ପରାମର୍ଶ ଅନୁସରଣ କରିଆସିଛି ।" ଅର୍ଥାତ୍ ଯାହା ଆଇନଗତ ଭାବରେ ଆପଣ ପରାମର୍ଶ ଦେଉଥିଲେ ତାହା ମାନିଆସିଛି ବର୍ତ୍ତମାନ ପ୍ରସଙ୍ଗ ଈଶ୍ୱରଙ୍କ ଉପରେ ଛାଡ଼ିଦିଅ ।" ବର୍ତ୍ତମାନ ମୋର ଭରସା ଈଶ୍ୱରଙ୍କ ଉପରେ ଅଛି ଆପଣଙ୍କ ଉପରେ ନାହିଁ ।" ମୁଁ ଯାଇ ଏହିପରି କହିଦେଲି । ଖ୍ୱାଜା ସାହେବ ବହୁତ ଖରାପ ମନେକରି ଉଦାସୀନ ହୋଇ ମୁହଁ ଓ ମୁଣ୍ଡ ତଳକୁ କରି ଠିଆ ହୋଇଗଲେ।"

(ରିୱାୟତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃ-235)

ହୁଜୁର୍ ଅନୱର୍ ଅ.ବ କହିଲେ, ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ) ର ଏକ ଅଦ୍ଭୁତ ମହିମା ଅଛି ଯାହା ଆମମାନଙ୍କୁ ଆପଣ ଅ.ସଙ୍କ ଠାରେ ଆମର ଆକା ସ.ଅଙ୍କ ଆଜ୍ଞାବହତ୍ୱରେ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳେ। ଅଲ୍ଲାଃତାଲା ଆମମାନଙ୍କୁକୁ ମଧ୍ୟ ଈଶ୍ୱର ବିଶ୍ୱାସ ଓ ଭରସାର ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବାକୁ ସୌଭାଗ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ☆☆☆

ପୃ-07 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଅ.ବ କହିଲେ, ଆଜିକାଲିର ସମାଜରେ ଏହି ପାପଗୁଡ଼ିକ ପରିବ୍ୟାପ୍ତ ରହିଛି ଯେଉଁ କାରଣରୁ ଅନେକ ଲୋକମାନେ ପାପ କର୍ମରେ ଲିପ୍ତ ହୋଇଯାଆନ୍ତି ଏବଂ ପରିବାର ମଧ୍ୟ ଭାଙ୍ଗି ଯାଇଥାଏ । ଆଜିକାଲି ତ' ବିକଶିତ ଦେଶମାନଙ୍କରେ ଶିକ୍ଷିତା ନାରୀମାନଙ୍କ ମଧ୍ୟରେ ମଧ୍ୟ ଏହି ସଚେତନତା ଜାଗ୍ରତ ହୋଇସାରିଛି ଏବଂ ସେମାନେ ମଧ୍ୟ ହୋ ହାଲ୍ଲା କରୁଛନ୍ତି ଯେ, ଆମ ସମ୍ମାନର ସୁରକ୍ଷା ପାଇଁ କୌଣସି ଆଇନ ଅବଶ୍ୟ ପ୍ରଣୟନ ହେବା ଉଚିତ୍ । ତେଣୁ ଅହମଦିମାନଙ୍କର କର୍ତ୍ତବ୍ୟ ହେଉଛି ଯେ, ଅହମଦିମାନେ ଏହି ପାପଗୁଡ଼ିକ ବିରୁଦ୍ଧରେ ସଂଗ୍ରାମ କରିନ୍ତୁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, 'ପବିତ୍ର ଚରିତ୍ର ହୋଇ ରହିବା ପାଇଁ ପାଞ୍ଚଟି କଥା ରହିଛି । 1- ନିଜ ଆଖିକୁ ପରପୁରୁଷ, ପରନାରୀ ଉପରେ ଦୃଷ୍ଟି ପକାଇବାରୁ ରକ୍ଷା କର । 2- କାନକୁ ଅନ୍ୟମାନଙ୍କ ସ୍ୱର ଶୁଣିବାରୁ ରକ୍ଷା କର । 3- ପରନାରୀ, ପରପୁରୁଷଙ୍କ କାହାଣୀ ଶୁଣ ନାହିଁ । 4- ଏଭଳି ସମସ୍ତ ଆସର, ଅନୁଷ୍ଠାନ ଏବଂ ସ୍ଥାନ ଯେଉଁଠାରେ କୁକର୍ମ ଉତ୍ପନ୍ନ ହେବାର ଆଶଙ୍କା ରହିଛି ତେବେ ସେହି ସ୍ଥାନରୁ ନିଜକୁ ଦୂରେଇ ରଖ। 5- ପଞ୍ଚମ କଥା ଯୁବକମାନଙ୍କ ପାଇଁ ଏହା ଅଟେ ଯେ, ଯଦି ନିକାହ୍ ଏବଂ ବିବାହରେ କୌଣସି ଅସୁବିଧା ଅଛି ତେବେ ରୋଜା (ଉପବାସ) ରଖନ୍ତୁ । ଏହାପରେ ଆଉ ଏକ ପାପ ହେଉଛି ଉପଦ୍ରବ ଏବଂ ପାପାଚାର (ଫସାଦ୍ ଓ ଫିସ୍କୋ ଫୁଜୁର୍) ।"

ହୁଜୁର ଅ.ସ କହିଲେ, "ଯେତେବେଳେ ତୁମେମାନେ ଏପରି ସଭା ଦେଖିବ ଯେଉଁଠି ପାପାଚାର ହେଉଛି ସେତେବେଳେ ତୁମେମାନେ ସେଠାରୁ ଉଠି ଚାଲିଆସ। ସରକାରଙ୍କ ବିରୁଦ୍ଧରେ ଯେଉଁ ବିଦ୍ରୋହ ହୁଏ ସେଥିରୁ ମଧ୍ୟ ଆପଣ ଅ.ସ ବାରଣ କରିଛନ୍ତି । ଅନ୍ୟାୟରୁ ବର୍ତ୍ତିବାର ଉପଦେଶ ମଧ୍ୟ ପ୍ରଦାନ କରିଛନ୍ତି । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ଫର୍ଜ ନମାଜ୍ (ନିୟମିତ ପାଞ୍ଚବେଳା ନମାଜ୍) ବ୍ୟତୀତ ତହଜ୍ଜୁଦ୍ ଏବଂ ନୱାଫିଲ୍ (ଇଚ୍ଛାକୃତ ନମାଜ୍) ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ହଦିସ୍‌ରେ ଆସିଛି ଯେ ଆଁହଜରତ୍ ସ.ଅ କହିଲେ, ମୋର ଭକ୍ତ ନୱାଫିଲ୍ ମାଧ୍ୟମରେ ମୋର ନିକଟବର୍ତ୍ତୀ ହୋଇଯାଏ ଏପରିକି ମୁଁ ତାକୁ ପ୍ରେମ କରିବାକୁ ଲାଗେ ।" ସେହିପରି ଭାବରେ ଆପଣ ଅ.ସ ଈଶ୍ୱରଙ୍କର ପବିତ୍ର ମହିମା ଓ ପ୍ରଶଂସାର ଶିକ୍ଷା ମଧ୍ୟ ପ୍ରଦାନ କରିଛନ୍ତି । ହଦିସ୍‌ରେ ଆସିଛି ଯେ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହାକୁ ହମ୍‌ଦ୍ (ପ୍ରଶଂସା) ବିନା ଆରମ୍ଭ କରାଯାଏ ତାହା କଲ୍ୟାଣହୀନ ହୋଇଥାଏ। ଏହିପରି ଭାବରେ କୃତଜ୍ଞତା ପ୍ରତି ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଦରୁଦ୍ ଶରୀଫ୍‌କୁ ଆପଣମାନେ ନିଜ ଜୀବନର ଅଭିନ୍ନ ଅଂଙ୍ଗ ବୋଲି ମନେକରି ନିଅନ୍ତୁ । ଆଁହଜରତ୍ ସ.ଅ କହିଲେ, ଯିଏ ମୋ ଉପରେ ଥରେ ଦରୁଦ୍ ପଠାଇଲା ଅଲ୍ଲାଃତାଲା ତା' ଉପରେ ଦଶଥର କୃପା ପ୍ରେରଣ କରିବେ । ଏହିପରି ଭାବରେ ତୌବା ଓ ଇସ୍ତିଗ୍‌ଫାର (କ୍ଷମା ପ୍ରାର୍ଥନା) ପ୍ରତି ମଧ୍ୟ ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆଁହଜରତ୍ ସ.ଅ କହିଛନ୍ତି ଯେ ଯିଏ ତୌବା ଏବଂ ଇସ୍ତିଗ୍‌ଫାରକୁ ନିଜର ଅଭ୍ୟାସ କରିନିଏ ତେବେ ଅଲ୍ଲାଃତାଲା ତା' ପାଇଁ ପ୍ରତ୍ୟେକ ସଙ୍କଟରୁ ବାହାରିବାର ମାର୍ଗ ପ୍ରସ୍ତୁତ କରିଦିଅନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ଦୁଃଖରୁ ତାକୁ ମୁକ୍ତି ପ୍ରଦାନ କରନ୍ତି ଏବଂ ଏପରି ସ୍ଥାନରୁ ତାକୁ ଜୀବିକା ପ୍ରଦାନ କରନ୍ତି ଯେଉଁଠାରୁ ଜୀବିକା ପ୍ରାପ୍ତ ହେବାର ତା'ର କଳ୍ପନାରେ (ଧାରଣାରେ) ମଧ୍ୟ ନଥାଏ ।"

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ପ୍ରାଣୀମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ମଧ୍ୟ ଜରୁରୀ ଅଟେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ଦେଖ ! ସେହି ଜମାଅତ୍ ଜମାଅତ୍ ହୋଇପାରିବ ନାହିଁ ଯିଏ ପରସ୍ପରକୁ ଖାଏ ଏବଂ ଯେତେବେଳେ ଚାରିଜଣ ବ୍ୟକ୍ତି ଏକାଠି ବସନ୍ତି ସେତେବେଳେ ସେମାନେ ନିଜ ଗରିବ ଭାଇର ଅଭିଯୋଗ କରନ୍ତି ଏବଂ ଦୋଷ ଦୁର୍ବଳତା ଖୋଜନ୍ତି, ଆକ୍ଷେପ କରନ୍ତି ଏବଂ ଦୁର୍ବଳ, ଅଭାବି ତଥା ଗରିବ ଲୋକମାନଙ୍କୁ ଘୃଣା ଓ ଅବଜ୍ଞା ଚକ୍ଷୁରେ ଦେଖନ୍ତି ।" ହୁଜୁର୍ ଅନୱର୍ ଅ.ବ କହିଲେ, ଯେ, ଏଗୁଡ଼ିକ ହେଉଛି କେତେକ କଥା ଯାହାକୁ ମୁଁ ବର୍ଣ୍ଣନା କରିଛି । ଯଦି ଆମେମାନେ ନିଜ ଭିତରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରି ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନ କରି ଏହି ବୈଅତ୍‌ର କର୍ତ୍ତବ୍ୟ ନିର୍ବାହ କରି ବୈଅତର ଏହି ସର୍ତ୍ତାବଳୀଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବୁ ତେବେ ଆମେମାନେ କେବଳ ନିଜ ମଧ୍ୟରେ ଏକ ପବିତ୍ର ଅବଶିଷ୍ଟାଂଶ...ପୃ-14 ରେ

ସମାଜ ସୃଷ୍ଟି କରୁଥିବା ବ୍ୟକ୍ତି ହେବୁ ନାହିଁ ବରଂ ଇସଲାମ ଧର୍ମର ପ୍ରକୃତ ସନ୍ଦେଶକୁ ବିଶ୍ୱରେ ପ୍ରସାର କରୁଥିବା ବ୍ୟକ୍ତି ମଧ୍ୟ ହେବୁ । ମୁସଲମାନ ଏବଂ ଅଣମୁସଲମାନ, ବରଂ ନାସ୍ତିକ ଏବଂ ଇସ୍‌ଲାମ୍ ବିରୋଧୀ ଲୋକମାନଙ୍କ ମଧ୍ୟରେ ମଧ୍ୟ ଏପରି ଶିକ୍ଷା ପ୍ରସାର କରୁଥିବା ବ୍ୟକ୍ତିମାନେ ରହିବେ, ଯାହାକି ଯେକୌଣସି ପ୍ରକାରେ ଗୋଟିଏ ଦିନ ସେମାନଙ୍କୁ ଚିନ୍ତା କରିବାକୁ ବାଧ କରିବ ଯେ, ଆହମଦିମାନେ ହିଁ ସେହି ଲୋକ ଅଟନ୍ତି ଯେଉଁମାନେ ବିଶ୍ୱରେ ଈଶ୍ୱରଙ୍କ ଶାସନ ତଥା ତାହାଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଉଚ୍ଚ ନୈତିକ ମୂଲ୍ୟବୋଧ ମଧ୍ୟ ସୃଷ୍ଟି କରିବାକୁ ଚାହାଁନ୍ତି । ଆଜିକାଲି ଦଜ୍ଜାଲୀୟ (ପ୍ରବଞ୍ଚକ) ଶକ୍ତିମାନେ ସେମାନଙ୍କର ସକଳ ଉଦ୍ୟମ ତଥା ପ୍ରୟାସକୁ ବିନିଯୋଗ କରୁଛନ୍ତି ଯେ, ବିଶ୍ୱରୁ ଈଶ୍ୱରଙ୍କ ନାମକୁ ନିଶ୍ଚିହ୍ନ କରିଦିଆଯାଉ ଏବଂ ଦୁନିଆରେ ଅଶାନ୍ତି ଓ ଉପଦ୍ରବ ସୃଷ୍ଟି କରାଯାଉ । ଏଭଳି ସମୟରେ ଆମମାନଙ୍କର ଏହି ଗୁରୁ ଦାୟିତ୍ୱ ରହିଛି ଯେ, ଆମେମାନେ ବୈଅତ୍‌ର କର୍ତ୍ତବ୍ୟ ନିର୍ବାହ କରି, ଜିହାଦ୍ କରି ଈଶ୍ୱରଙ୍କ ଠାରୁ ତାହାଙ୍କର କୃପା, ପ୍ରସନ୍ନତା ତଥା ଅନୁଗ୍ରହ ଲୋଡ଼ି, ସେମାନଙ୍କର ପ୍ରବଞ୍ଚକମୂଳକ ଚାଲକୁ ବିଫଳ କରି ଆମେ ଆମର ସମ୍ପୂର୍ଣ୍ଣ ପ୍ରୟାସକୁ ଜାରି ରଖିବୁ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍।**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସଂସାରରେ ସମଗ୍ର ବିଶ୍ୱ ପାଇଁ ଶାନ୍ତି ଓ ନିରାପତ୍ତା (ସକୁଶଳତା) ଏବଂ ମୁସଲମାନମାନଙ୍କର ବଞ୍ଚି ରହିବା ଓ ସକୁଶଳତା ପାଇଁ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ପ୍ରତ୍ୟେକ ଆହମଦି ବିଶ୍ୱରେ ଏକେଶ୍ୱରଙ୍କ ଶାସନ ପ୍ରତିଷ୍ଠା କରିବାରେ ଏବଂ ଶାନ୍ତି ଓ ସକୁଶଳତା ପ୍ରସାର କରିବାରେ ନିଜର ସକ୍ରିୟ ଭୂମିକା ଗ୍ରହଣ କରିପାରିବେ । ଏହାପରେ ହୁଜୁର ଅନ୍‌ୱର ଅ.ବ ଦୁଆ କରାଇଲେ । ଶେଷରେ ହୁଜୁର ଅନ୍‌ୱର ଅ.ବ କହିଲେ ଯେ, ବର୍ତ୍ତମାନ ହାଜରି (ଉପସ୍ଥିତି)ର ଯେଉଁ ରିପୋର୍ଟଟି ରହିଛି ତଦନୁଯାୟୀ ଅଲ୍ଲାଃତାଲାଙ୍କ କୃପାରୁ 51,181 ଜଣ ଲୋକ ଅଛନ୍ତି ଯେଉଁମାନେ ଜଲସାରେ ଉପସ୍ଥିତ ହୋଇ ଜଲସା ଶୁଣୁଛନ୍ତି । ଜଲସାରେ 1171ଟି ଦେଶର ଅଂଶଗ୍ରହଣ ରହିଛି । ☆☆☆

ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (30 Aug 2023 ଗୁରୁବାର ଦିନ) ।

ହୁଜୁର ଅନ୍‌ୱର ଅ.ବ ସକାଳ 5.40 ମିନିଟ୍ ସମୟରେ ଆସି ଫଜର୍ ନମାଜ୍ ପାଠ କରାଇଲେ । ନମାଜ୍ ପାଠ ପରେ ହୁଜୁର ଅନ୍‌ୱର ଅ.ବ ଆପଣା ନିବାସ (ରହଣୀ) ସ୍ଥାନକୁ ଫେରିଗଲେ । ସକାଳେ ହୁଜୁର ଅନ୍‌ୱର ଅ.ବ କାର୍ଯ୍ୟାଳୟର ଡାକ, ଚିଠି ଏବଂ ରିପୋର୍ଟ ଦେଖିଲେ ଏବଂ ନିର୍ଦ୍ଦେଶାବଳୀ ଓ ମାର୍ଗଦର୍ଶିକା ପ୍ରଦାନ କଲେ। ହୁଜୁର ଅନ୍‌ୱର ଅ.ବ ବିଭିନ୍ନ କାର୍ଯ୍ୟାଳୟ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ । ଆଜି କାର୍ବେନ୍ (Karben) ସହରରେ "ମସଜିଦେ ସାଦିକ୍"ର ଶୁଭୋଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା ।

ହୁଜୁର ଅନୱର ଅ.ବ 4.50 ମିନିଟ୍ ସମୟରେ ଆପଣା ନିବାସରୁ ବାହାରକୁ ଆସିଲେ ଏବଂ ଫ୍ରାଙ୍କଫର୍ଟରୁ କାର୍ବେନ୍ ଅଭିମୁଖେ ଯାତ୍ରା କଲେ । ଏଠାରୁ କାର୍ବେନ୍ ସହରର ଦୂରତା 19 କିଲୋମିଟର ଅଟେ । ଦୀର୍ଘ 17 ମିନିଟର ଯାତ୍ରା ପରେ 5.07 ମନିଟ୍ ସମୟରେ ହୁଜୁର ଅନୱର ଅ.ବ "ମସ୍‌ଜିଦେ ସାଦିକ୍" ଠାରେ ପହଞ୍ଚିଲେ । ଏଠାକାର ସ୍ଥାନୀୟ ଜମାଅତ୍‌ର ସଦସ୍ୟମାନେ ଅତ୍ୟନ୍ତ ଉତ୍ସାହ ଏବଂ ଶ୍ରଦ୍ଧାର ସହିତ ନିଜର ପ୍ରିୟ ଆକା (ଖଲିଫା)ଙ୍କୁ ସ୍ୱାଗତ କଲେ । ସେମାନଙ୍କ ପାଇଁ ଆଜିର ଦିନଟି ଅପାର ଖୁସି ଏବଂ କଲ୍ୟାଣର ଦିନ ଥିଲା । ହୁଜୁର ଅନ୍‌ୱର ଅ.ବଙ୍କ ପବିତ୍ର ପାଦ ଦ୍ୱିତୀୟ ଥର ପାଇଁ ସେମାନଙ୍କ ସହରରେ ପଡ଼ିଥିଲା । ଏହା ପୂର୍ବରୁ 17 ଜୁନ୍ 2014 ମସିହାରେ ହୁଜୁର ଅନୱର ଅ.ବ ଏଠାକୁ ଆସିଥିଲେ ଏବଂ ମସ୍‌ଜିଦେ ସାଦିକ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଆଜି ସମସ୍ତେ ବେଶ୍ ଖୁସି ଥିଲେ । ହୁଜୁର ଅନୱର ଅ.ବ ଯେମିତି ଗାଡ଼ିରୁ ବାହାରକୁ ଆସିଲେ ସେମିତି ଜମାଅତ୍‌ର ସଦସ୍ୟମାନେ ଉତ୍ସାହର ସହିତ ଶ୍ଲୋଗାନ ଦେଲେ ଏବଂ ଶିଶୁ କିଶୋରମାନେ ଦଳଗତ ଭାବେ ସ୍ୱାଗତମୂଳକ ପ୍ରାର୍ଥନା ପଦ ଗାନ (ଅର୍ଥାତ୍ ନଜମ୍ ପାଠ) କଲେ । ଇତ୍ୟବସରରେ କାର୍ବେନ୍ ସହର ସ୍ଥିତ ଜମାଅତ୍‌ର ସଭାପତି (ସଦର୍) ଶ୍ରୀଯୁକ୍ତ ଆତିଫ୍ ଶହ୍‌ଜାଦ୍ ୱର୍କ ସାହେବ, ସ୍ଥାନୀୟ ଅମୀର୍ ମୁଜଫ୍ଫର ଅହମଦ ଭଟ୍ଟୀ ସାହେବ ଏବଂ ଏଠାକାର ମୁବଲ୍ଲିଗ୍ ସିଲ୍‌ସିଲା ତହ୍‌ସୀନ୍ ରଶୀଦ୍ ସାହେବ ହୁଜୁର ଅନୱର ଅ.ବଙ୍କୁ ସ୍ୱାଗତ ଜଣାଇଥିଲେ ।

ଏହା ପରେ ହୁଜୁର ଅନ୍‌ୱର ଅ.ବ ମସ୍‌ଜିଦ୍‌ର ବାହାର କାନ୍ଥରେ ରୋପିତ ଥିବା ଫଳକର ଉନ୍ମୋଚନ କଲେ ଏବଂ ଦୁଆ (ପ୍ରାର୍ଥନା) କରାଇଲେ । ତା'ପରେ ହୁଜୁର ଅନ୍‌ୱର ଅ.ବ ମସ୍‌ଜିଦ୍‌ର ହଲ୍‌କୁ ଗଲେ ଏବଂ ସେଠାରେ ଜୋହୋର୍ ଓ ଅସର୍ ନମାଜ୍ ଏକତ୍ର କରି ପାଠ କରାଲେ । ତତ୍‌ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନ ସମ୍ପନ୍ନ ହେଲା ।

ନମାଜ୍ ପାଠ ପରେ ହୁଜୁର ଅନ୍‌ୱର ଅ.ବ ଜମାଅତ୍‌ର ତଜ୍ଜନୀଦ (ସଦସ୍ୟ ସଂଖ୍ୟା) ବିଷୟରେ ପଚାରିଲେ । ସ୍ଥାନୀୟ ଜମାଅତ୍‌ର ସଭାପତି ସାହେବ କହିଲେ, ଆମର ସଦସ୍ୟ ସଂଖ୍ୟା ପ୍ରାୟ 280 ଅଟେ । ଏଠାରୁ ଲୋକମାନେ କାମଧନ୍ଦା ପାଇଁ କୁଆଡ଼େ ଯାଆନ୍ତି ବୋଲି ହୁଜୁର ଅନୱର ଅ.ବ ପଚାରିବାରୁ ସଭାପତି ମହୋଦୟ କହିଲେ, ହୁଜୁର୍ ! ସେମାନେ ଫ୍ରାଙ୍କଫର୍ଟ ଯାଆନ୍ତି ଏବଂ ଆଜିକାଲି ଅନେକ ଲୋକ ନିଜ ଘରୁ ମଧ୍ୟ ଅନଲାଇନ୍ କାମ କରୁଛନ୍ତି । ତା'ପରେ ହୁଜୁର ଅନ୍‌ୱର ଅ.ବ ଏହି ସହରକୁ ନୂଆ କରି ଆସିଥିବା ସଦସ୍ୟମାନଙ୍କ ସଂପର୍କରେ ପଚାରିଲେ । ପ୍ରତ୍ୟୁତ୍ତରରେ ଜଣେ ଯୁବକ କହିଲେ, ସେ ଅହମଦ ଖାନ୍ ମଙ୍ଗଲା ସାହେବଙ୍କ ପୁଅ ଅଟନ୍ତି ଏବଂ 2018 ମସିହାରେ ରବୱାରୁ ଏଠାକୁ ଆସିଥିଲେ । ରବୱାରୁ ଆଗତ (ଆସିଥିବା) ଜଣେ ଛାତ୍ର କହିଲେ, ସେ ବର୍ତ୍ତମାନ ଏଠାରେ କାମ କରିବା ସହିତ ଜର୍ମାନ୍ ଭାଷାର କୋର୍ସ ମଧ୍ୟ କରୁଛନ୍ତି। ଏହା ପରେ ହୁଜୁର ଅନ୍‌ୱର ଅ.ବ ମସ୍‌ଜିଦ୍ ସଂଲଗ୍ନ କମନ୍ ରୁମ୍ (ସାଧାରଣ କକ୍ଷ) ଏବଂ କାର୍ଯ୍ୟାଳୟର ନିରୀକ୍ଷଣ କଲେ । ଏହି ସମୟରେ ପିଲାମାନେ ବାହାରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ । ହୁଜୁର ଅନ୍‌ୱର ଅ.ବ ସ୍ନେହପୂର୍ବକ ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ତା'ପରେ ହୁଜୁର ଅନ୍‌ୱର ଅ.ବ ମସ୍‌ଜିଦ୍‌ର ସେହି ଭାଗକୁ ଗଲେ ଯେଉଁଠାରେ ଲଜ୍‌ନାମାନେ (ମହିଳା ଶାଖା) ଉପସ୍ଥିତ ଥିଲେ । ଏଠାରେ ପିଲାମାନେ ହୁଜୁର ଅନ୍‌ୱର ଅ.ବଙ୍କ ସେବାରେ ପ୍ରାର୍ଥନାମୂଳକ ନଜମ ଗାନ କଲେ । ମହିଳାମାନେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଦର୍ଶନର ସୌଭାଗ୍ୟ ଲାଭ କଲେ । ମହିଳାମାନଙ୍କ ସଂଖ୍ୟା ଅଧିକ ଥିବାରୁ ବାହାରେ ଟେଣ୍ଟ୍ (ମାର୍କି)ରେ ମଧ୍ୟ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା । ହୁଜୁର ଅନ୍‌ୱର ଅ.ବ ମହିଳାମାନଙ୍କ ଟେଣ୍ଟକୁ ମଧ୍ୟ ଗଲେ ଏବଂ ସ୍ନେହପୂର୍ବକ ଝିଅମାନଙ୍କୁ ଚକଲେଟ୍ ମଧ୍ୟ ଦେଲେ ।

ଏହା ପରେ ହୁଜୁର ଅନ୍‌ୱର ଅ.ବ ମସ୍‌ଜିଦ୍‌ର ବାହାର ପରିସରରେ ଗୋଟିଏ ବାଦାମ ଗଛ ଲଗାଇଲେ । ତା'ପରେ କାର୍ବେନ୍ (Karben) ଜମାଅତ୍‌ର ମଜଲିସ୍ ଆମିଲା (କାର୍ଯ୍ୟକାରୀ କମିଟି)ର ସଦସ୍ୟ, 'ସୋ ମସାଜିଦ୍' (ଶହେ ମସଜିଦ୍) ବିଭାଗର କର୍ମଚାରୀ ଏବଂ ମସଜିଦ୍ ନିର୍ମାଣ ସମୟରେ ଶ୍ରମଦାନ (ୱକାରେ ଅମଲ୍) କରିଥିବା ଦଳ ହୁଜୁର ଅନ୍‌ୱର ଅ.ବଙ୍କ ସହିତ ଦଳଗତ ଫଟୋ ଉଠାଇବାର ସୌଭାଗ୍ୟ ଅର୍ଜନ କଲେ । ମସ୍‌ଜିଦେ ସାଦିକ୍‌ର ଉଦ୍‌ଘାଟନ ଉପଲକ୍ଷେ ମସ୍‌ଜିଦ୍‌ରୁ କିଛି କିଲୋମିଟର ଦୂରରେ ଅବସ୍ଥିତ ସହରର ଟାଉନ୍ ହଲ୍‌ରେ ଗୋଟିଏ ସମାରୋହର ଆୟୋଜନ କରାଯାଇଥିଲା। ହୁଜୁର ଅନ୍‌ୱର ଅ.ବ ମସଜିଦରୁ 5.45 ମନିଟ୍ ସମୟରେ ବାହାରି 5.55 ମନିଟ୍ ସମୟରେ ହଲ୍‌ରେ ପହଞ୍ଚିଲେ । ହୁଜୁର ଅନ୍‌ୱର ଅ.ବଙ୍କ ଆଗମନ ପୂର୍ବରୁ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ନିଜ ନିଜ ଆସନରେ ବସି ସାରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ୯୧ ଜଣ ଅତିଥିମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ CDU, SPD, DIEGRÜNEN ଏବଂ FDPର ସ୍ଥାନୀୟ ଓ ପ୍ରାଦେଶିକ ରାଜନେତା, କ୍ୟାଥୋଲିକ୍ ଚର୍ଚ୍ଚ, ପ୍ରୋଟେଷ୍ଟାଣ୍ଟ୍ ଚର୍ଚ୍ଚ, MORMON CULTURE REGION (ମୋର୍ମନ୍ କଲଚର ରିଜିଅନ୍)ର ପ୍ରତିନିଧି, ପୋଲିସ, ଫାୟାର ବ୍ରିଗେଡ୍, ଓକିଲ, ବିଭିନ୍ନ ଜନ୍ୟାକଲ୍ୟାଣମୂଳକ ସାମାଜିକ ସଂଗଠର ପ୍ରତିନିଧି, ସ୍ପୋର୍ଟସ୍ କ୍ଲବ୍ ଏବଂ ଜୀବନର ବିଭିନ୍ନ କ୍ଷେତ୍ରରୁ ଆସିଥିବା ଅତିଥିମାନେ ସାମିଲ୍ ଥିଲେ ।

କାର୍ଯ୍ୟକ୍ରମର ଆରମ୍ଭ ପବିତ୍ର କୁରଆନ୍ କରୀମ୍ ପାଠରୁ ହୋଇଥିଲା । ଏହାକୁ ଶ୍ରୀଯୁକ୍ତ ହାଫିଜ୍ ବଦର ୟାସିର୍ ଅଶ୍ରଫ ସାହେବ ଆବୃତ୍ତି କଲେ ଏବଂ ଶ୍ରୀଯୁକ୍ତ ୟାସିର୍ ଅହମଦ ସାହେବ ଜର୍ମାନ ଭାଷାରେ ଏହାର ଅନୁବାଦ ଉପସ୍ଥାପିତ କଲେ । ଏହା ପରେ ଜର୍ମାନୀର ଆମୀର୍ ସାହେବ ନିଜର ପରିଚୟାତ୍ମକ ବକ୍ତବ୍ୟ ପ୍ରଦାନ କଲେ । ଆମୀର ସାହେବ ସହରର ପରିଚୟ ଦେଇ କହିଲେ, 1970 ମସିହାରେ କାର୍ବେନ୍ ସହରର ଗଠନ ଆରମ୍ଭ ହୋଇଥିଲା । କିନ୍ତୁ ଏହି ସହରର ଚେର ବହୁ ପ୍ରାଚୀନ ଅଟେ। କାର୍ବେନ୍ ସହରର ନାମ ପ୍ରଥମ ଥର ପାଇଁ 1827 ମସିହାରେ ଉଲ୍ଲେଖ ମିଳେ । ଏହି ସହରରେ 1987 ମସିହାରୁ ଅହମଦିମାନେ ବସବାସ କରିବା ଆରମ୍ଭ କଲେ । କିନ୍ତୁ ଜମାଅତ୍‌ର ଆନୁଷ୍ଠାନିକ ସ୍ଥାପନା 1988 ମସିହାରେ ହୋଇଥିଲା । ଆରମ୍ଭରେ 6ଟି ପରିବାରକୁ ନେଇ 25 ଜଣଙ୍କର ଜମାଅତ୍ ଥିଲା ଯାହା ଏବେ ବୃଦ୍ଧି ପାଇ 276 ରେ ପହଞ୍ଚିଛି । ପ୍ରାରମ୍ଭରେ ବିଭିନ୍ନ ଘରେ ସେଣ୍ଟର୍ କରି ନମାଜ ପାଠ କରାଯାଉଥିଲା । ପରେ ନମାଜ୍ ଏବଂ ସଭା ସମିତି ପାଇଁ ଗୋଟିଏ ଛୋଟ ଘର ଭଡ଼ାରେ ନିଆଗଲା ଯାହା 2013 ମସିହା ପର୍ଯ୍ୟନ୍ତ ବ୍ୟବହୃତ ହେଉଥିଲା । ଏହା ପରେ ସହରର ଟାଉନ୍ ହଲ୍‌ର ବେସମେଣ୍ଟ (ତଳ ମହଲା)ରେ ଗୋଟିଏ ସ୍ଥାନ ମିଳିଲା ଯେଉଁଠାରେ ଜମାଅତ୍ ନିଜର କାର୍ଯ୍ୟକ୍ରମ ଆୟୋଜନ କରୁଥିଲା ।

କାର୍ବେନ୍ (Karben)ରେ ଅହମଦୀୟା ମୁସଲିମ୍ ଜମାଅତ୍ ବହୁ ବର୍ଷ ହେବ ନିଜର ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଜଣାଶୁଣା ଥିଲା । 2013 ମସିହାରୁ ଆମ ଯୁବକମାନଙ୍କ ସଂଗଠନ କାର୍ବେନ୍ ସହରର ଅବର୍ଜନା ସଫା କରିବା ଅଭିଯାନରେ ସାମିଲ ଅଛି । ତତ୍‌ସହିତ ନୂତନ ବର୍ଷ ଅବସରରେ ନିୟମିତ ସଫେଇ କାର୍ଯ୍ୟ କରିଥଏ। 2013 ମସିହାରେ ମସ୍‌ଜିଦ୍ ପାଇଁ ଜମି ଅଧିଗ୍ରହଣ ସଂପର୍କରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା ଏବଂ ନିର୍ମାଣର ପ୍ରାରମ୍ଭିକ ଆବେଦନ ମଞ୍ଜୁର ହେବା ପରେ 2014 ମସିହାରେ 834 ବର୍ଗ ମିଟରର ଏହି ଜମି ପାଇବାର ସୌଭାଗ୍ୟ ମିଳିଲା । ହୁଜୁର ଅନ୍‌ୱର ଅ.ବ 17 ଜୁନ୍ 2014 ମସିହାରେ ଏଠାକୁ ଆସି ମସ୍‌ଜିଦ୍ ସାଦିକ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ନମାଜ୍ ହଲ୍ ସହିତ ଗୋଟିଏ ମଲ୍ଟିପର୍ପସ୍ (ବହୁମୁଖୀ) ରୁମ୍ ମଧ୍ୟ ନିର୍ମାଣ କରାଯାଇଛି । ଏହି ଦୁଇଟିର ନିର୍ମାଣ କ୍ଷେତ୍ରଫଳ 126 ବର୍ଗ ମିଟର ଅଟେ । ଏହା ବ୍ୟତୀତ ଗୋଟିଏ କାର୍ଯ୍ୟାଳୟ ଏବଂ କିଛି ଛୋଟ କୋଠରୀ ମଧ୍ୟ ରହିଛି ଯାହା କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେବ । ମସ୍‌ଜିଦ୍ ସଂଲଗ୍ନ ଗୋଟିଏ ରୋଷେଇ ଘର ଏବଂ ଗେଷ୍ଟ୍ (ଅତିଥିଗୃହ) ରୁମ୍ ମଧ୍ୟ ରହିଛି। ଗମ୍ବୁଜର ବ୍ୟାସ 6 ମିଟର ଅଟେ । ଦୁଇଟି ମିନାରା (ସୌଧ) ନିର୍ମାଣ କରାଯାଇଛି । ତନ୍ମଧ୍ୟରୁ ପ୍ରତ୍ୟେକ ମିନାରାର ଉଚ୍ଚତା ୭ ମିଟର ।

ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 22-29 Oct 2026 Issue No. 43-44
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ ସ.ଅ ର ଅବିଶିଷ୍ଟାଂଶ

ସେଥିପାଇଁ ଏହି ସନ୍ଧି ବା ଶପଥର ନାମ 'ହିଲ୍‌ଫୁଲ୍ ଫୁଜୁଲ୍' ବୋଲି ରଖାଗଲା। କେତେକ ବର୍ଣ୍ଣନା ଅନୁସାରେ ଏହି ପ୍ରସ୍ତାବର ପ୍ରବର୍ତ୍ତକ ଏପରି ବ୍ୟକ୍ତିମାନେ ଥିଲେ ଯାହାଙ୍କ ନାମରେ 'ଫଜଲ୍' ଶବ୍ଦ ଆସୁଥିଲା । ସେଇଥିପାଇଁ ଏହି ଶପଥ 'ହିଲ୍‌ଫୁଲ୍ ଫୁଜୁଲ୍' ନାମରେ ପ୍ରସିଦ୍ଧ ହେଲା ।

(ରୌଜୁଲ୍ ଉନୁଫି, ଲେଖକ- ଇମାମ୍ ସୁହେଲି, ଗ୍ରନ୍ଥଖଣ୍ଡ-1, ପୃ-11)

ସେ ଯାହାହେଉ, ଫୁଜ୍ଜାର୍ ଯୁଦ୍ଧ ପରେ ଏବଂ ସମ୍ଭବତଃ ଏହି ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇ ହ. ମୁହମ୍ମଦ ସ.ଅଙ୍କ କାକା (ଚଚା) ଜୁବୈର୍ ବିନ୍ ଅବ୍‌ଦୁଲ୍ ମୁତ୍ତଲିବ୍‌ଙ୍କ ମନରେ ଏହି ପ୍ରେରଣା ତଥା ଆହ୍ୱାନ ଜାଗ୍ରତ ହେଲା ଯେ, ଏହି ଶପଥକୁ ପୁନର୍ବାର ସତେଜ କରାଯାଉ । ତେଣୁ ଏହାର ଆହ୍ୱାନରେ କୁରୈଶ୍ ଗୋଷ୍ଠୀର କେତେକ ପ୍ରତିନିଧି ଅବ୍‌ଦୁଲ୍ଲାହ ବିନ୍ ଜଦ୍‌ଆନ୍‌ଙ୍କ ଘରେ ଏକତ୍ରିତ ହେଲେ । ଯେଉଁଠାରେ ଅବ୍‌ଦୁଲ୍ଲାହ ବିନ୍ ଜଦ୍‌ଆନ୍‌ଙ୍କ ପକ୍ଷରୁ ଏକ ଭୋଜିର ବ୍ୟବସ୍ଥା ହୋଇଥିଲା ଏବଂ ପରେ ସମସ୍ତେ ଏକମତ ହୋଇ ଶପଥ ନେଲେ ଯେ, ଆମେମାନେ ସର୍ବଦା ଅନ୍ୟାୟକୁ ରୋକିବୁ ଏବଂ ମଜ୍‌ଲୁମ୍ (ଅତ୍ୟାଚାରିତ ଓ ନିଷ୍ପେଷିତ)ମାନଙ୍କୁ ସର୍ବଦା ସାହାଯ୍ୟ କରିବୁ । ଉକ୍ତ ଚୁକ୍ତିର ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ବନୁ ହାଶିମ୍, ବନୁ ମୁତ୍ତଲିବ୍, ବନୁ ଅସଦ୍, ବନୁ ଜୋହରା ଏବଂ ବନୁ ତୈମ୍ (ସଂପ୍ରଦାୟର ଲୋକମାନେ) ସାମିଲ୍ ଥିଲେ ।

(ମିଓର୍ ସାହେବ, ପୃ-25)

ଆଁହଜରତ୍ ସ.ଅ ମଧ୍ୟ ଇତ୍ୟବସରରେ ସେଠାରେ ଉପସ୍ଥିତ ଥିଲେ ଏବଂ ଏହି ଚୁକ୍ତିର ଅଂଶୀଗ୍ରହଣକାରୀମାନଙ୍କ ମଧ୍ୟରୁ ଅନ୍ୟତମ ପ୍ରବର୍ତ୍ତକ ଥିଲେ । ତେଣୁ ଆପଣ ସ.ଅ ନବୁୱତ୍ (ଅବତାରତ୍ୱ) ସମୟରେ ଥରେ କହିଥିଲେ ଯେ, "ମୁଁ ଅବ୍‌ଦୁଲ୍ଲାଃ ବିନ୍ ଜଦ୍‌ଆନ୍‌ଙ୍କ ଘରେ ଏପରି ଏକ ଶପଥରେ ସାମିଲ ଥିଲି ଯେ, ଯଦି ଆଜି ଇସ୍‌ଲାମ୍‌ର ଯୁଗରେ ମଧ୍ୟ କେହି ମୋତେ ସେଥିପାଇଁ ଡାକେ ତେବେ ମୁଁ ସେଥିପାଇଁ ଉପସ୍ଥିତ ଅଛି ବୋଲି ଉତ୍ତର ଦେବି (ପ୍ରସ୍ତୁତ ରହିବି) ।" ବୋଧହୁଏ ଏହା ଚିନ୍ତାଧାରାର ପ୍ରଭାବ ଥିଲା ଯେ, ଯେତେବେଳେ ଥରେ ଅମୀର୍ ମୁଆୱିୟାଙ୍କ ସମୟରେ ତାଙ୍କ ପୁତ୍ରରା ୱଲିଦ ବିନ୍ ଉତ୍‌ବା ବିନ୍ ଅବୁ ସୁଫିୟାନ୍ ଯିଏ ସେତେବେଳେ ମଦିନାର ଅମୀର୍ (ରାଜ୍ୟପାଳ) ଥିଲେ, ହ. ହୁସୈନ୍ ର.ଅ ବିନ୍ ଅଲୀ ର.ଅ ବିନ୍ ଅବୀ ତାଲିବଙ୍କର କୌଣସି ଅଧିକାରକୁ ଯେତେବେଳେ ଛଡ଼ାଇ ନେଲେ (ଚାପି ଦେଲେ) ସେତେବେଳେ ହ. ହୁସୈନ୍ ର.ଅ କହିଲେ ଯେ, "ଈଶ୍ୱରଙ୍କ ଶପଥ କରି କହୁଛି ଯଦି ୱଲିଦ୍ ମୋର ଅଧିକାର ନ ଦେବେ ତେବେ ମୁଁ ଖଡଗ୍ ବାହାର କରି ମସ୍‌ଜିଦେ ନବୱୀରେ ଛିଡ଼ା ହୋଇଯିବି ଏବଂ 'ହିଲଫୁଲ୍ ଫୁଜୁଲ୍' (ଚୁକ୍ତି) ଆଡ଼କୁ ଲୋକଙ୍କୁ ଡାକିବି ।"

ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଏହା ଶୁଣିଲେ ସେତେବେଳେ ସେ କହିଲେ ଯେ, ଯଦି ହୁସୈନ୍ ର.ଅ ଏହି ଶପଥ ଆଡ଼କୁ ଡାକନ୍ତି ତେବେ ମୁଁ ନିଶ୍ଚିତ ଭାବରେ ଏଥିପାଇଁ ଉପସ୍ଥିତି ଅଛି ବୋଲି କହିବି ଏବଂ ଆମେ ହୁଏତ ତାଙ୍କର ଅଧିକାର ଦେବୁ । ନଚେତ୍ ଏହି ପ୍ରୟାସରେ ସମସ୍ତେ ମୃତ୍ୟୁବରଣ କରିବୁ । ଅନ୍ୟ କେତେକ ବ୍ୟକ୍ତିମାନେ ମଧ୍ୟ ଏହି ପ୍ରକାରର ଶବ୍ଦ କହିଲେ ଯେଉଁଥିପାଇଁ ୱଲିଦ୍ ନରମ ପଡ଼ିଗଲେ ଏବଂ ସେ ହ. ହୁସୈନ୍ ର.ଅଙ୍କର ଅଧିକାର ପ୍ରଦାନ କଲେ । ମନେରଖନ୍ତୁ ଯେ, ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ 'ବନୁ ଅସଦ୍' ସଂପ୍ରଦାୟରୁ ଥିଲେ । ସେ 'ହିଲଫୁଲ୍ ଫୁଜୁଲ୍'ରେ ସାମିଲ ଥିଲେ ।

ହୁଲିୟା-ଏ-ମୁବାରକ (ଆଁହଜରତ୍ ସ.ଅଙ୍କ ପବିତ୍ର ରୂପ):

ବର୍ତ୍ତମାନ ଆଁହଜରତ୍ ସ.ଅ ଯୁବକ ଥିଲେ ଏବଂ ଶାରୀରିକ ଗଠନ ସମ୍ପୂର୍ଣ୍ଣ ହୋଇ ସାରିଥିଲା । ତେଣୁ ଇତ୍ୟବସରରେ ଆପଣ ସ.ଅଙ୍କର ହୁଲିୟା (ରୂପ) ବର୍ଣ୍ଣନା କରିବା ଉଚିତ୍ ହେବ । ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ମଧ୍ୟ ଉଚ୍ଚତା ସମ୍ପନ୍ନ ଥିଲେ । ବର୍ଣ୍ଣ (ଶରୀରର ରଙ୍ଗ) ବହୁତ ସୁନ୍ଦର ଥିଲା । ଅର୍ଥାତ୍ ନା ଅଧିକ ଗୋରା ଯାହା ଖରାପ ଲାଗିବ ଏବଂ ନା ଗହମ ରଙ୍ଗ (କଳା ଗୋରା) । ବରଂ ଗହମ ରଙ୍ଗରୁ ଇଷତ୍ ଆପଣ ସ.ଅ ଗୌର ବର୍ଣ୍ଣ (ଗୋରା ରଙ୍ଗର) ଥିଲେ । ମୁଣ୍ଡର କେଶ ସମ୍ପୂର୍ଣ୍ଣ ସଳଖ ଓ ଅଗ ତୀକ୍ଷ୍ଣ ନଥିଲା । ବରଂ କିଛି ପରିମାଣରେ କୁଞ୍ଚୁକୁଞ୍ଚିଆ (ତରଙ୍ଗାୟିତ) ଥିଲା । ଦାଢ଼ି ଘଞ୍ଚ ଏବଂ ସୁନ୍ଦର ଥିଲା । ଶରୀର ମଧ୍ୟମ ଥିଲା । ଚର୍ମ କୋମଳ ଓ ନରମ ଥିଲା ଏବଂ ଆପଣଙ୍କ ଶରୀର ଓ ଝାଳରେ ଏକ ପ୍ରକାରର ସୁଗନ୍ଧ ମିଳୁଥିଲା । ମୁଣ୍ଡ ବଡ଼ ଥିଲା । ଛାତି ଓସାରିଲା ଥିଲା । ହାତ ଓ ଗୋଡ଼ ଭରପୂର (ମାଂସଳ) ଥିଲା । ପାପୁଲି ଓସାରିଆ ଥିଲା । ଚେହେରା ଗୋଲାକାର ଥିଲା । କପାଳ ଓ ନାକ ଉଚ୍ଚ ଥିଲା । ଆଖି କଳା ଓ ଉଜ୍ଜ୍ୱଳ ଥିଲା ଏବଂ ପଲକ (ଆଖି ପତା ବା ଭ୍ରୂଲତା) ଲମ୍ବା ଥିଲା । ଚାଲିବାରେ ଗାମ୍ଭୀର୍ଯ୍ୟତା ଥିଲା । କିନ୍ତୁ ସାଧାରଣତଃ ଦ୍ରୁତ ଗତିରେ ପାଦ ଉଠୁଥିଲା । କଥାବାର୍ତ୍ତାରେ ଧୀର ସ୍ଥିରତା ଥିଲା । ଏପରିକି ଯଦି କୌଣସି ବ୍ୟକ୍ତି ଶୁଣିବାକୁ ଚାହୁଁଥିଲା ସେତେବେଳେ ସେ ଆପଣ ସ.ଅଙ୍କ ଶବ୍ଦଗୁଡ଼ିକୁ ଶୁଣି ପାରୁଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

ସିରତୁଲ୍ଲୁ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ଗୋଟିଏ ସମୟରେ ଆପଣ ଲେମ୍ବୁ ସରବତ (ସ୍କଞ୍ଜବୀନ୍) ବହୁତ ବ୍ୟବହାର କରୁଥିଲେ । କିନ୍ତୁ ପରେ ତାହା ଛାଡ଼ିଦେଲେ । ଥରେ ଆପଣ ଗୋଟିଏ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ରନ୍ଧା ଖାଦ୍ୟ ଖାଇଲେ ନାହିଁ । କେବଳ ଅଳ୍ପ ଦହି ସହ ରୁଟି ଲଗାଇ ଖାଇ ଦେଉଥିଲେ । କେବେ କେବେ ମକା ରୁଟି ଖାଇବାକୁ ମଧ୍ୟ ବହୁତ ଭଲ ପାଉଥିଲେ। ଖାଇବା ସମୟରେ ରୁଟିକୁ ଛୋଟ ଛୋଟ ଖଣ୍ଡ କରୁଥିଲେ । କିଛି ଖାଉଥିଲେ ଏବଂ କିଛି ଛାଡ଼ି ଦେଉଥିଲେ । ଖାଇବା ପରେ ଆପଣ ଅ.ସଙ୍କ ସାମ୍ନାରୁ ଅନେକ ଛୋଟ ଛୋଟ ରୁଟି ଗୁଣ୍ଡ ଉଠାଯାଉଥିଲା । ଗୋଟିଏ ସମୟରେ ଆପଣ ଅ.ସ ଚାହାର ବହୁତ ବ୍ୟବହାର (ସେବନ) କରିଥିଲେ । କିନ୍ତୁ ପରେ ତାହା ବି ଛାଡ଼ିଦେଲେ । ମାତାଶ୍ରୀ କହିଲେ, ହ. ସାହେବ ବହୁତ କମ୍ ଖାଉଥିଲେ ଏବଂ ଖାଇବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା। ସକାଳ ଖାଦ୍ୟ କେବେ କେତେବେଳେ 12.00/1.00 ରେ ମଧ୍ୟ ଖାଉଥିଲେ ତ' ସନ୍ଧ୍ୟା ଖାଦ୍ୟ ସାଧାରଣତଃ ମଗରିବ୍ (ସନ୍ଧ୍ୟା ପ୍ରାର୍ଥନା) ପରେ ହିଁ ଖାଉଥିଲେ । କିନ୍ତୁ ବେଳେବେଳେ ତା' ପୂର୍ବରୁ ମଧ୍ୟ ଖାଇ ଦେଉଥିଲେ । ମୋଟାମୋଟି ଭାବେ କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା । ବେଳବେଳେ ନିଜେ ଖାଇବା ମାଗି ନେଉଥିଲେ ଯେ, "ଆଣ ଖାଦ୍ୟ ପ୍ରସ୍ତୁତ ଅଛି ତ' ଦେଇଦିଅ । କାରଣ ପୁଣି ମୁଁ କାମ ଆରମ୍ଭ କରିବି ।"

ବିନୀତ (ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ) ପଚାରିଲା ଯେ, " ମାତାଶ୍ରୀ ! ଆପଣ ଅ.ସ (ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସ) କେଉଁ ସମୟରେ କାମ କରୁଥିଲେ?" ମାତାଶ୍ରୀ କହିଲେ, "ବାସ୍ ସାରା ଦିନ କାମରେ ହିଁ ବିତୁଥିଲା । 10ଟା ବେଳେ ଡାକ (ଚିଠିପତ୍ର) ଆସୁଥିଲା । ତେଣୁ ଆପଣ ଅ.ସ ସେହି ଡାକ ପଢୁଥିଲେ ଏବଂ ତା' ପୂର୍ବରୁ ବେଳେବେଳେ ଲେଖାଲେଖି କାମ ଆରମ୍ଭ କରୁ ନଥିଲେ ଯେପରିକି ଡାକ ଯୋଗୁଁ ମଝିରେ କାମର ଧାରାବାହିକତା ଭଙ୍ଗ ନହୁଏ । କାମ ଯେପରି ବାଧିତ ନହେଉ । କିନ୍ତୁ ବେଳେବେଳେ ତା' ପୂର୍ବରୁ ହିଁ କାମ ଆରମ୍ଭ କରିଦେଉଥିଲେ ।" ବିନୀତ କହୁଛି ଯେ, ହ. ମସିହ୍ ମଉଦ୍ ଅ.ସ ପ୍ରତିଦିନ ଲାହୋରରୁ 'ଅଖ୍‌ବାରେ ଆମ୍' ନାମକ ଖବର କାଗଜ ମଗାଉଥିଲେ ଏବଂ ନିୟମିତ ପାଠ କରୁଥିଲେ । ଏହା ବ୍ୟତୀତ ଶେଷ ଦିନମାନଙ୍କରେ ଅନ୍ୟ କୌଣସି ଖବରକାଗଜ ନିଜେ ମଗାଉନଥିଲେ । ହଁ କେହି ଯଦି ପଠାଇ ଦେଉଥିଲା ତେବେ ତାହା ମଧ୍ୟ ଆପଣ ଅ.ସ ପାଠ କରି ନେଉଥିଲେ ।

{57} بسم الله الرحمن الرحيم ମାତାଶ୍ରୀ ମୋତେ କହିଲେ, ଯେ, ପୂର୍ବେ ଲଙ୍ଗର (ମାଗଣା ଭୋଜନାଳୟ)ର ବ୍ୟବସ୍ଥା ଆମ ଘରେ ହିଁ ହେଉଥିଲା ଏବଂ ଘରୁ ହିଁ ସମସ୍ତ ଖାଦ୍ୟ ପ୍ରସ୍ତୁତ ହୋଇ ଯାଉଥିଲା । କିନ୍ତୁ ଶେଷ ବର୍ଷଗୁଡ଼ିକରେ ଯେତେବେଳେ କାମ ବହୁତ ବଢ଼ିଗଲା, ସେତେବେଳେ ମୁଁ କହିକି ବାହାରେ ଏହାର ବ୍ୟବସ୍ଥା କରାଇଦେଲି। ମୁଁ ମୋର ମାଆଙ୍କୁ ପଚାରିଲି ଯେ, ମାଆ ! "ହଜରତ୍ ସାହେବ କୌଣସି ଅତିଥିଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ତିଆରି କରିବାକୁ ମଧ୍ୟ କହୁଥିଲେ କି ?" ମାଆ ଉତ୍ତର ଦେଲେ, "ହଁ, ବେଳେବେଳେ ସେ କହୁଥିଲେ ଯେ, ଅମକ ଅତିଥି ଆସିଛନ୍ତି ତାଙ୍କ ପାଇଁ ଏହି ଖାଦ୍ୟ ତିଆରି କରିଦିଅ।" ମାତାଶ୍ରୀ କହିଲେ ଯେ, "ପ୍ରାରମ୍ଭିକ ଦିନ ମାନଙ୍କରେ ସମସ୍ତ ଲୋକ ଲଙ୍ଗରରୁ ହିଁ ଆହାର ଖାଉଥିଲେ । ସେ ଅତିଥି ହୁଅନ୍ତୁ କିମ୍ବା ଏଠାରେ ସ୍ଥାୟୀ ଭାବରେ ରହୁଥିବା ଅଧିବାସୀ ହୁଅନ୍ତୁ । ସ୍ଥାୟୀ ଭାବେ ରହୁଥିବା ଲୋକମାନେ କେତେବେଳେ କେମିତି ନିଜ ପସନ୍ଦର କୌଣସି ଜିନିଷ ଘରେ ମଧ୍ୟ ରୋଷେଇ କରି ନେଉଥିଲେ । କିନ୍ତୁ ହୁଜର ଅ.ସଙ୍କର ଏହି ଇଚ୍ଛା ଥିଲା ଯେ, ଯଦି ସମ୍ଭବ ହୁଏ ତେବେ ଏଭଳି ଜିନିଷଗୁଡ଼ିକ ମଧ୍ୟ ସେମାନଙ୍କ ପାଇଁ ଆପଣଙ୍କ ତରଫରୁ ହିଁ ପ୍ରସ୍ତୁତ ହେଉଥିଲା । ଆପଣ ଅ.ସଙ୍କର ଏହି ଇଚ୍ଛା ରହୁଥିଲା ଯେ, ଯେଉଁ ବ୍ୟକ୍ତି ଯେଉଁ ପ୍ରକାରର ଖାଦ୍ୟର ଅଭ୍ୟାସୀ ଅଟେ ତାକୁ ସେହି ପ୍ରକାରର ଖାଦ୍ୟ ଯୋଗାଇ ଦିଆଯାଉ । ବିନୀତ କହୁଛି ଯେ, ହଜରତ ମସିହ୍ ମଉଦ ଅ.ସଙ୍କ ଜୀବନ କାଳରେ ଲଙ୍ଗରର ବ୍ୟବସ୍ଥା ନିଜେ ଆପଣ ଅ.ସଙ୍କ ହାତରେ ହିଁ ରହୁଥିଲା । କିନ୍ତୁ ଆପଣ ଅ.ସଙ୍କ ଦେହାନ୍ତ ପରେ ହ. ଖଲିଫା ଅୱ୍ୱଲ୍ ର.ଅ ଏହି ବ୍ୟବସ୍ଥା 'ସଦର ଅଞ୍ଜୁମନ ଅହମଦିୟା କାଦିୟାନଙ୍କୁ ହସ୍ତାନ୍ତର କରିଦେଲେ । ମାତାଶ୍ରୀ କହିଲେ, ହ. ମସିହ ମଉଦ ଅ.ସଙ୍କ ସମୟରେ କେତେକ ଲୋକ ହୁଜୁର ଅ.ସଙ୍କୁ କହୁଥିଲେ ଯେ, ହୁଜୁରଙ୍କୁ ଏହି ବ୍ୟବସ୍ଥା ଯୋଗୁଁ ବହୁତ କଷ୍ଟ ହେଉଛି ଏବଂ ହୁଜୁରଙ୍କର ସମୟ ମଧ୍ୟ ନଷ୍ଟ ହେଉଛି । ଏହାକୁ ନିଜ ଖାଦିମ୍‌ମାନଙ୍କ (ସେବକମାନଙ୍କ) ହାତରେ ହସ୍ତାନ୍ତର କରି ଦିଅନ୍ତୁ। କିନ୍ତୁ ଆପଣ ଅ.ସ ମାନିଲେ ନାହିଁ । କାରଣ ଆପଣ ଅ.ସଙ୍କୁ ଏହି ଆଶଙ୍କା ରହୁଥିଲା ଯେ, କାଳେ ଏହି ବ୍ୟବସ୍ଥା ଅନ୍ୟ ପାଖକୁ ଚାଲିଯିବା ଯଦ୍ଦ୍ୱାରାକି କୌଣସି ଅତିଥିଙ୍କୁ କଷ୍ଟ ହେବ । ବିନୀତ କହୁଛି ଯେ, ଏହି ପ୍ରୟାସ ସେହି ଲୋକମାନଙ୍କ ତରଫରୁ ଥିଲା ଯେଉଁମାନେ ଆପଣ ଅ.ସଙ୍କ ବୋଝ ହାଲୁକା କରିବା ପାଇଁ କେବଳ ଏଭଳି କଥା କହୁ ନଥିଲେ ବରଂ ସେମାନଙ୍କ ନିୟତ (ଅନ୍ତର୍ନିହିତ ଉଦ୍ଦେଶ୍ୟ)ରେ ଉପଦ୍ରବ ରହିଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan